بِسۡمِ اللّٰہِ الرَّحۡمٰنِ الرَّحِیۡمِ    نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ    وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ସାପ୍ତାହିକ
ବଦର୍
Weekly
କାଦିଆନ
BADAR
Qadian
Odia

ଖଣ୍ଡ: 11

**ସମ୍ପାଦକ:**
କମ୍ରୁଲ୍ ହକ୍ ଖାନ୍

**ସହ ସମ୍ପାଦକ:**
ସୟଦ୍ ଅତାଉଲ୍ ୱାହାବ୍

ସଂଖ୍ୟା: 21
ବାର୍ଷିକ ଦେୟ: 600/-

03 ଜୁଲ୍ ହଜ୍ଜା , 1447 ହି.କ, 21 ହିଜରତ୍ 1405 ହି.ଶ, 21 May 2026 ମସିହା

www.akhbarbadr.in


## ଅଲ୍ଲାଃତାଲାଙ୍କ ବାଣୀ

يٰۤاَيُّهَا الَّذِيۡنَ اٰمَنُوۡۤا اِذَا تَدَايَنۡتُمۡ بِدَيۡنٍ اِلٰۤى اَجَلٍ مُّسَمًّى......وَاللّٰهُ بِكُلِّ شَىۡءٍ عَلِيۡمٌ ○ **(ଅଲ୍ ବକରାହ୍: 183)**

**ଅନୁବାଦ** "ହେ ବିଶ୍ୱାସକାରୀମାନେ ! ଯେବେ ତୁମେମାନେ ଜଣେ ଅନ୍ୟ ଠାରୁ କୌଣସି ନିର୍ଦ୍ଦିଷ୍ଟ ସମୟ ପାଇଁ କରଜ (ଋଣ) ନିଅ ତେବେ ତାହାକୁ ଲେଖି ପକାଅ ଏବଂ କୌଣସି ଲେଖାଳି ତୁମମାନଙ୍କ ମଧ୍ୟରେ ନିଷ୍ପତ୍ତି କରା ହୋଇଥିବା ଚୁକ୍ତିକୁ ନ୍ୟାୟ ସଂଗତ ଭାବରେ ଲେଖି ଦେଉ ଏବଂ କୌଣସି ଲେଖାଳି ଲେଖିଦେବାକୁ ମନେ ନକରୁ । କାରଣ ଅଲ୍ଲାଃ ତାହାକୁ ଲେଖିଦେବାକୁ ଶିଖାଇଛନ୍ତି । ତେଣୁ ସେ ନିଶ୍ଚୟ ଲେଖିଦେଉ ଓ ଯାହାଠାରେ ଦାୟିତ୍ୱ ରହିଅଛି ସେ ହିଁ ଲେଖାଇ ନେଉ ଏବଂ ଲେଖାଇବା ସମୟରେ ସେ ନିଜର ପାଳନକର୍ତ୍ତା ଅଲ୍ଲାଃଙ୍କ ପ୍ରତି ଭୟ ରଖୁ ଏବଂ ଏଥିରେ କିଛି କମ୍ ନକରୁ ଏବଂ ଯଦି ଦାୟିତ୍ୱ ବହନ କରୁଥିବା ବ୍ୟକ୍ତି ନିର୍ବୋଧ ହୋଇଥାଏ, ଦୁର୍ବଳ ହୋଇଥାଏ ବା ନିଜେ ଲେଖିବାର ସାମର୍ଥ୍ୟ ରଖୁ ନଥାଏ ତେବେ ତା' ପରିବର୍ତ୍ତେ ତା'ର କାର୍ଯ୍ୟ ନିର୍ବାହକ ନ୍ୟାୟସଂଗତ ଭାବେ ଦଲିଲ୍ ଲେଖାଇ ନେବ ଏବଂ ତୁମେମାନେ ନିଜ ପୁରୁଷମାନଙ୍କ ମଧ୍ୟରୁ ସେହି ଘଟଣାବେଳେ ଦୁଇ ଜଣ ସାକ୍ଷୀଙ୍କୁ ନିଯୁକ୍ତ କର । ଅବଶ୍ୟ ଯଦି ଉଭୟ ସାକ୍ଷୀ ପୁରୁଷ ହୋଇ ନଥାଆନ୍ତି ତେବେ ଘଟଣା ସମୟରେ ସାକ୍ଷୀମାନଙ୍କ ମଧ୍ୟରୁ ଯେଉଁ ଲୋକମାନଙ୍କୁ ସାକ୍ଷୀ ରୂପେ ତୁମେ ପସନ୍ଦ କରୁଥାଅ ତେବେ ସେମାନଙ୍କ ମଧ୍ୟରୁ ଜଣେ ପୁରୁଷ ଓ ଦୁଇ ଜଣ ମହିଳାଙ୍କୁ ସାକ୍ଷୀ କର । ଦୁଇ ଜଣ ମହିଳା ସାକ୍ଷୀ ବିଷୟକ ସର୍ତ୍ତ ଏଥିଯୋଗୁଁ ଅଛି ଯଦ୍ଦ୍ୱାରା ସେମାନଙ୍କ ମଧ୍ୟରୁ ଜଣେ ପାସୋରିଯିବ ଅବସ୍ଥାରେ ଉଭୟଙ୍କ ମଧ୍ୟରୁ ପ୍ରତ୍ୟେକ ଅନ୍ୟକୁ ବିଷୟଟି ମନେ ପକାଇଦେବ ଏବଂ ଯେବେ ସାକ୍ଷୀମାନଙ୍କୁ ଡକା ହେବ ସେତେବେଳେ ସେମାନେ ମନା ନକରନ୍ତୁ ଏବଂ ତାହା ଛୋଟ ନେଣଦେଣ ହେଉ କି ବଡ଼, ତୁମେମାନେ ପରିଶୋଧର ନିର୍ଦ୍ଦିଷ୍ଟ ସମୟ ସମେତ ତାହାକୁ ଲେଖିବାରେ ଅବହେଳା କର ନାହିଁ । ଏ ବିଷୟ ଅଲ୍ଲାଃଙ୍କ ନିକଟରେ ଅଧିକ ନ୍ୟାୟସଂଗତ ଅଟେ ଓ ସାକ୍ଷ୍ୟ ପ୍ରଦାନକୁ ଅଧିକ ଯଥାର୍ଥ କରାଇଥାଏ ତଥା ତୁମମାନଙ୍କ ସକାଶେ ଏପରି ବିଷୟକୁ ନିକଟବର୍ତ୍ତୀ କରାଏ, ଯଦ୍ଦ୍ୱାରା ତୁମେମାନେ ସନ୍ଦେହରେ ପଡ଼ିବ ନାହିଁ । ସୁତରାଂ ନେଣ ଦେଣକୁ ଲେଖି ପକାଇବା ଆବଶ୍ୟକ । ଯେଉଁ ସ୍ଥଳେ ହାତକୁ ହାତ କାରବାରରେ ତୁମେମାନେ ପରସ୍ପର ମଧ୍ୟରେ ମାଲ ଓ ଧନ ଆଦାନ ପ୍ରଦାନ କରି ଯଦି ସେହି ସମୟରେ କାରବାର ସମାପ୍ତ କରି ଦେଉଛ ତେବେ ସେହି ସ୍ଥଳେ ଏହାକୁ ଅର୍ଥାତ୍ ଏହି ନେଣଦେଣକୁ ନଲେଖିଲେ କିଛି ପାପ ନାହିଁ । ଯେବେ ପରସ୍ପର ମଧ୍ୟରେ କ୍ରୟ ବିକ୍ରୟ କର ତେବେ ସାକ୍ଷୀ ନିଯୁକ୍ତ କର ଏବଂ ଏ ବିଷୟକୁ ମନେରଖିବାକୁ ହେବ ଯେ ଲେଖାଳିଙ୍କୁ କଷ୍ଟ ଦିଆ ନଯାଉ କି ସାକ୍ଷୀଙ୍କୁ ଏବଂ ଯଦି ତୁମେମାନେ ଏପରି କର ତେବେ ଏହା ଅର୍ଥାତ୍ ଏହି ବିଷୟ ତୁମମାନଙ୍କ ପକ୍ଷେ ଆମାନ୍ୟତାର ଲକ୍ଷଣ ହେବ ଏବଂ ତୁମେମାନେ ଅଲ୍ଲାଃଙ୍କୁ ଭୟ କରିବା ଉଚିତ୍ ଏବଂ ଯଦି ତୁମେମାନେ ଏପରି କରିବ ତେବେ ଅଲ୍ଲାଃ ତୁମମାନଙ୍କୁ ଜ୍ଞାନ ପ୍ରଦାନ କରିବେ ଏବଂ ଅଲ୍ଲାଃ ପ୍ରତ୍ୟେକ ବିଷୟକୁ ଭଲ ରୂପେ ଜାଣନ୍ତି ।"

## ଆଁହଜରତ୍ ସ.ଅଙ୍କ ବାଣୀ

## କରଜ ବା ଋଣ ପରିଶୋଧ ନିମନ୍ତେ ଦୁଆ

عَنۡ اَبِیۡ هُرَيۡرَةَ رَضِیَ اللّٰهُ عَنۡهُ اَنَّ رَجُلًا اَتَى النَّبِیَّ صَلَّى اللّٰهُ عَلَيۡهِ وَسَلَّمَ يَتَقَاضَاهُ فَاَغۡلَظَ لَهٗ، فَهَمَّ بِهٖ اَصۡحَابُهٗ فَقَالَ رَسُوۡلُ اللّٰهِ صَلَّى اللّٰهُ عَلَيۡهِ وَسَلَّمَ دَعُوۡهُ فَاِنَّ لِصَاحِبِ الۡحَقِّ مَقَالًا، ثُمَّ قَالَ: اَعۡطُوۡهُ سِنًّا مِثۡلَ سِنِّهٖ، قَالُوۡا: يَا رَسُوۡلَ اللّٰهِ لَا نَجِدُ اِلَّا اَمۡثَلَ مِنۡ سِنِّهٖ، قَالَ: اَعۡطُوۡهُ فَاِنَّ خَيۡرَكُمۡ اَحۡسَنُكُمۡ قَضَآءً۔

**(ମୁସ୍‌ଲିମ୍ କିତାବୁଲ୍ ବୁୟୁ, ବାବ୍- ମନ୍ ଇସ୍ତସ୍‌ଲଫା ଫକଜା ଖୈରନ୍ ମିନ୍‌ହୁ)**

ହ. ଅବୁ ହୁରେରାହ୍ ର.ଅ ବର୍ଣ୍ଣନା କରନ୍ତି ଯେ, ଏକଦା ଜନୈକ (ଜଣେ) ବ୍ୟକ୍ତି ରସୁଲୁଲ୍ଲାଃ ସ.ଅଙ୍କ ସେବାରେ ଉପସ୍ଥିତ ହେଲା ଏବଂ ସେ ଆପଣ ସ.ଅଙ୍କୁ ଋଣ ପରିଶୋଧ କରିବା ନିମନ୍ତେ ଦାବି କଲା ଓ ଆପଣ ସ.ଅଙ୍କ ପ୍ରତି ଅସଦାଚରଣ ପ୍ରଦର୍ଶନ କଲା । ଏହା ଦେଖି ଆପଣ ସ.ଅଙ୍କ ସାହାବାମାନଙ୍କୁ କ୍ରୋଧ ଆସିଲା ଏବଂ ସେମାନେ ସେହି ବ୍ୟକ୍ତିକୁ ପାଟି କରିବାକୁ ଲାଗିଲେ । ପ୍ରତ୍ୟୁତ୍ତରରେ ରସୁଲ୍ କରୀମ୍ ସ.ଅ କହିଲେ, ହେ ସାହାବାମାନେ! ତୁମେମାନେ ତାକୁ କିଛି କୁହ ନାହିଁ । କାରଣ ଯେଉଁ ବ୍ୟକ୍ତି ନିଜର ଋଣ ଫେରସ୍ତ ନେବ ସେହି ବ୍ୟକ୍ତିକୁ କିଛି ନା କିଛି କହିବାର ଅଧିକାର ମଧ୍ୟ ରହିଛି । ପୁନଶ୍ଚ ଆପଣ ସ.ଅ କହିଲେ, ହେ ସାହାବାମାନେ ! ତୁମେମାନେ ଉକ୍ତ ବ୍ୟକ୍ତିକୁ ସେହି ବୟସର ଏକ ଜୀବ ଦେଇ ଦିଅ ଯେତିକି ତା'ର ଋଣ ରହିଛି ଏବଂ ଯେତିକି ସେ ଋଣ ଆଦାୟ କରିବ । ସାହାବାମାନେ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ବର୍ତ୍ତମାନ ଉକ୍ତ ବ୍ୟକ୍ତିର ଋଣ ତୁଳନାରେ ବଡ଼ ବୟସର ଜୀବ ଉପସ୍ଥିତ ରହିଛି । ଆପଣ ସ.ଅ କହିଲେ, ହଁ ହଉ ସେହି ଜୀବଟି ଉକ୍ତ ବ୍ୟକ୍ତିକୁ ଦେଇଦିଅ । କାରଣ ତୁମେମାନଙ୍କ ମଧ୍ୟରୁ ସେହି ବ୍ୟକ୍ତି ହିଁ ସର୍ବୋତ୍ତମ ଅଟେ ଯିଏ ନିଜର ଋଣକୁ ସର୍ବାଧିକ ଉତ୍ତମ ଢଙ୍ଗରେ ପରିଶୋଧ କରିଥାଏ ।

عَنۡ عَلِیٍّ رَضِیَ اللّٰهُ عَنۡهُ اَنَّ مُكَاتَبًا جَآءَهٗ فَقَالَ: اِنِّیۡ عَجَزۡتُ عَنۡ كِتَابَتِیۡ فَاَعِنِّیۡ قَالَ: اَلَا اُعَلِّمُكَ كَلِمَاتٍ عَلَّمَنِيۡهِنَّ رَسُوۡلُ اللّٰهِ صَلَّى اللّٰهُ عَلَيۡهِ وَسَلَّمَ: لَوۡ كَانَ عَلَيۡكَ مِثۡلُ جَبَلٍ دَيۡنًا اَدَّاهُ اللّٰهُ عَنۡكَ، قُلۡ: اَللّٰهُمَّ اكۡفِنِیۡ بِحَلَالِكَ عَنۡ حَرَامِكَ وَاَغۡنِنِیۡ بِفَضۡلِكَ عَمَّنۡ سِوَاكَ۔

**(ତିର୍ମିଜି କିତାବୁଦ୍ ଦାୱାତ୍, ବାବ୍- ଯାମିଉଦ୍ ଦାୱାତ୍)**

ହ. ଅଲୀ ର.ଅ ବର୍ଣ୍ଣନା କରନ୍ତି ଯେ, ତାଙ୍କ ପାଖକୁ ଜନୈକ (ଜଣେ) ଲେଖାଳୀ ଦାସ ଆସିଲା ଏବଂ କହିଲା, ଆଜ୍ଞା ସ୍ୱାଧୀନ ହେବା ନିମନ୍ତେ ଯେଉଁ ଅର୍ଥ ରହିଛି ତାହା ଦେବାକୁ ମୁଁ ଅକ୍ଷମ ଅଟେ । ତେଣୁ ଦୟାକରି ଆପଣ ମୋତେ ସାହାଯ୍ୟ କରନ୍ତୁ । ହ. ଅଲୀ ର.ଅ କହିଲେ, ହେ ବ୍ୟକ୍ତି କ'ଣ ମୁଁ ତୋତେ ଏପରି ବାଣୀ ସଂପର୍କରେ କହିବି ନାହିଁ ଯେଉଁ ବାଣୀ ମୋତେ ଆଁହଜରତ୍ ସ.ଅ ଶିଖାଇଥିଲେ ଏବଂ କହିଥିଲେ ଯେ, ହେ ଅଲୀ ! ତୁମ ଉପରେ ଯଦି ପର୍ବତ ତୁଲ୍ୟ ଋଣ ଥାଏ ତେବେ ଅଲ୍ଲାଃତାଲା ଏହି ଦୁଆର କଲ୍ୟାଣ ଦ୍ୱାରା ତୁମର ସେହି ଋଣକୁ ପରିଶୋଧ ହେବା ନିମନ୍ତେ ସାଧନ ସୃଷ୍ଟି କରିଦେବେ । ତେଣୁ ତୁମେ ଏହି ଦୁଆ କର "ହେ ମୋର ଅଲ୍ଲାଃ ! ତୁମ୍ଭ ଦ୍ୱାରା ପ୍ରଦତ୍ତ ବୈଧ ଜୀବିକା ମୋ ପାଇଁ ଯଥେଷ୍ଟ ହେଉ । ମୋତେ ଅବୈଧ ଜୀବିକାର ଆବଶ୍ୟକତା ଯେପରି ନପଡ଼ୁ । ଅର୍ଥାତ୍ ବୈଧ ଜୀବିକା ପ୍ରଦାନ କର । ତୁମ୍ଭେ ମୋତେ ଅବୈଧ ଜୀବିକା ଠାରୁ ରକ୍ଷା କର ଏବଂ ନିଜର କୃପା ଦ୍ୱାରା ମୋତେ ନିଜ ବ୍ୟତୀତ ଅନ୍ୟ ଠାରୁ ନିସ୍ପୃହ ଓ ଅଭାବହୀନ କରିଦିଅ । ଅର୍ଥାତ୍ ମୁଁ କେବେ ବିଁ ଅଭାବଗ୍ରସ୍ତ ରହିବି ନାହିଁ ।"**(ପ୍ରାମାଣ୍ୟ-ହଦିକତୁସ୍ ସାଲିହିନ୍, ହଦିସ୍ ନଂ-832-835)**

☆--☆--☆

## ହଜରତ୍ ମସିହ୍ ମଉଦ୍ ଅ.ସଙ୍କ ନିତୀବାଣୀ (ତବରରୁକାତେ ହ. ମସିହ୍ ମଉଦ୍ ଅ.ସ)

### ବ୍ୟକ୍ତି ପକ୍ଷେ ଏହା ଉଚିତ୍ ହେବ କି ସେ ନିଜର ଜୀବିକାର୍ଜନ ପନ୍ଥାରେ ମିତବ୍ୟୟୀତାକୁ ଦୃଷ୍ଟି ସମ୍ମୁଖରେ ରଖୁ। କାରଣ ସୁଧ ଯୁକ୍ତ ଋଣ ନେବାର ସ୍ଥିତ ଯେପରି ନଉପୁଜୁ ।

ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ କୁହନ୍ତି: "ଯେଉଁ ବ୍ୟକ୍ତି ଈଶ୍ୱରଙ୍କ ଉପରେ ଭରସା କରିଥାଏ ଈଶ୍ୱର ସେହି ବ୍ୟକ୍ତି ସକାଶେ ଆଦୃଷ୍ଟରୁ କୌଣସି ନା କୌଣସି କାରଣ ସୃଷ୍ଟି କରି ଦେଇଥାଆନ୍ତି । କିନ୍ତୁ ଦୁଃଖ ଓ ପରିତାବର ବିଷୟ ଏହିକି ଯେ, ଲୋକମାନେ ସେହି ରହସ୍ୟକୁ ବୁଝନ୍ତି ନାହିଁ ଯେ, ଧର୍ମପରାୟଣ ବ୍ୟକ୍ତି ନିମନ୍ତେ ଈଶ୍ୱର କେବେ ବି ଏପରି ଅବସର ସୃଷ୍ଟି କରନ୍ତି ନାହିଁ ଯେ, ସେ ଅର୍ଥାତ୍ ଧର୍ମପରାୟଣ ବ୍ୟକ୍ତି ସୁଧିଆ (ସୁଧରେ) ଋଣ ନେବା ପାଇଁ ବାଧ୍ୟ ହେଉ । ତୁମେମାନେ ଏକଥା ମନେରଖ ! ଯେପରି ପାପ ରହିଛି ଯଥା- ବ୍ୟଭିଚାର, ଚୋରି କରିବା । ଠିକ୍ ସେହିପରି ସୁଧ ନେବା ମଧ୍ୟ ପାପ ଅଟେ । ଉକ୍ତ ପ୍ରସଙ୍ଗଟି କେତେ କ୍ଷତିକାରକ ଯେ, ଧନ ବି ଗଲା ଏବଂ ମର୍ଯ୍ୟାଦା ମଧ୍ୟ **(ଅବଶିଷ୍ଟାଂଶ...ପୃ-11ରେ)**

## ଅହମଦିୟା ଖବର

**ଅଲହମଦୁଲିଲ୍ଲାଃ** ଅଲ୍ଲାଃତାଲାଙ୍କ କୃପାରୁ ହୁଜୁର ଅନ୍‌ୱର୍ ଅ.ବ ସକୁଶଳେ ଅଛନ୍ତି।

ଜମାଅତ୍‌ର ସଦସ୍ୟବୃନ୍ଦଙ୍କୁ ବିନମ୍ରତା ପୂର୍ବକ ଅନୁରୋଧ କି ସେମାନେ ହୁଜୁର ଅନ୍‌ୱର୍ ଅ.ବଙ୍କ ସ୍ୱାସ୍ଥ୍ୟବାନ୍, ନିରୋଗ, ଦୀର୍ଘାୟୁ ହେବା ନିମନ୍ତେ ଦୁଆ କରନ୍ତୁ। ସକଳ ଏବଂ ସର୍ବୋଚ୍ଚ ଉଦ୍ଦେଶ୍ୟରେ ସାଫଲ୍ୟ ମଣ୍ଡିତ ହେବା ନିମନ୍ତେ ଓ ହୁଜୁର ଅନ୍‌ୱର୍ ଅ.ବଙ୍କ ବିଶେଷ ସୁରକ୍ଷା ନିମନ୍ତେ ଦୁଆ ଜାରି ରଖନ୍ତୁ । ଅଲ୍ଲାଃତାଲା ପ୍ରତ୍ୟେକ ମୁହୂର୍ତ୍ତ ହୁଜୁର ଅନ୍‌ୱର୍ ଅ.ବଙ୍କର ରକ୍ଷକ ଓ ସହାୟକ ହୁଅନ୍ତୁ । **ଆମିନ୍** ।

## ତଫସିର୍ କବିରରୁ ଉଦ୍ଧୃତ ଆଲେଖ୍ୟ

### ଆପଣମାନେ ପାରସ୍ପାରିକ ସଂପର୍କକୁ ଖରାପ୍ କରନ୍ତୁ ନାହିଁ । ଋଣ ଦେବା ଏବଂ ନେବା ସମୟରେ କୁରଆନୀୟ ଆଦେଶକୁ ଧ୍ୟାନ (ମନେ) ରଖନ୍ତୁ ।

ସୟେଦିନା ହ. ମୁସ୍‌ଲେହ୍ ମଉଦ୍ 183 ର ବ୍ୟାଖ୍ୟା କରି କୁହନ୍ତି: "ଉପରୋକ୍ତ ଆୟତ୍‌ରେ ଅଲ୍ଲାଃତାଲା ଜାତୀୟ ବିନାଶର ସବୁଠୁ ବଡ଼ କାରଣ ସୁଧ ବୋଲି ଦର୍ଶାଇଛନ୍ତି। ପୁନଶ୍ଚ ଜାତୀୟ ପତନର ଦ୍ୱିତୀୟ କାରଣ ସଂପର୍କରେ ଆପଣ ର.ଅ ଏହା କହିଛନ୍ତି ଯେ, ନେଣ ଦେଣ ସଂପର୍କରେ ସତର୍କତା ଅବଲମ୍ବନ କରାଯାଉ ନାହିଁ । ଋଣ ଦେବା ସମୟରେ ତ' ବନ୍ଧୁତା ଏବଂ ପ୍ରେମ ଧାରଣାରେ ନା ଋଣ ଫେରସ୍ତର କୌଣସି ସମୟସୀମା ଧାର୍ଯ୍ୟ କରାଯାଇଥାଏ ଓ ନା ହିଁ ତାକୁ ଅର୍ଥାତ୍ ଋଣକୁ ଲେଖାଯାଇଥାଏ । ଯେତେବେଳେ ଟଙ୍କା ଫେରସ୍ତ ହେଉଥିବାର ଦୃଶ୍ୟମାନେ ହୁଏ ନାହିଁ ସେତେବେଳେ କଳି ଝଗଡ଼ା ଆରମ୍ଭ କରି ଦିଆଯାଇଥାଏ । ଏପର୍ଯ୍ୟନ୍ତକି ମକଦ୍ଦମାର ଆବଶ୍ୟକତା ପଡ଼ିଥାଏ । ଫଳତଃ **(ଅବଶିଷ୍ଟାଂଶ...ପୃ-11ରେ)**

## ସମ୍ପାଦକୀୟ

## ଶାନ୍ତି ପାଇଁ ଡହଳ ବିକଳ ହେଉଥିବା ସଂସାର !

ଆମେରିକା, ଇସ୍ରାଇଲ୍ ଓ ଇରାନ୍ ଯୁଦ୍ଧକୁ ଏକ ମାସରୁ ଉର୍ଦ୍ଧ୍ୱ କାଳ ହୋଇ ସାରିଛି। ଉକ୍ତ ଯୁଦ୍ଧ ଆରମ୍ଭ ହେବା ପୂର୍ବରୁ ଏହି ଧାରଣାଟି ଥିଲା ଯେ, କିଛି ଦିନ ମଧ୍ୟରେ ହିଁ ଉକ୍ତ ଯୁଦ୍ଧର ନିର୍ଣ୍ଣୟ ହୋଇଯିବ । କିନ୍ତୁ ରାଜନୈତିକ ବିଶେଷଜ୍ଞମାନେ ଏବଂ ବିଶ୍ଳେଷକମାନଙ୍କ ଆକଳନ ବିପରୀତ ଏହି ଯୁଦ୍ଧଟି କେବଳ ଦୀର୍ଘ ଦିନ ପର୍ଯ୍ୟନ୍ତ ପ୍ରଲମ୍ବିତ (ଟାଣି) ହୋଇଗଲା ନାହିଁ ବରଂ ଧନ, ଜୀବନର ଆର୍ଥିକ କ୍ଷତି ଇସ୍ରାଇଲ୍ ଏବଂ ଇରାନ୍‌ର ସୀମାରୁ ଅତିକ୍ରମ କରି ଅନ୍ୟ ଆରବ୍ୟ ଅଞ୍ଚଳ ପର୍ଯ୍ୟନ୍ତ ପରିବ୍ୟାପ୍ତ ମଧ୍ୟ ହୋଇଯାଇଛି ଆରବ୍ୟ ଦେଶମାନେ, ଇସ୍ରାଇଲ୍ ଓ ଇରାନ୍ ପ୍ରତିଟି ମୁହୂର୍ତ୍ତରେ ଜୀବନ ହାନୀ ଦ୍ୱାରା ସମ୍ମୁଖୀନ ହେଉଛନ୍ତି । ଏଯାବତ୍ (ବର୍ତ୍ତମାନ ସୁଦ୍ଧା) ଇରାନ୍, ଇସ୍ରାଇଲ୍ ଓ ଆରବ୍ୟ ଦେଶମାନଙ୍କରେ ସହସ୍ର ସହସ୍ର ସୈନ୍ୟ ଠିକଣା ଉପରେ ଆକ୍ରମଣ ହୋଇ ସାରିଛି । ବର୍ତ୍ତମାନ ଅନ୍ୟ ଏସୀୟ ତଥା ଇଉରୋପୀୟ ଦେଶମାନେ ମଧ୍ୟ ଯହିଁରେ ଆମ ରାଷ୍ଟ୍ର ଭାରତ ମଧ୍ୟ ଅନ୍ତର୍ଭୁକ୍ତ ଅଟେ, ତୈଳ, ଗ୍ୟାସ ଓ ବୃଦ୍ଧି ପାଉଥିବା ମହଙ୍ଗା ମାଡ଼ର ଶିକାର ହୋଇଯାଇଛି । ହୁର୍ମୁଜ୍ ଜଳମାର୍ଗ ଏବଂ ଲୋହିତ ସାଗର ମାର୍ଗ ପ୍ରଭାବିତ ହେବା ଦ୍ୱାରା ବ୍ୟାପକ ଆର୍ଥିକ କ୍ଷତି ସହ୍ୟ କରିବାକୁ ପଡୁଛି । ଏହାର ନିଆଁ ଏସିଆ ମହାଦେଶ ସହିତ ଇଉରୋପର କେତେକ ଦେଶମାନଙ୍କୁ ମଧ୍ୟ ଦଗ୍ଧୀଭୂତ କରୁଅଛି । ଯଦି ଉକ୍ତ ଯୁଦ୍ଧଟି ଦୀର୍ଘ ସମୟ ପର୍ଯ୍ୟନ୍ତ ଜାରି ରହିଲା ତେବେ ଏହା ବିଶ୍ୱଯୁଦ୍ଧରେ ପରିଣତ ହେବାର ଯଥେଷ୍ଟ ସମ୍ଭାବନା ରହିଛି । ବିଶେଷଜ୍ଞରଙ୍କ ଅନୁଯାୟୀ A.Iର ବ୍ୟବହାର ଉକ୍ତ ଯୁଦ୍ଧକୁ ଆହୁରି ଭୟଙ୍କର କରିପାରିବ । ଏହି ଏ.ଆଇ ଯୁଗରେ ନା ଚାରିତ୍ରକ ମୂଲ୍ୟବୋଧ ରହିଛି ଓ ନା ହିଁ ମାନବଜାତି ପ୍ରତି ସହାନୁଭୂତ ରହିଛି । ଆମେରିକାର ରାଷ୍ଟ୍ରପତିଙ୍କ ବର୍ତ୍ତମାନିକ ବିବୃତ୍ତିରୁ ଯଦିଓ ପ୍ରକାଶ୍ୟ ହେଉଛି ଯେ, ସେ 2 ରୁ 3 ସପ୍ତାହ ମଧ୍ୟରେ ଉକ୍ତ ଯୁଦ୍ଧକୁ ସମାପ୍ତ କରିବାର ଲକ୍ଷ୍ୟ ରଖିଛନ୍ତି । କିନ୍ତୁ ବିଶ୍ୱ ସ୍ତରରେ ତାଙ୍କର (ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ଼ ଟ୍ରମ୍ପ୍‌ଙ୍କ) ପୂର୍ବ ବିବୃତ୍ତିକୁ ଦୃଷ୍ଟିରେ ରଖି ଏହା ଉପରେ ନାନା ଚୂଡ଼ାନ୍ତ ମତାମତ ଦେବାକୁ ବର୍ତ୍ତିବାକୁ ପ୍ରୟାସ କରାଯାଉଛି । ଭଲ ହେଲା ଯେ, ଇରାନ୍ ଏବଂ ଆମେରିକା ବର୍ତ୍ତମାନ ସାମୟିକ ରୂପେ Ceasefireଉପରେ ସହମତ ହୋଇଛନ୍ତି। କିନ୍ତୁ ଏଥି ସଂକ୍ରାନ୍ତରେ ବିଶ୍ୱାସ ଓ ଦାବିର ସହିତ ଏହା କୁହା ଯାଇପାରିବ ନାହିଁ । କାରଣ ପ୍ରାରମ୍ଭରୁ ହିଁ ଏହା ଉପରେ ବିପଦର ବାଦଲ୍ ଆଚ୍ଛନ୍ନ ହେଉଅଛି ।

ଜମାଅତ୍ ଅହମଦିୟାର ଧର୍ମାଧ୍ୟକ୍ଷ ହ. ମିର୍ଜା ମସ୍ରୁର୍ ଅହମଦ ସାହେବ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜିଜ୍ ଅନେକ ବର୍ଷ ପୂର୍ବେ ଏ ସଂପର୍କରେ ବ୍ରିଟିଶ୍ ସଂସଦରେ, କୋବଲ୍‌ଜ ଜର୍ମାନୀର ମିଲିଟାରୀ ହେଡ୍ କ୍ୱାର୍ଟର୍, କ୍ୟାପିଟାଲ ହିଲ୍ ୱାଶିଙ୍ଗ୍‌ଟନ୍ ଡି.ସିରେ କଂଗ୍ରେସ ସାଂସଦମାନଙ୍କୁ ଓ ଅନ୍ୟ ସେନିଟ୍, ୱାହଇଟ୍ ହାଉସ୍‌ର ରାଜଦୂତମାନଙ୍କୁ ଏବଂ ଷ୍ଟେଟ୍ ଡିପାର୍ଟମେଣ୍ଟର ଷ୍ଟାଫ୍‌ମାନଙ୍କୁ, ଅନ୍ୟାନ୍ୟା ବୁଦ୍ଧିଜୀବୀମାନଙ୍କୁ, ସେହିପରି ଇଉରୋପୀୟ ସାଂସଦ ଏବଂ ଅନ୍ୟାନ୍ୟ ଅନେକ ସ୍ଥାନରେ ଆନ୍ତର୍ଜାତିକ ଯୁଦ୍ଧ ଆଶଙ୍କାକୁ ଅନୁଭବ କରି ସଂସାରରେ ଶାନ୍ତି ସ୍ଥାପନ ନିମନ୍ତେ ଉଦ୍‌ବୋଧନ ଦେଇଥିଲେ । ସେହିପରି ଇସ୍ରାଇଲ୍, ଇରାନ୍ ଓ ଆମେରିକା ଦେଶର ରାଷ୍ଟ୍ରପତିମାନଙ୍କୁ ଚିନ୍ତାଜନକ ପତ୍ର ଲେଖି ଏସଂପର୍କରେ ଧ୍ୟାନ ଆକର୍ଷଣ କରିଥିଲେ । ଏହି ଉଦ୍‌ବୋଧନ ଏବଂ ପତ୍ର ଆଜି ମଧ୍ୟ ସଂସାରବାସୀଙ୍କୁ କାର୍ଯ୍ୟକାରୀ କରିବା ନିମନ୍ତେ ଆମନ୍ତ୍ରିତ କରୁଛି ।

ପୁଣ୍ୟଶ୍ଳୋକ ହ. ଅମୀରୁଲ୍ ମୁମିନିନ୍ ଅ.ବ ଆଜି ଠାରୁ ଠିକ୍ 14 ବର୍ଷ ପୂର୍ବେ 2012 ମସିହା ଫେବୃୟାରୀ ମାସ 26 ତାରିଖ ଦିନ ଇସ୍ରାଇଲ୍‌ର ପ୍ରଧାନମନ୍ତ୍ରୀ ମିଷ୍ଟର ବେଞ୍ଜାମିନ୍ ନେତେନ୍ୟାହୁଙ୍କୁ ଏକ ସହାନୁଭୂତିପୂର୍ଣ୍ଣ ପତ୍ର ଲେଖିଥିଲେ । ସେହି ପତ୍ରରେ ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, "ଆଜିକାଲି ଆମେମାନେ ଏହି ଖବର ଶୁଣୁଛି ଯେ, ଆପଣ ଇରାନ୍ ଉପରେ ଆକ୍ରମଣ କରିବା ପାଇଁ ପ୍ରସ୍ତୁତ ହେଉଛନ୍ତି । ଆପଣ ବିଶ୍ୱଯୁଦ୍ଧର ବିନାଶକାରୀ ପରିଣାମ ସ୍ୱଚକ୍ଷୁରୁ ଅବଲୋକନ କରି ସାରିଛନ୍ତି । ପୂର୍ବ ବିଶ୍ୱଯୁଦ୍ଧରେ ଯେଉଁଠି କୋଟି କୋଟି ଲୋକମାନେ ଯମଙ୍କର ଆହାର ହୋଇଥିଲେ ସେଠାରେ ଲକ୍ଷ ଲକ୍ଷ ଇହୁଦୀମାନେ ମଧ୍ୟ ଏହି କାମରେ ଆସିଥିଲେ (ମୃତ୍ୟୁବରଣ କରିଥିଲେ) । ଆପଣ ନିଜ ଦେଶରେ ପ୍ରଧାନମନ୍ତ୍ରୀ ହେବା ଯୋଗୁଁ ଆପଣଙ୍କର ଏହି କର୍ତ୍ତବ୍ୟ ରହିଛି ଯେ, ଆପଣ ନିଜ ଜାତିର ଜୀବନକୁ ସୁରକ୍ଷା ପ୍ରଦାନ କରନ୍ତୁ । ପୃଥିବୀର ସାଂପ୍ରତିକ ପରିସ୍ଥିତି ସ୍ୱଷ୍ଟ ରୂପେ ଏହା ସୂଚାଉଛି ଯେ, ବର୍ତ୍ତମାନ ପରବର୍ତ୍ତୀ ବିଶ୍ୱଯୁଦ୍ଧ କେବଳ ଦୁଇ ଦେଶର ଯୁଦ୍ଧ ନୁହେଁ ବରଂ ତାହା ଅନେକ ଦେଶର ବ୍ଲକ୍ ହୋଇ ସମ୍ମୁଖକୁ ଆସିବେ । ବିଶ୍ୱଯୁଦ୍ଧ ଆରମ୍ଭ ହେବାର ବିପଦ ଅତ୍ୟନ୍ତ ଗମ୍ଭୀରତାର ସହିତ ସମ୍ମୁଖକୁ ଆସୁଛି । ଏହା ଦ୍ୱାରା ମୁସଲମାନ, ଖ୍ରୀଷ୍ଟିଆନ୍ ଓ ଇହୁଦୀ ଧର୍ମାବଲମ୍ବୀମାନଙ୍କର ପ୍ରାଣ ପ୍ରତି ବିପଦ ରହିଛି । ଭଗବାନ ନକରନ୍ତୁ ଯଦି ଏପରି ଯୁଦ୍ଧ ଆରମ୍ଭ ହେଲା ତେବେ ଏହା ମାନବ ଦ୍ୱାରା ଜାରି ହୋଇଥିବା ବିନାଶର ପରମ୍ପରା ରୂପେ ଅଭିହିତ ହେବ । ଏହାକୁ ଚିହ୍ନିବାକୁ ଆଗାମୀ ବଂଶଧରମାନେ ହେବେ, ଯେଉଁମାନେ ପଙ୍ଗୁ ଓ ବିକଳାଙ୍ଗ ହୋଇ ଜନ୍ମ ଗ୍ରହଣ କରିବେ। ଏହାର କାରଣ ଏହିକି ଯେ, ପରବର୍ତ୍ତୀ ଯୁଦ୍ଧରେ ଆଣବିକ ଅସ୍ତ୍ର ଅର୍ଥାତ୍ ପରମାଣୁ ବୋମା ବ୍ୟବହୃତ ହେବ ।"

"ମୋର ଆପଣଙ୍କୁ ଏତିକି ଅନୁରୋଧ କି ସଂସାରକୁ ଯୁଦ୍ଧ ମୁଖ ପର୍ଯ୍ୟନ୍ତ ପହଞ୍ଚାଇବା ପରିବର୍ତ୍ତେ ନିଜର ସମ୍ଭାବ୍ୟ ଉଦ୍ୟମ କରନ୍ତୁ ଯେ, ମାନବତା ଆନ୍ତର୍ଜାତିକ ବିନାଶରୁ ସୁରକ୍ଷିତ ରହୁ । ପାରସ୍ପାରିକ କଳହକୁ ଶକ୍ତି ଦ୍ୱାରା ସମାଧାନ କରିବା ପରିବର୍ତ୍ତେ କଥାବାର୍ତ୍ତା ଏବଂ ଚର୍ଚ୍ଚା ମାର୍ଗ ଅବଲମ୍ବନ କରନ୍ତୁ । କାରଣ ଆମେମାନେ ନିଜର ଆଗାମୀ ବଂଶଧରମାନଙ୍କୁ ପ୍ରକାଶମାନ ତଥା ଜ୍ୟୋତିର୍ମୟ ଭବିଷ୍ୟତ ଉପଲବ୍ଧ କରିପାରିବୁ । ନା କି ସେମାନଙ୍କୁ ଅକ୍ଷମ ଓ ବିକଳାଙ୍ଗର ଉପହାର ପ୍ରଦାନକାରୀ ରୂପେ ପରିଗଣିତ ହେବୁ।" **(ପୁଣ୍ୟଶ୍ଳୋକ ହୁଜୁର ଅନ୍‌ୱର୍ ଅ.ବଙ୍କ ଇଂରାଜୀ ପତ୍ରର ଉର୍ଦ୍ଦୁ ଅନୁବାଦ୍, ପ୍ରାମାଣ୍ୟ- ବିଶ୍ୱ ଅର୍ଥ ସଂକଟ ଓ ଶାନ୍ତିର ପଥ, ପୃ-160)**

ସେହିପରି ହୁଜୁର ଅନ୍‌ୱର୍ ଅ.ବ ସେହି ଦିନମାନଙ୍କରେ ଇସ୍‌ଲାମୀୟ ଗଣତନ୍ତ୍ର ଇରାନ୍‌ର ରାଷ୍ଟ୍ରପତିଙ୍କୁ ମଧ୍ୟ ପତ୍ର ଲେଖିଥିଲେ । ସେହି ପତ୍ରର କିଛି ଅଂଶ ପାଠକୀୟମାନଙ୍କ ସେବାରେ ଉପସ୍ଥାପିତ କରାଯାଉଅଛି: "ବର୍ତ୍ତମାନ ସମଗ୍ର ବିଶ୍ୱକୁ ଏବଂ ବିଶ୍ୱ ଶାନ୍ତି ପ୍ରତି ଯେଉଁ ବିପଦ ରହିଛି ତାହା ମୋତେ (ହୁଜୁର ଅନ୍‌ୱର୍ ଅ.ବ) ବାଧ୍ୟ କଲା ଯେ, ମୁଁ ଆପଣଙ୍କୁ ଏହି ପତ୍ର ଲେଖିବି । ଯେହେତୁ ଆପଣ ଇରାନ୍‌ର ସର୍ବୋଚ୍ଚ ନେତା ହିସାବରେ ଏପରି ନିଷ୍ପତ୍ତି ନେବାରେ ଅଧିକାରୀ ଅଟନ୍ତି ଯିଏ କେବଳ ନିଜର ଜାତିର ଭବିଷ୍ୟତ ଉପରେ ପ୍ରଭାବ ପକାଇବେ ତାହା ନୁହେଁ ବରଂ ସମଗ୍ର ବିଶ୍ୱ ନିମନ୍ତେ ମହତ୍ତ୍ୱର ଅଧିକାରୀ ଅଟନ୍ତି । ଆଜି ପ୍ରତ୍ୟେକ ଦିଗରେ ବ୍ୟାକୁଳତା ଏବଂ ଅଶାନ୍ତି ବ୍ୟାପୀଛି । ଅର୍ଥାତ୍ ସଂସାରର କେତେକ ଭୂଖଣ୍ଡରେ ସଂକ୍ଷିପ୍ତ ରୂପେ ଯୁଦ୍ଧ ଆରମ୍ଭ ହୋଇ ସାରିଛି । ଅପରପକ୍ଷେ କେତେକ ଅଞ୍ଚଳରେ ଆନ୍ତର୍ଜାତିକ ଶକ୍ତି ଶାନ୍ତି ସ୍ଥାପନ ନିମନ୍ତେ ବାହାନା କରି ହସ୍ତକ୍ଷେପ କରୁଛନ୍ତି । ଆଜି ସଂସାରର ପ୍ରତ୍ୟେକ ଦେଶ କୌଣସି ନା କୌଣସି ଦେଶ ସହିତ ଶତ୍ରୁତା ପ୍ରଦର୍ଶନ କରିବା ପାଇଁ ଅଣ୍ଟା ଭିଡ଼ିଛି କିମ୍ବା ଅନ୍ୟ ଦେଶର ସମର୍ଥକ ସାଜିଛି । କିନ୍ତୁ ନ୍ୟାୟର ମୌଳିକ ଦାବିକୁ ପୂରଣ କରିବା ଆଡ଼କୁ କୌଣସି ଧ୍ୟାନ ହିଁ ନାହିଁ । ଆନ୍ତର୍ଜାତିକ ପରିସ୍ଥିତିକୁ ଦେଖି ଅତ୍ୟନ୍ତ ଦୁଃଖର ସହିତ କହିବାକୁ ପଡୁଛି ଯେ, ଆଉ ଏକ ବିଶ୍ୱଯୁଦ୍ଧର ମୂଳଦୁଆ ରଖାଯାଇ ସାରିଛି ।"

ଏକଥା ସମସ୍ତେ ଜାଣନ୍ତି ଯେ, ବିଶ୍ୱର ଅନେକ ଛୋଟ ବଡ଼ ରାଷ୍ଟ୍ରମାନେ ପରମାଣୁ ଅସ୍ତ୍ର ଦ୍ୱାରା ସଜ୍ଜିତ ଅଟନ୍ତି । ତତ୍‌ସହିତ ସେମାନେ ଅନ୍ୟମାନଙ୍କ ପାଇଁ ଈର୍ଷା, ଦ୍ୱେଷ ଓ ଶତ୍ରୁତା ନିଜ ମନ ଭିତରେ ପୋଷଣ କରିଛନ୍ତି ଏହା ବର୍ତ୍ତମାନ ଶତ୍ରୁତା ଚରମ ସୀମାରେ ରହିଛି । ଏହି ଘଡ଼ିସନ୍ଧି ତଥା କଷ୍ଟ ସମୟରେ ଆମମାନଙ୍କୁ ତୃତୀୟ ବିଶ୍ୱଯୁଦ୍ଧର ଚିନ୍ତା ଘାରିଛି ଏବଂ ତୃତୀୟ ବିଶ୍ୱଯୁଦ୍ଧର ବାଦଲ ସ୍ୱଷ୍ଟ ଦୃଶ୍ୟମାନ ହେଉଛି । ଆଣବିକ ଅସ୍ତ୍ରର ଏହି ଆଧିକ୍ୟତା ଆମମାନଙ୍କୁ ସ୍ୱଷ୍ଟ ରୂପେ ଏହା ସୂଚାଉଛି ଯେ, ତୃତୀୟ ବିଶ୍ୱଯୁଦ୍ଧ ଏକ ଆଣବିକ ଅସ୍ତ୍ରର ଯୁଦ୍ଧ ହେବ । ଏହା ଦ୍ୱାରା ବ୍ୟାପକ ବିନାଶ ହେବା ସହିତ ଏପରି ଯୁଦ୍ଧର ତିକ୍ତ ପରିଣାମ ଆଗାମୀ ବଂଶଧରମାନଙ୍କର ପଙ୍ଗୁ ତଥା ବିକଳାଙ୍ଗ ଜନ୍ମ ହେବା ରୂପେ ପ୍ରକାଶ୍ୟ ହେବ ।

ମୋର ଏହି ବିଶ୍ୱାସ ରହିଛି ଯେ, ଶାନ୍ତିର ରାଜଦୂତ ଏବଂ ସମଗ୍ର ବିଶ୍ୱବାସୀଙ୍କ ନିମନ୍ତେ କରୁଣାମୟ ମହାବତାର ହ. ମୁହମ୍ମଦ ମୁସ୍ତଫା ସ.ଅଙ୍କ ଧର୍ମାବଲମ୍ବୀ ହେବା ଦୃଷ୍ଟିରୁ ଆମମାନେ କେବେ ବି ଏହା ବର୍ଦାସ୍ତ କରିବୁ ନାହିଁ ଓ ନା ହିଁ ଆମେମାନେ ସହ୍ୟ କରିପାରିବୁ ଯେ, ସଂସାରରେ ଏପରି ବିନାଶ ଘଟୁ । ଅତଏବ୍ ଇରାନ୍‌କୁ ମୋର ଏତିକି ଅନୁରୋଧ କି ସେ ନିଜର ଆନ୍ତର୍ଜାତିକ ମୂଲ୍ୟବୋଧକୁ ହୃଦୟଙ୍ଗମ କରି ତୃତୀୟ ବିଶ୍ୱଯୁଦ୍ଧର ସମ୍ଭାବ୍ୟତାକୁ ହ୍ରାସ ଓ ଏଡ଼ାଇବାରେ ନିଜର ସକାରାତ୍ମକ ଭୂମିକା ନିର୍ବାହ କରୁ ।

ମୁଁ ଏକଥା ମାନୁଛି ଯେ, ଇସ୍ରାଇଲ୍ ନିଜର ସୀମା ଅତିକ୍ରମ କରିଛି ଏବଂ ଇସ୍ରାଇଲ୍‌ର ଦୃଷ୍ଟି ଇରାନ୍ ଉପରେ ରହିଛି । ବାସ୍ତବରେ କୌଣସି ରାଷ୍ଟ୍ର ଆପଣମାନଙ୍କ ଉପରେ ଦୁଃସାହସିକପୂର୍ଣ୍ଣ ଆକ୍ରମଣ କରେ ତେବେ ଆପଣଙ୍କୁ ନିଜର ଆତ୍ମରକ୍ଷା ପାଇଁ ସଂପୂର୍ଣ୍ଣ ଅଧିକାର ରହିଛି । କିନ୍ତୁ ଯଥାସମ୍ଭବ ସ୍ୱଷ୍ଟ ଆଶାତିତ ପ୍ରସଙ୍ଗ ସକାଶେ ପରସ୍ପରକୁ ବୁଝିବା ଏବଂ ଚର୍ଚ୍ଚାର ମାର୍ଗ ଅବଲମ୍ବନ କରିବାରେ ହିଁ ଶାନ୍ତି ଓ କୁଶଳତା ରହିଛି । ମୋର ଆପଣଙ୍କୁ ସବିନୟପୂର୍ବକ ଅନୁରୋଧ କି ଆପଣ ମତଭେଦଜନିତ ପ୍ରସଙ୍ଗର ସମାଧାନ ନିମନ୍ତେ ଶକ୍ତି ପ୍ରୟୋଗ କରିବା ବଦଳରେ ବାର୍ତ୍ତାଳାପର ମାର୍ଗ ଅବଲମ୍ବନ କରନ୍ତୁ ।

ମୁଁ ଈଶ୍ୱରଙ୍କ ସେହି ମହାବତାରଙ୍କ ଅସ୍ତିତ୍ୱଙ୍କର ଅନୁଗାମୀ ହିସାବରେ ଆପଣଙ୍କୁ ଅନୁରୋଧ କରେ ଯିଏ ସାଂପ୍ରତିକ ଯୁଗରେ ହ. ନବୀ କରୀମ୍ ସ.ଅଙ୍କର ପ୍ରକୃତ ଦାସ ରୂପେ ନିଯୁକ୍ତ ହୋଇଥିଲେ ଏବଂ ସେ ପ୍ରତିଶୃତ ମସିହ୍ ଏବଂ ଇମାମ୍ ମେହ୍‌ଦୀ ହେବାର ଦାବି କରିଥିଲେ । ଆପଣ ଅ.ସ ଅର୍ଥାତ୍ ହ. ମସିହ୍ ମଉଦ୍ ଅ.ସଙ୍କ ଅବତୀର୍ଣ୍ଣ ହେବାର ଅଭିପ୍ରାୟ ହିଁ ଏହା ଥିଲା ଯେ, ମାନବତାକୁ ପ୍ରକୃତ ସୃଷ୍ଟିକର୍ତ୍ତାଙ୍କ ସହିତ ସାକ୍ଷାତ୍ କରାଯାଉ ଏବଂ ଆପଣଙ୍କ ପ୍ରିୟ ମୁନିବ ତଥା ସମଗ୍ର ଜଗତ ପାଇଁ କରୁଣା ରୂପେ ପରିଚିତ ମହାବତାର ହ. ମୁହମ୍ମଦ୍ ସ.ଅଙ୍କ ପନ୍ଥା ଅନୁଯାୟୀ ଲୋକମାନେ ନ୍ୟାୟ ଓ ମୀମାଂସକୁ ସ୍ଥାପନ କରନ୍ତୁ । ଅଲ୍ଲାଃତାଲା ମୁସଲମାନ ଧର୍ମାବଲମ୍ବୀମାନଙ୍କୁ ଏହି ସୁନ୍ଦର ଶିକ୍ଷାକୁ ବୁଝିବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ ।

**(ବିଶ୍ୱ ସଂକଟ ଓ ଶାନ୍ତିର ପଥ, ପୃ-167-169)**

ହୁଜୁର୍ ଅନ୍‌ୱର୍ ଅ.ବ 2012 ମସିହା ମାର୍ଚ୍ଚ ମାସ 08 ତାରିଖ ଦିନ ଆମେରିକା ରାଷ୍ଟ୍ରର ରାଷ୍ଟ୍ରପତିଙ୍କୁ ଯେଉଁ ପତ୍ର ଲେଖିଥିଲେ ତାହାର କିଛି ଅଂଶ ଏଠାରେ ଉପସ୍ଥାପିତ କରାଗଲା । "ପୃଥିବୀରେ ବୃଦ୍ଧି ପାଉଥିବା ସସମ୍ୟାବହୁଳ ପରିସ୍ଥିତିକୁ ଦୃଷ୍ଟିରେ ରଖି ମୁଁ ଏହା ଉଚିତ୍ ବୋଲି ମନେକଲି ଯେ, ମୁଁ ଆପଣଙ୍କ ନିକଟକୁ ପତ୍ର ଲେଖିବି । କାରଣ ଆପଣ ଆମେରିକା ରାଷ୍ଟ୍ରର ରାଷ୍ଟ୍ରପତି ପଦରେ ଅଧିଷ୍ଠିତ **(ଅବଶିଷ୍ଟାଂଶ ପୃ-12ରେ)**

(ଖୁତ୍‌ବା ଜୁମା)

**ପ୍ରକୃତ ପ୍ରସଙ୍ଗ ଏହିକି ଯେ, ସଂସାର ମୂଳାଭିପ୍ରାୟ ହେବା ଉଚିତ୍ ନୁହଁ ବରଂ ସଂସାର ପ୍ରାପ୍ତିର ମୂଳାଭିପ୍ରାୟ ଧର୍ମ ହେବା ଉଚିତ୍ ।**
**(ହ. ମସିହ୍ ମଉଦ୍ ଅ.ସ)**

**ଖୁତ୍‌ବା ଜୁମା 20 March 2026 ମସିହା ଅନୁଯାୟୀ ୨୦ ଅମାନ୍ ୧୪୦୫ ହିଜ୍ରୀ ଶମ୍‌ଶୀ, ସ୍ଥାନ-ମସ୍‌ଜିଦ୍ ମୁବାରକ୍ ଇସ୍‌ଲାମାବାଦ୍ ଟେଲ୍‌ଫୋର୍ଡ଼ (ସରେ) ୟୁ.କେ ।**
ଖୁତ୍‌ବାର ଉକ୍ତ ମଧବର୍ତ୍ତୀ ଟୀକା ବଦର୍‌ର ସମ୍ପାଦକୀୟ ମଣ୍ଡଳୀ ଓ ଅଲ୍‌ଫଜଲ୍ ଲଣ୍ଡନ୍‌ର ସମ୍ପାଦକୀୟ ମଣ୍ଡଳୀଙ୍କ ପକ୍ଷରୁ କୃତଜ୍ଞତାର ସହିତ ପ୍ରକାଶିତ କରାଯାଉଛି ରାଯାଉଛି।

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهٗ لَا شَرِيْكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَرَسُوْلُهٗ۔ أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ۔ بِسْمِ اللّٰهِ الرَّحْمٰنِ الرَّحِيْمِ۔ اَلْحَمْدُ لِلّٰهِ رَبِّ الْعٰلَمِيْنَ۔ اَلرَّحْمٰنِ الرَّحِيْمِ۔ مٰلِكِ يَوْمِ الدِّيْنِ۔ اِيَّاكَ نَعْبُدُ وَاِيَّاكَ نَسْتَعِيْنُ۔ اِهْدِنَا الصِّرَاطَ الْمُسْتَقِيْمَ۔ صِرَاطَ الَّذِيْنَ اَنْعَمْتَ عَلَيْهِمْ۔ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ۔

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି କରିବା ପରେ ହୁଜୁର ଅନ୍‌ୱର୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜିଜ୍ କହିଲେ, ଆଜି ମୁଁ ଇଦର ଖୁତ୍‌ବା ପାଠ କରି ଦେଇଛି । ତେଣୁ ବର୍ତ୍ତମାନ ମୁଁ ସଂକ୍ଷିପ୍ତ ଖୁତ୍‌ବା ଦେବି । ଏଥି ନିମନ୍ତେ ମୁଁ ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସଙ୍କ ଏକ ଆଲେଖ୍ୟକୁ ଉଦ୍ଧୃତ କରିଛି । ଅତଏବ୍ ଏଥି ପ୍ରତି ଆମମାନଙ୍କୁ ଧ୍ୟାନ ଦେବା ଉଚିତ୍ । ଆପଣ ଅ.ସ କୁହନ୍ତି: "ବିଶ୍ୱାସକାରୀର ସଂପର୍କ ସଂସାର ସହିତ ଯେଭଳି ବ୍ୟାପକ ହେବ ସେହିପରି ତା'ର ସର୍ବୋଚ୍ଚ ସ୍ତରର କାରଣ ହୋଇଥାଏ । କାରଣ ତା'ର ଅଭିପ୍ରାୟ ଏବଂ ଲକ୍ଷ୍ୟ ଧର୍ମ ହୋଇଥାଏ ।"

ହୁଜୁର ଅନ୍‌ୱର୍ ଅ.ବ କହିଲେ, ହ. ମସିହ୍ ମଉଦ୍ ଅ.ସ କୁହନ୍ତି: "ସଂସାର, ତା'ର ଧନ ଓ ଚାକଚକ୍ୟତା ଧର୍ମର ସେବକ ହୋଇଥାଏ । ତେଣୁ ପ୍ରକୃତ ପ୍ରସଙ୍ଗ ଏହିକି ଯେ, ସଂସାର ମୂଳାଭିପ୍ରାୟ ନହେଉ ବରଂ ସଂସାର ପ୍ରାପ୍ତି ମୂଳାଭିପ୍ରାୟ ହେବା ଉଚିତ୍ ।" ସଂସାର ଉପାର୍ଜନ କର ତ' ତହିଁରେ ଏହି ଅଭିପ୍ରାୟ ହେବା ଉଚିତ୍ ଯେ, ଆମମାନଙ୍କର ଧର୍ମ ଉତ୍ତମ ହେବା ଉଚିତ୍ । ଆମେମାନେ ଧର୍ମ ସେବା କରିବା ଉଚିତ୍ । ସଂସାର ମଧ୍ୟ ଉପାର୍ଜନ କରିବା ଉଚିତ୍ । କାରଣ ଏହା ଦ୍ୱାରା ଧର୍ମର ଉତ୍କୃଷ୍ଟ ହେବା ନିମନ୍ତେ ଭୁଲ କାମ କରିବା ନିଜର ଇହକାଳ ଓ ପରକାଳକୁ ବିଗାଡ଼ିବା ନିମନ୍ତେ ନୁହେଁ ବରଂ ନିଜର ପରକାଳକୁ ଶୃଙ୍ଖଳିତ  କରିବା ନିମନ୍ତେ ନୁହଁ ଏବଂ ନିଜର ଧର୍ମକୁ ଶୃଙ୍ଖଳିତ ଓ ମାର୍ଜିତ କରିବା ନିମନ୍ତେ ଆମମାନଙ୍କୁ ସଂସାର ଉପାର୍ଜନ କରିବା ଉଚିତ୍ ।" ହୁଜୁର ଅ.ସ କୁହନ୍ତି: "ଏପରି ପନ୍ଥା ଦ୍ୱାରା ସଂସାରକୁ ପ୍ରାପ୍ତ କରାଯାଉ କି ତାହା ଧର୍ମର ସେବକ ହୋଇଥିବ। ଯେପରି ମନୁଷ୍ୟ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଯିବା ନିମନ୍ତେ ଯାତ୍ରା ପାଇଁ ବାହନ ଏବଂ ପାଥେୟକୁ ସାଙ୍ଗରେ ବହନ (ନେଇଥାଏ) କରିଥାଏ । ତେବେ ଏହାର ପ୍ରକୃତ ଅଭିପ୍ରାୟ ଲକ୍ଷ୍ୟସ୍ଥଳ ପର୍ଯ୍ୟନ୍ତ ପହଞ୍ଚିବା ହୋଇଥାଏ । ନା କି ସ୍ୱୟଂ ବାହନ ଓ ମାର୍ଗର ଆବଶ୍ୟକତା ଉଦ୍ଦେଶ୍ୟ ହୋଇଥାଏ । ଏହି ସମସ୍ତ ବସ୍ତୁ ଆମମାନଙ୍କ ନିମନ୍ତେ ଯାତ୍ରାରେ ସହଜତା ସୃଷ୍ଟି କରିବା ନିମନ୍ତେ ସାଙ୍ଗରେ ନେଇଥାଉ । ଏହାର ଅଭିପ୍ରାୟ ଏହା ହୋଇଥାଏ ଯେ, ଆମେମାନଙ୍କର ଯାତ୍ରା ସୁଖମୟ ହେଉ ଏବଂ ଆମେମାନେ ଲକ୍ଷ୍ୟସ୍ଥଳରେ ପହଞ୍ଚିଯିବୁ । ଏହି ଉଦ୍ଦେଶ୍ୟ ନଥାଏ ଯେ, ଆମେମାନେ ଯାତ୍ରରେ ଉପକୃତ ଓ ଆନନ୍ଦିତ ହେବୁ । ଅତଏବ୍ ସେହିପରି ମନୁଷ୍ୟ ସଂସାର ପ୍ରାପ୍ତ କରୁ । କିନ୍ତୁ ସଂସାରକୁ ଧର୍ମର ସେବକୁ ବୋଲି ମନେକରି ସଂସାର ପ୍ରାପ୍ତ କରୁ ।"

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଅଲ୍ଲାଃତାଲା ଆମମାନଙ୍କୁ ଏହି ଦୁଆ ଶିଖାଇଛନ୍ତି (ଶିକ୍ଷା ଦେଇଛନ୍ତି) ଯେ, رَبَّنَآ اٰتِنَا فِی الدُّنْيَا حَسَنَةً وَّفِی الْاٰخِرَةِ حَسَنَةً وَّقِنَا عَذَابَ النَّارِ **(ଅଲ୍ ବକରାହ୍: 202)** ଅର୍ଥାତ୍ "ହେ ଆମ୍ଭର ପାଳନକର୍ତ୍ତା ! ତୁମ୍ଭେ ଆମମାନଙ୍କୁ ଏହି ପୃଥିବୀରେ ସଫଳତା ପ୍ରଦାନ କର ଓ ପରକାଳରେ ମଧ୍ୟ ସଫଳତା ପ୍ରଦାନ କର ଏବଂ ଆମମାନଙ୍କୁ ନର୍କାଗ୍ନି ଶାସ୍ତିରୁ ରକ୍ଷାକର ।"

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଆପଣ ଅ.ସ କୁହନ୍ତି: "ଅଲ୍ଲାଃତାଲା ଆମମାନଙ୍କୁ ଏହି ଯେଉଁ ଦୁଆଟି ଶିଖାଇଛନ୍ତି ଯେ, رَبَّنَآ اٰتِنَا فِی الدُّنْيَا حَسَنَةً وَّفِی الْاٰخِرَةِ حَسَنَةً **(ଅଲ୍ ବକରାହ୍: 202)** ତହିଁରେ ମଧ୍ୟ ସାଂସାରିକତାକୁ ପ୍ରାଧାନ୍ୟ ଦିଆଯାଇଛି । କିନ୍ତୁ କେଉଁ ସଂସାରକୁ ? ପ୍ରଥମେ ସଂସାରକୁ ଅଗ୍ରାଧିକାର ପ୍ରଦାନ କରାଯାଇଛି । କିନ୍ତୁ କାହିଁକି ? କେଉଁ ସଂସାର ରଖାଯାଇଛି ? حسنة الدُّنيا କୁ ଶେଷ ଦିବସ ପୁଣ୍ୟର କାରଣ ହୋଇଯାଉ ।" ଏପରି ସଂସାର ଯାହାକୁ ପ୍ରାପ୍ତ କରି ଶେଷ ଦିବସରେ ମଧ୍ୟ ଲାଭ ହେବ । ଏପରି ସଂସାରର ବସ୍ତୁ ପ୍ରାପ୍ତ ହେଉ ଯାହା ଶେଷ ଦିବସର ପୁଣ୍ୟର କାରଣ ହୋଇଯିବ । ନା କି ଆମମାନଙ୍କୁ ଶେଷ ଦିବସରେ ତିରସ୍କୃତର ସମ୍ମୁଖୀନ ହେବାକୁ ପଡ଼ିବ । ଯେତେବେଳେ ଆମେମାନେ ସଂପୂର୍ଣ୍ଣ ରୂପେ ସାଂସାରିକତାର ମଗ୍ନ ହୋଇଯିବୁ ସେତେବେଳେ ଆମମାନଙ୍କୁ ତିରସ୍କୃତର ସମ୍ମୁଖୀନ ହେବାକୁ ପଡ଼ିବ ।

ହୁଜୁର ଅ.ସ କୁହନ୍ତି: "ଏହି ଶିକ୍ଷାଭିତ୍ତିକ ଦୁଆରୁ ସ୍ପଷ୍ଟ ରୂପେ ଏହା ବୁଝି ହୋଇଯାଏ ଯେ, ବିଶ୍ୱାସକାରୀକୁ ସଂସାର ପ୍ରାପ୍ତିରେ ଶେଷ ଦିବସ ପ୍ରତି ଯତ୍ନବାନ ଓ ଚିନ୍ତା କରିବା ଉଚିତ୍ । ତତ୍‌ସହିତ حسنة الدُّنيا ର ଶବ୍ଦରେ ସେହି ସମସ୍ତ ଉତ୍କୃଷ୍ଟ ମାଧ୍ୟମ ପ୍ରାପ୍ତିର ଚର୍ଚ୍ଚା ଆସିଯାଇଛି । ଏହା ଜଣେ ବିଶ୍ୱାସକାରୀ ମୁସଲମାନକୁ ସଂସାର ପ୍ରାପ୍ତି ନିମନ୍ତେ ଅବଲମ୍ବନ କରିବା ଉଚିତ୍ । ସଂସାରକୁ ଏରି ପ୍ରତ୍ୟେକ ପନ୍ଥା ଦ୍ୱାରା ପ୍ରାପ୍ତ କର ଯେଉଁ ପନ୍ଥାକୁ ଅବଲମ୍ବନ କରିବା ଦ୍ୱାରା ପୁଣ୍ୟ ଏବଂ ଉତ୍ତମ ଗୁଣାବଳୀ ହିଁ ହେବ । ନା କି ସେହି ପନ୍ଥା ଯାହା ଅନ୍ୟ ମାନବ ଜାତିକୁ କଷ୍ଟ ପହଞ୍ଚାଇବାର କାରଣ ହେବ, ନା କି ସମଜାତୀୟରେ କୌଣସି ଲଜ୍ଜା ଓ ଦୋଷ ଦୁର୍ବଳତାର କାରଣ ହେବ । ଏପରି ସଂସାର ନିଃସନ୍ଦେହ ରୂପେ حسنة الآخرت ର କାରଣ ହେବ ।"

**(ମଲ୍‌ଫୁଜାତ୍, ଗ୍ରନ୍ଥଖଣ୍ଡ-2, ପୃ-91-92, ସଂସ୍କରଣ ବର୍ଷ-1984 ମସିହା)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଏପରି ସଂସାର ବା ସାଂସାରିକତା ଉପାର୍ଜନ କର ଯଦ୍ୱାରାକି କେବଳ ତୁମମାନଙ୍କୁ ଲାଭ ପହଞ୍ଚାଉ ନଥିବ ବରଂ ମାନବତାକୁ ମଧ୍ୟ ଲାଭ ପହଞ୍ଚାଉଥିବ ଓ ସଂସାରରେ ଏପରି ଆଚରଣ ପ୍ରଦର୍ଶନ ନହେଉ ଯାହା ତୁମମାନଙ୍କ ନିମନ୍ତେ ଲଜ୍ଜାର କାରଣ ହେବ । ତୁମମାନଙ୍କର ବଂଶ ଏବଂ ତୁମମାନଙ୍କର ସଂପର୍କୀୟଙ୍କ ନିମନ୍ତେ ଲଜ୍ଜାର କାରଣ ହେବ ନାହିଁ ବରଂ ପବିତ୍ର ଓ ନିର୍ମଳ ଜୀବନ ହେବ । ପୁଣ୍ୟତା, ଧର୍ମପରାୟଣତା ଉପରେ  ପରିଚାଳିତ ଜୀବନ ହେବା ଉଚିତ୍ । ଯେତେବେଳେ ଏପରି ଜୀବନ ହେବ ଏବଂ ଯେତେବେଳେ ତୁମେମାନେ ଏପରି ସଂସାର ଉପାର୍ଜନ କରିବା ନିମନ୍ତେ ନିଜର ଜୀବନ ଅତିବାହିତ କରିବ ତେବେ ତାହା ତୁମାନଙ୍କୁ ଇହକାଳ ଓ ପରକାଳ ଦିନମାନଙ୍କରେ ପୁରୁସ୍କୃତ କରିବ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଅତଏବ୍ ଆଜି ଯେତେବେଳେ ସଂସାର ସାଧାରଣ ରୂପେ ନିଜର ଅଭିପ୍ରାୟ ପ୍ରାପ୍ତିରେ ଲିପ୍ତ ରହିଛି, ବ୍ୟକ୍ତିଗତ ସ୍ୱାର୍ଥକୁ ଅଗ୍ରାଧିକାର ଦିଆଯାଉଛି । ଯଦି ଜାତିକୁ ଦେଖାଯାଏ ତେବେ ସେମାନଙ୍କୁ କେବଳ ନିଜ ଜାତିର ଚିନ୍ତା ରହିଛି, ମାନବତା ପ୍ରତି ଚିନ୍ତା ନାହିଁ । ଏହି ସଂସାରିକତା ମାୟାରେ ପଡ଼ି ସେହି ଲୋକମାନେ ନିଜର ବିନାଶର ସାଧନ କରୁଛନ୍ତି । ଏପରି ପରିସ୍ଥିତିରେ ଆମମାନଙ୍କୁ ଅଲ୍ଲାଃତାଲାଙ୍କ ସହିତ ଇହକାଳ ଓ ପରକାଳର ପୁଣ୍ୟ ମାଗିବା ଆଡ଼କୁ ଧ୍ୟାନ ଦେବା ଉଚିତ୍ । ଏପରି ପରିସ୍ଥିତିରେ ଆମମାନଙ୍କୁ ଏଥିପ୍ରତି ଅଧିକ ଧ୍ୟାନ ଦେବାର ଆବଶ୍ୟକତା ରହିଛି । କାରଣ ଆମେମାନେ ନିଜର ଇହକାଳ ଓ ପରକାଳକୁ ମାର୍ଜିତ ଓ ଶୃଙ୍ଖଳିତ କରିପାରିବୁ ତଥା ପ୍ରତ୍ୟେକ ପ୍ରକାରର ବିପତ୍ତିରୁ ସୁରକ୍ଷିତ ରହି ପାରିବୁ। ସଂସାରର ବିନାଶର ଗର୍ତ୍ତ ମଧ୍ୟକୁ ଯାଉଅଛି । ଯେପରିକି ମୁଁ କହିଲି, ଅଲ୍ଲାଃତାଲା ଆମମାନଙ୍କୁ ତହିଁରୁ ସୁରକ୍ଷିତ ରଖନ୍ତୁ । ଅଲ୍ଲାଃତାଲା କରନ୍ତୁ କି ଆମମାନଙ୍କୁ ନିଜର କୃତ୍ୟ ମଧ୍ୟ ଉତ୍ତମ ଓ ଶୃଙ୍ଖଳିତ କରିବା ନିମନ୍ତେ ସାମର୍ଥ୍ୟ ପ୍ରାପ୍ତ ହେଉ । ଯେପରି ମୁଁ ବର୍ତ୍ତମାନ ଖୁତ୍‌ବାରେ କହିଲି ଯେ, ଏହି ଦୃଷ୍ଟିରୁ ଆମମାନଙ୍କୁ ଦୁଆ କରିବା ନମିନ୍ତେ ସାମର୍ଥ୍ୟ ପ୍ରାପ୍ତ ହେଉ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ ଅଲ୍ଲାଃତାଲା ଏଥି ନିମନ୍ତେ ଆମମାନଙ୍କୁ ପ୍ରକୃତ ଅର୍ଥରେ ସେହିସବୁ ପୁଣ୍ୟକୁ ପ୍ରାପ୍ତ କରିବା ନିମନ୍ତେ ସାମର୍ଥ୍ୟତା ପ୍ରଦାନ କରନ୍ତୁ ଓ ସର୍ବୋତ୍ତମ ଦୁଆ କରିବା ନିମନ୍ତେ ସାମର୍ଥ୍ୟତା ପ୍ରଦାନ କରନ୍ତୁ ଓ ଆମମାନଙ୍କୁ ଦୁଆକୁ ଅଲ୍ଲାଃତାଲା ସ୍ୱୀକାର ମଧ୍ୟ କରନ୍ତୁ । ଆମିନ୍ ।

**(ଅଲ୍‌ଫଜଲ୍ ଇଣ୍ଟରନ୍ୟାସନଲ୍, 10 ଏପ୍ରିଲ୍ 2026 ମସିହା, ପୃ-2)**

☆☆☆

## ବିଗତ ସଂଖ୍ୟା-19-20, ପୃ-23ରେ ବର୍ଣ୍ଣିତ ଖୁତବା ଜୁମା 13-3-26ରେ ଅବଶିଷ୍ଟାଂଶ....

ଈଶ୍ୱରଙ୍କର ଆବଶ୍ୟକତାକୁ ଗ୍ରହଣ କରାଯାଇଛି ବାସ୍ତବରେ ସେ ବିଦ୍ୟମାନ ମଧ୍ୟ ଅଟନ୍ତି, ଏହା ଅନ୍ୟ ଏକ ପ୍ରସଙ୍ଗ ଅଟେ । କେବଳ ଏହା କହିବା କି ଏହି ସଂସାରର କେହି ଜଣେ ନିର୍ମାତା ହେବା ଉଚିତ୍ ଏହା ଯଥେଷ୍ଟ ନୁହେଁ । ବରଂ ସେ ବିଦ୍ୟମାନ ଅଟନ୍ତି, ସେ କିଏ ଅଟନ୍ତି ? ସେ ଚିରଞ୍ଜୀବ ତଥା ଜୀବନ୍ତ ଈଶ୍ୱର ଅଟନ୍ତି । ଏ ସଂପର୍କରେ ଯଦି ଜାଣିବାକୁ ଚାହଁ ତେବେ ଏହାର ଜ୍ଞାନ ଆଁହଜରତ୍ ସ.ଅଙ୍କ ସହିତ ସଂଶ୍ଳିଷ୍ଟ ହେବା ଦ୍ୱାରା ହିଁ ପ୍ରାପ୍ତ ହୋଇପାରିବ ।"

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଯେହେତୁ ବୁଦ୍ଧିର ପନ୍ଥା ଅପୂର୍ଣ୍ଣ, ଅସଂପୂର୍ଣ୍ଣ ଓ ସନ୍ଦେହାସ୍ପଦ ବା ସନ୍ଦେହଯୁକ୍ତ, ତେଣୁ ପ୍ରତ୍ୟେକ ଦାର୍ଶନିକ ବ୍ୟକ୍ତି କେବଳ ନିଜର ବୁଦ୍ଧି ମାଧ୍ୟମରେ (ବଳରେ) ଈଶ୍ୱରଙ୍କୁ ଚିହ୍ନି ପାରିବ ନାହିଁ । ବରଂ ଏପରି ଅନେକ ଲୋକମାନେ ଅଛନ୍ତି ଯେଉଁମାନେ କେବଳ ବୁଦ୍ଧି ମାଧ୍ୟମରେ ଈଶ୍ୱରଙ୍କ ସନ୍ଧାନ ଲଗାଇବା ପାଇଁ ଚେଷ୍ଟା କରିଥାଆନ୍ତି । ଏହି ପ୍ରୟାସ କରିବାକୁ ଯାଇ ପିରଶେଷରେ ସେମାନେ ନାସ୍ତିକବାଦ ହୋଇଯାଆନ୍ତି ଏବଂ ଆକାଶ ଏବଂ ପାତାଳର ଉତ୍ପତ୍ତି ଉପରେ ବିଚାର କରିବା ସେମାନଙ୍କୁ କୌଣସି ଲାଭ ପ୍ରଦାନ କରି ନଥାଏ ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଏହା ହିଁ ଆଜିକାଲି ଆମେମାନେ ଦେଖିଥାଉ । ମୁସଲମାନମାନଙ୍କ ମଧ୍ୟରୁ ଅନେକ ଶିକ୍ଷିତ ବ୍ୟକ୍ତିମାନେ ନାସ୍ତିକବାଦୀ ହୋଇଯାଉଛନ୍ତି। ସେମାନେ ଈଶ୍ୱରଙ୍କ ଅସ୍ତିତ୍ୱକୁ ଅସ୍ୱୀକାର ଏଇଥି ପାଇଁ କରୁଛନ୍ତି ଯେ, ସେମାନେ କିଛି ବୁଝିପାରୁ ନାହାନ୍ତି । ଆଁହଜରତ୍ ସ.ଅ ଯେଉଁ ଶିକ୍ଷା ପ୍ରଦାନ କରିଥିଲେ ସେମାନେ ଆଁହଜରତ୍ ସ.ଅଙ୍କ ସହିତ ସଂଶ୍ଳିଷ୍ଟ ହୋଇ ମଧ୍ୟ ଏସବୁ ଶିକ୍ଷା ଉପରେ ବିଚାର କଲେ ନାହିଁ । **(ଅବଶିଷ୍ଟାଂଶ.....ପୃ-04ରେ)**

## ପୃ-03 ରେ ବର୍ଣ୍ଣିତ ଖୁତ୍‌ବା ଜୁମା 13-3-26ରେ ଅବଶିଷ୍ଟାଂଶ....

ହୁଜୁର ଅନ୍‌ୱର୍ ଅ.ବ କହିଲେ, ହ. ମସିହ୍ ମଉଦ୍ ଅ.ସ କୁହନ୍ତି: "ଈଶ୍ୱରଙ୍କ ପୂର୍ଣ୍ଣାଙ୍ଗ ଭକ୍ତମାନଙ୍କ ପ୍ରତି (ବିରୋଧୀମାନେ ଏବଂ ନାସ୍ତିକବାଦୀମାନେ) ଉପହାସ ଏବଂ ତାଚ୍ଛଲ୍ୟ କରିଥାଆନ୍ତି ଏବଂ ସେମାନଙ୍କର ଏହି ଯୁକ୍ତି ରହିଛି ଯେ, ସଂସାରରେ ସହସ୍ରାଧିକ ଏପରି ବସ୍ତୁ ଦେଖିବାକୁ ମିଳେ ଯାହାର ଅସ୍ତିତ୍ୱରେ ଆମମାନଙ୍କୁ କୌଣସି ଲାଭ ଦେଖିବାକୁ ମିଳି ନଥାଏ । ଆମେମାନେ ସେହି ବସ୍ତୁମାନଙ୍କରେ କୌଣସି ଲାଭ ଦେଖିବାକୁ ପାଇ ନଥାଉ । ଅର୍ଥାତ୍ ଯେଉଁ ବସ୍ତୁରେ ଆମମାନଙ୍କର ବୁଦ୍ଧିଜନିତ ଅନୁସନ୍ଧିତ୍ସୁତା ଦ୍ୱାରା ସୃଷ୍ଟିର ସୃଷ୍ଟି ହେବା ପ୍ରମାଣିତ ହୋଇ ନଥାଏ ଯାହା ନିର୍ମାଣ କର୍ତ୍ତା ବା ସୃଷ୍ଟି କର୍ତ୍ତାଙ୍କ ଅସ୍ତିତ୍ୱକୁ ପ୍ରମାଣିତ କରବି । କେବଳ ସେତିକି ନୁହେଁ ବରଂ କେବଳ ବାଜ୍ୟ ଓ ମିଥ୍ୟାତ୍ମକ ରୂପେ ସେହିସବୁ ବସ୍ତୁର ଅସ୍ତିତ୍ୱ ଦେଖିବାକୁ ମିଳିଥାଏ । ବଡ଼ ପରିତାପର ବିଷୟ ଯେ, ସେହି ଅବୋଧମାନେ ଜାଣନ୍ତି ନାହିଁ । ସେମାନେ ଏହି ଯୁକ୍ତି ବାଢି ଥାଆନ୍ତି ଯେ, କେହି ନିର୍ମାଣକର୍ତ୍ତା ଅର୍ଥାତ୍ ସ୍ରଷ୍ଟା ଫ୍ରଷ୍ଟା ନାହିଁ । ପ୍ରତ୍ୟେକ ବସ୍ତୁର ଲାଭ ହୋଇ ନଥାଏ । କାରଣ ସେମାନଙ୍କୁ ଜଣା ହିଁ ନାହିଁ ଯେ, ଲାଭ ଅଛି ଅବା ନୁହେଁ? କାରଣ ସେମାନଙ୍କର ଜ୍ଞାନ ହିଁ ନାହିଁ ସେଇଥି ପାଇଁ ସେମାନେ ଏପରି କଥାବାର୍ତ୍ତା କରିଥାଆନ୍ତି । ଆପଣ ଅ.ସ କୁହନ୍ତି ଦୁଃଖ ଓ ପରିତାପର ବିଷୟ ଯେ, ସେହି ଅବୋଧ ବ୍ୟକ୍ତିମାନେ ଜାଣନ୍ତି ନାହିଁ ଯେ, ଅଜ୍ଞାନ ଦ୍ୱାରା କୌଣସି ବସ୍ତୁର ଅସ୍ତିତ୍ୱ ନାହିଁ ବୋଲି ଅନିର୍ବାର୍ଯ୍ୟ ହୋଇଯାଇ ନଥାଏ । ଏହା ନୁହେଁ ଯେ, ଯଦି କୌଣସି ପ୍ରସଙ୍ଗ ସଂପର୍କରେ ଜ୍ଞାନ ନାହିଁ ତେବେ ଏହା କହିବା କି ସେହି ବସ୍ତୁର ଅସ୍ତିତ୍ୱ ହିଁ ନାହିଁ, ଏହା ସଂପୂର୍ଣ୍ଣ ରୂପେ ଭୁଲ୍ ଅଟେ । ଏହି ପ୍ରକାରର ଲକ୍ଷ ଲକ୍ଷ ଲୋକମାନେ ସାଂପ୍ରତିକ ଯୁଗରେ ଦେଖିବାକୁ ମିଳନ୍ତି । ସେହି ଲୋକମାନେ ନିଜକୁ ପରମ ବୁଦ୍ଧିମାନ୍ ଏବଂ ଦାର୍ଶନିକ ବୋଲି ମନେକରିଥାଆନ୍ତି ଏବଂ ଈଶ୍ୱରଙ୍କ ଅସ୍ତିତ୍ୱକୁ ସେମାନେ ଅସ୍ୱୀକାର ତଥା ପ୍ରତ୍ୟାଖ୍ୟାନ କରିଥାଆନ୍ତି । ବର୍ତ୍ତମାନ ଏହା ପ୍ରକାଶ୍ୟ ଯେ, ଯଦି କୌଣସି ବୌଦ୍ଧିକପୂର୍ଣ୍ଣ ବଳିଷ୍ଠ ପ୍ରମାଣ ସେମାନଙ୍କୁ ମିଳନ୍ତା ତେବେ ସେମାନେ ଈଶ୍ୱରଙ୍କ ଅସ୍ତିତ୍ୱକୁ ଅସ୍ୱୀକାର କରି ନଥାଆନ୍ତେ ଏବଂ ଯଦି ଈଶ୍ୱରଙ୍କ ଅସ୍ତିତ୍ୱ ସଂପର୍କରେ ବଳିଷ୍ଠ ବୌଦ୍ଧିକପୂର୍ଣ୍ଣ ପ୍ରମାଣ ସେମାନଙ୍କୁ ମିଳିଥାଆନ୍ତା ତେବେ ସେହି ପ୍ରମାଣ ସେମାନଙ୍କର ମୁହଁ ବନ୍ଦ କରିଦେଇ ଥାଆନ୍ତା । ଫଳତଃ ସେମାନେ ଈଶ୍ୱରଙ୍କ ଅସ୍ତିତ୍ୱ ପ୍ରତି ଏଭଳି ନିର୍ଲଜତା, ଉପହାସ, ତାଚ୍ଛଲ୍ୟତା ପ୍ରଦର୍ଶନ କରି ତାହାଙ୍କ ଅସ୍ତିତ୍ୱର ଅସ୍ୱୀକାରକାରୀ ହୋଇଯାଇ ନଥାଆନ୍ତେ। ଅତଏବ୍ କୌଣସି ବ୍ୟକ୍ତି ଦାର୍ଶନିକମାନଙ୍କର ଭେଳା (ନାବ/ଡଙ୍ଗା) ଉପରେ ବସି ସଂଶୟର ଝଡ଼ ତୋଫାନରୁ ମୁକ୍ତି ପ୍ରାପ୍ତ କରିପାରିବ ନାହିଁ । ବରଂ ସେହି ବ୍ୟକ୍ତି ଅବଶ୍ୟ ବୁଡ଼ିବ ଏବଂ କଦାପି ଏକେଶ୍ୱରବାଦର ସରବତ୍ ତାକୁ ପ୍ରାପ୍ତ ହୋଇ ପାରିବ ନାହିଁ । ବର୍ତ୍ତମାନ ତୁମେମାନେ ବିଚାର କର ଯେ, ଏହି ଧାରଣା କିଭଳିଆ ମିଥ୍ୟା, ଦୁର୍ଗନ୍ଧଯୁକ୍ତ ଧାରଣା ଅଟେ । କାରଣ ଆଁହଜରତ୍ ସ.ଅଙ୍କ ମାଧ୍ୟମ ବ୍ୟତୀରେକ ଏକେଶ୍ୱରବାଦ କଦାପିର ପ୍ରାପ୍ତ ହୋଇପାରିବ ନାହିଁ । ଆଁହଜରତ୍ ସ.ଅଙ୍କ ମାଧ୍ୟମରେ ହିଁ ମନୁଷ୍ୟ ମୋକ୍ଷ ପ୍ରାପ୍ତ କରିପାରିବ ।"

ହୁଜୁର ଅନ୍‌ୱର୍ ଅ.ବ କହିଲେ, ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ କୁହନ୍ତି: "ହେ ଅବୋଧ ବ୍ୟକ୍ତିମାନେ ଯେପର୍ଯ୍ୟନ୍ତ ଈଶ୍ୱରଙ୍କ ଅସ୍ତିତ୍ୱ ଉପରେ ପୂର୍ଣ୍ଣ ବିଶ୍ୱାସ ହୋଇଯାଇ ନାହିଁ ସେପର୍ଯ୍ୟନ୍ତ ତାହାଙ୍କ ଏକେଶ୍ୱରବାଦ ଉପରେ କିପରି ବିଶ୍ୱାସ ହୋଇପାରିବ। ଅତଏବ୍ ନିଃସନ୍ଦେହ ରୂପେ ତୁମେମାନେ ଏହା ମନେରଖ ଯେ, ନିଃସନ୍ଦେହ ପୂର୍ଣ୍ଣ ତଥା ସୁନିଶ୍ଚିତମୂଳକ ଏକେଶ୍ୱରବାଦ ଅବତାରଙ୍କ ମାଧ୍ୟମରେ ହିଁ ପ୍ରାପ୍ତ ହୋଇପାରିବ। ଯେପରିକି ଆମ୍ଭର ପ୍ରିୟାବତାର ହ. ମୁହମ୍ମଦ ସ.ଅ ଆରବ ଦେଶର ନାସ୍ତିକବାଦୀ ଏବଂ ବିଧର୍ମୀମାନଙ୍କୁ ସହସ୍ର ସହସ୍ର ଆକାଶୀୟ ନିଦର୍ଶନ ଦେଖାଇ ଈଶ୍ୱରଙ୍କ ଅସ୍ତିତ୍ୱର ସ୍ୱୀକାରୋକ୍ତି ପ୍ରକାଶକାରୀ ବ୍ୟକ୍ତିରେ ପରିଗଣିତ କରିଦେଲେ ଏବଂ ଏପର୍ଯ୍ୟନ୍ତ ଆଁହଜରତ୍ ସ.ଅଙ୍କ ପ୍ରକୃତ ପ୍ରେମ ଓ ପୂର୍ଣ୍ଣ ଆଜ୍ଞାବହତ୍ୱ ପ୍ରଦର୍ଶନକାରୀମାନେ ସେହିସବୁ ନିଦର୍ଶନକୁ ନାସ୍ତିକବାଦୀମାନଙ୍କ ସମ୍ମୁଖରେ ଉପସ୍ଥାପିତ କରିଥାଆନ୍ତି ।"

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଆଜି ମଧ୍ୟ ଆମେମାନେ ସେହି ନିଦର୍ଶନଗୁଡ଼ିକ ସେହି ନାସ୍ତିକବାଦୀମାନଙ୍କ ସମ୍ମୁଖରେ ଉପସ୍ଥାପିତ କରିଥାଉ । ଉକ୍ତ କଥାଟି ସତ୍ୟ ଯେ, ଜୀବନ୍ତ ଈଶ୍ୱରଙ୍କ ଶକ୍ତିକୁ ମନୁଷ୍ୟ ଅବଲୋକନ (ଦେଖି ପାରିବ) କରି ପାରିବ ନାହିଁ । ସୈତାନ୍ ସେହି ବ୍ୟକ୍ତିର ହୃଦୟ ମଧ୍ୟରୁ ବାହାରି ନଥାଏ ଓ ନା ହିଁ ଏକେଶ୍ୱରବାଦ ସେହି ବ୍ୟକ୍ତି ଅର୍ଥାତ୍ ସୈତାନ୍ ସ୍ୱଭାବ ବ୍ୟକ୍ତିର ହୃଦୟରେ ପ୍ରବିଷ୍ଟ ହୋଇଥାଏ ତଥା ସୁନିଶ୍ଚିତ (ନିଃସନ୍ଦେହାତ୍ମକ) ରୂପେ ସେହି ସୈତାନ ସ୍ୱଭାବର ବ୍ୟକ୍ତି ଈଶ୍ୱରଙ୍କ ଅସ୍ତିତ୍ୱର ସ୍ୱୀକାରୋକ୍ତି ପ୍ରକାଶକାରୀ ହୋଇପାରିବ ନାହିଁ । ଏହି ପବିତ୍ର ଏବଂ ପୂର୍ଣ୍ଣାଙ୍ଗ ଏକେଶ୍ୱରବାଦ କେବଳ ଓ କେବଳ ଆଁହଜରତ୍ ସ.ଅଙ୍କ ମାଧ୍ୟମରେ ମିଳିଥାଏ ।

**(ହକିକତୁଲ୍ ୱହି, ରୁହାନୀ ଖଜାଏନ୍, ଗ୍ରନ୍ଥଖଣ୍ଡ-22, ପୃ-118-121)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଅତଏବ୍ ଏ ହେଉଛି ପ୍ରକୃତ ଏକେଶ୍ୱରବାଦ ଯାହାର ସନ୍ଧାନ ଆମମାନଙ୍କୁ କରିବା ଉଚିତ୍ । ଏହି ଏକେଶ୍ୱରବାଦ ଆମମାନଙ୍କୁ ଅନ୍ୱେଷଣ କରିବା ଉଚିତ୍ । ଆମମାନଙ୍କୁ ନିଜର ବିଶ୍ୱାସକୁ ସେହି ସ୍ତର ପର୍ଯ୍ୟନ୍ତ ପହଞ୍ଚାଇବା ପାଇଁ ଉଦ୍ୟମ କରିବା ଉଚିତ୍ ଯେଉଁଠି ଆମେମାନେ ପ୍ରତ୍ୟେକ ପ୍ରକାରର ବଳିଦାନ ଦେବା ନିମନ୍ତେ ପ୍ରସ୍ତୁତ ଥିବୁ । ଆମେମାନେ ନିଜ ମଧ୍ୟରେ ଆଁହଜରତ୍ ସ.ଅଙ୍କ ସହିତ ପ୍ରକୃତ ପ୍ରେମ ସୃଷ୍ଟି କରିବା ଉଚିତ୍ । ସାଂପ୍ରତିକ କାଳରେ ଅଲ୍ଲାଃତାଲା ଆଁହଜରତ୍ ସ.ଅଙ୍କ ସତ୍ୟବାଦୀ ଦାସଙ୍କୁ ଏକେଶ୍ୱରବାଦର ସ୍ଥାପନର କାର୍ଯ୍ୟକୁ ଜାରି ରଖିବା ନିମନ୍ତେ ପ୍ରେରଣ କରିଛନ୍ତି ଏବଂ ଏଥି ନିମନ୍ତେ ଆମେମାନେ ଆପଣ ଅ.ସଙ୍କର ବୈଅତ୍ କରିଛୁ। ତେଣୁ ଏଥି ନିମନ୍ତେ ଆମମାନଙ୍କୁ ଭରପୁର ଉଦ୍ୟମ କରିବା ଉଚିତ୍ । କାରଣ ଏହାର ଅଧିକାରକୁ ଆମେମାନେ ସମ୍ପାଦନକାରୀ ବ୍ୟକ୍ତିରେ ପରିଗଣିତ ହେବୁ । ତେଣୁ ଏଥି ନିମନ୍ତେ ଆମମାନଙ୍କୁ ଦୁଆ କରିବା ଉଚିତ୍ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ରମ୍‌ଜାନ୍ ମାସର ଏହି ଅବଶିଷ୍ଟ ଦିନମାନଙ୍କରେ ବିଶେଷ ରୂପେ ଆମମାନଙ୍କୁ ଦୁଆ କରିବାର ଆବଶ୍ୟକତା ରହିଛି ଯେ, ଏକେଶ୍ୱରବାଦ ସ୍ଥାପନ ଏବଂ ତାହାର ସ୍ୱାଭିମାନେ ନିମନ୍ତେ ଆମ ସମସ୍ତଙ୍କୁ ଆଗକୁ ଆସିବା ଉଚିତ୍ । ଅଲ୍ଲାଃତାଲା ଆମ ସମସ୍ତଙ୍କୁ ଏଥି ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ ଓ ଆମମାନଙ୍କର ଦୋଷ ଦୁର୍ବଳତାକୁ ଦୂର କରନ୍ତୁ । **ଆମିନ୍ ।**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ମୁଁ ବିଗତ ଖୁତବ୍‌ରେ ମୁସଲମାନ ଜାତି ନିମନ୍ତେ ମଧ୍ୟ ଦୁଆ ପାଇଁ କହିଥିଲି । ଏମାନେ ଅର୍ଥାତ୍ ମୁସଲମାନମାନେ ମଧ୍ୟ ପ୍ରକୃତ ଏକେଶ୍ୱରବାଦ ହୃଦୟଙ୍ଗମକାରୀ ବ୍ୟକ୍ତି ରୂପେ ବିବେଚିତ ହୁଅନ୍ତୁ ଓ ଏହାକୁ କାର୍ଯ୍ୟାକାରୀ ବ୍ୟକ୍ତି ରୂପେ ପରିଗଣିତ କରନ୍ତୁ । କାରଣ ତେବେ ଯାଇ ସେମାନେ ତିଷ୍ଠି ପାରିବେ, ଶତ୍ରୁର ପ୍ରବଞ୍ଚନା ଓ ପ୍ରତାରଣା ଜନିତ ଯୋଜନାରୁ ବର୍ତ୍ତି ପାରିବେ । ଅଲ୍ଲାଃତାଲା ସେମାନଙ୍କୁ ମଧ୍ୟ ଏହି ସାମର୍ଥ୍ୟ ପ୍ରଦାନ କରନ୍ତୁ । **ଆମିନ୍ ।**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଆଜି ମଧ୍ୟ ମୁଁ ନମାଜ୍ ପରେ ଗୋଟିଏ ନମାଜ୍ ଯନାଜାଃ ଗାଏବ୍ ପାଠ କରାଇବି । ସେହି ଯନାଜାଃଟି ହେଲା ସ୍ୱର୍ଗତ ତାଇୱା ଅୟୁବ୍ ସାହେବଙ୍କର । ସ୍ୱର୍ଗତ ମୁବଲ୍ଲିଗ୍ ସିଲସିଲା ଥିଲେ । ବିଗତ ଦିନରେ ୫0 ବର୍ଷ ବୟସରେ ତାଙ୍କର ବିୟୋଗ ହୋଇୟାଇଛି । انا للّٰہ وانا الیہ راجعون । ଅଲ୍ଲାଃତାଲାଙ୍କ କୃପାରୁ ସ୍ୱର୍ଗତ ମହୋଦୟ ମୁସି (ଓସିୟତ୍ କରି) ଥିଲେ । ସ୍ୱର୍ଗତଙ୍କର ସଂପର୍କ ନାଇଜିରୀୟ ସହିତ ଥିଲା । 1965 ମସିହାରେ ଏକ ସ୍ୱପ୍ନ ମାଧ୍ୟମରେ ଆପଣ ଅହମଦିୟତ୍ ଗ୍ରହଣ କରିଥିଲେ । 1966 ମସିହାରେ ଆପଣ ମିଶ୍‌ନାରୀ ଟ୍ରେନିଂ କଲେଜ (ମହାବିଦ୍ୟାଳୟ) ଘାନା ଠାରେ ନାମ ଲଖାଇଥିଲେ । ସେଠାରୁ ପ୍ରାରମ୍ଭିକ ଶିକ୍ଷା ସମାପ୍ତ କରିବା ପରେ 1969 ମସିହାରେ ଆପଣ ନାଇଜିରୀୟା ଫେରି ଆସିଥିଲେ ଏବଂ ଏକ ବର୍ଷ ପର୍ଯ୍ୟନ୍ତ ଆପଣ ସେବା କରିବା ପରେ 1970 ମସିହାରେ ଶାହିଦ୍ (ସ୍ନାତକ) ଡିଗ୍ରୀ ପ୍ରାପ୍ତ କରିଥିଲେ । ତତ୍ପରେ ଆପଣ ନଇଜିରୀୟା ଆସିଲେ ଏବଂ ସେବା ଆରମ୍ଭ କଲେ ଓ ମୃତ୍ୟୁ ପର୍ଯ୍ୟନ୍ତ ଆପଣ ସେହିଠାରେ ହିଁ ରହିଲେ । ଆପଣ ପ୍ରାୟ 47 ବର୍ଷ ପର୍ଯ୍ୟନ୍ତ ସେବା କରିବାର ସାମର୍ଥ୍ୟ ଲାଭ ପାଇଥିଲେ । ନାଇଜେରୀୟର ବିଭିନ୍ନ ସ୍ଥାନମାନଙ୍କରେ ଆପଣଙ୍କୁ ସେବା କରିବାର ସାମର୍ଥ୍ୟ ଲାଭ ହୋଇଥିଲା ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ସ୍ୱର୍ଗତ ମହୋଦୟ ନଇଜିରୀୟାରେ ଅମୀର୍ ରୂପେ ମଧ୍ୟ ସେବା କରିଥିଲେ । ସାମ୍ବାଦିକତାରେ ଆପଣ ସ୍ନାତକୋତ୍ତୋର ଡିଗ୍ରୀ ମଧ୍ୟ ପ୍ରାପ୍ତ କରିଥିଲେ । ସେଇଥି ପାଇଁ ଏ ସଂପର୍କରେ ମଧ୍ୟ ସେ କାମ କରୁଥିଲେ । ଯାମିଅତୁଲ୍ ମୁବଶ୍‌ଶିରିନ ନାଇଜିରୀୟାର ପ୍ରିଂସିପାଲ ରୂପେ ମଧ୍ୟ ଆପଣ ନିଯୁକ୍ତ ହୋଇଥିଲେ । ପ୍ରଥମେ ଆପଣ କାଏମ୍ ମକାମ୍ (ପ୍ରତିଷ୍ଠାନିକ) ପ୍ରିଂସିପାଲ୍ ଓ ପୁନଶ୍ଚ ତିନି ଚାରି ବର୍ଷ ନିୟମିତ ପ୍ରିଂସିପାଲ୍ ମଧ୍ୟ ରହିଥିଲେ । ଆପଣ ଜଣେ ଭଲ କ୍ରୀଡ଼ାବିତ୍ (ଖେଳାଳୀ) ମଧ୍ୟ ଥିଲେ । ଆପଣ ଖେଳକୁଦକୁ ବହୁତ ଭଲ ପାଉଥିଲେ । କିନ୍ତୁ ଆପଣ କେବେ ବି ଖେଳକୁ ନିଜ ଉପାସନାରେ ବାଧା ସାଜିବାକୁ ଦେଇ ନଥିଲେ । ଆପଣ ଜଣେ ଭଲ ଲେଖକ ମଧ୍ୟ ଥିଲେ । ଜଣେ ଅଭିଜ୍ଞ ଭାଷାବିତ ଓ କବି ମଧ୍ୟ ଥିଲେ । ଶୋକ ସନ୍ତପ୍ତ ପରିବାର ବର୍ଗଙ୍କ ମଧ୍ୟରେ ପତ୍ନିଙ୍କ ବ୍ୟତୀତ ତିନି ଜଣ ପୁତ୍ର ସନ୍ତାନ ଏବଂ ପାଞ୍ଚ ଜଣ କନ୍ୟା ସନ୍ତାନ ଅନ୍ତର୍ଭୁକ୍ତ ଅଟନ୍ତି । ସର୍ବ କନିଷ୍ଠ ପୁତ୍ର ସନ୍ତାନ ଅବ୍‌ଦୁଲ୍ ମଜିଦ୍ ସାହେବ ବର୍ତ୍ତମାନ ନାଇଜିରୀୟର ମୁବଲ୍ଲିଗ୍ ସିଲ୍‌ସିଲା ଅଟନ୍ତି ଓ ରିଭ୍ୟୁ ଅଫ୍ ରିଲିଜିୟନ୍‌ସ୍‌ର କୋ ଅର୍ଡ଼ିନେଟର ରୂପେ ମଧ୍ୟ ଆପଣ ସେବା କରିବାକୁ ସାମର୍ଥ୍ୟ ଲାଭ ପାଉଛନ୍ତି ତଥା ଆପଣ ଅର୍ଥାତ୍ ଅବଦ୍ଦୁଲ୍ ମଜିଦ୍ ସାହେବ ୱାକ୍‌ଫେ **(ଅବଶିଷ୍ଟାଂଶ......ପୃ-10ରେ)**

### ଅଲ୍ଲାଃତାଲାଙ୍କ ବାଣୀ

"ୱମା ଅର୍‌ସଲନାକା ଇଲ୍ଲା ରହ୍‌ମତନ୍ ଲିଲ୍ ଆଲମିନ୍ ।"

(ଅଲ୍ ହଜ୍:31)

**ଅର୍ଥାତ ହେ ମୁହମ୍ମଦ ସ.ଅ ଆମ୍ଭେ ତୁମକୁ ସମଗ୍ର ସଂସାରବାସୀଙ୍କ ନିମନ୍ତେ କେବଳ କରୁଣା ରୂପେ ଗଢି ପ୍ରେରଣ କରିଛୁ ।**

ତାଲିବେ ଦୁଆ: Sarafat Ali Khan, S/o- Manwar Ali Khan , Jamat Ahmadiya Karadapalli (Odisha)

### ଅଲ୍ଲାଃତାଲାଙ୍କ ବାଣୀ

"ଲନ୍ ତନାଲୁଲ୍ ବିର୍‌ରା ହତ୍ତା ତୁନ୍‌ଫିକୁ ମିମ୍ମା ତୁହିବ୍‌ବୁନ୍ ।"

(ଆଲେ ଇମ୍ରାନ୍ :93)

**ଅର୍ଥାତ ଯେପର୍ଯ୍ୟନ୍ତ ତୁମେମାନେ ଅଲ୍ଲାଃତାଲାଙ୍କ ଉଦ୍ଦେଶ୍ୟରେ ନିଜର ପ୍ରିୟ ଧନକୁ ବ୍ୟୟ କରିଦେଇ ନାହଁ ସେପର୍ଯ୍ୟନ୍ତ ତୁମେମାନେ ସଂପୂର୍ଣ୍ଣ ପୁଣ୍ୟ ଲାଭ କରିପାରିବ ନାହିଁ ।**

ତାଲିବେ ଦୁଆ: Sheikh Ghulam Ahmad & Family, Jamat Ahmadiya Bhadrak (Odisha)

(ଖୁତ୍‌ବା ଜୁମା)

**ଏକେଶ୍ୱରବାଦ ସ୍ଥାପନ ସଂପର୍କରେ ଆଁହଜରତ୍ ସ.ଅଙ୍କ ମନରେ ଥିବା ବେଦନା ଓ ଆପଣ ସ.ଅଙ୍କ ପବିତ୍ର ଜୀବନୀର ହୃଦୟାସୀନ ଏବଂ ବିଶ୍ୱାସବର୍ଦ୍ଧକ ଘଟଣାବଳୀର ଚର୍ଚ୍ଚା । ସେହିପରି ମଧ୍ୟ ପୂର୍ବରେ ଯୁଦ୍ଧ ସ୍ଥିତିକୁ ଦୃଷ୍ଟି ସମ୍ମୁଖରେ ରଖି ଜମାଅତ୍‌ର ସଦସ୍ୟବୃନ୍ଦଙ୍କୁ ଦୁଆ କରିବା ନିମନ୍ତେ ଆହ୍ୱାନ ।**

**ଖୁତ୍‌ବା ଜୁମା 27 March 2026 ମସିହା ଅନୁଯାୟୀ ୨୭ ଅମାନ୍ ୧୪୦୫ ହିଜ୍ରୀ ଶମ୍‌ଶୀ, ସ୍ଥାନ-ମସ୍‌ଜିଦ୍ ମୁବାରକ୍ ଇସ୍‌ଲାମାବାଦ୍ ଟେଲ୍‌ଫୋର୍ଡ଼ (ସରେ) ୟୁ.କେ ।**

ଖୁତ୍‌ବାର ଉକ୍ତ ମଧ୍ୟବର୍ତ୍ତୀ ଟୀକା ବଦର୍‌ର ସମ୍ପାଦକୀୟ ମଣ୍ଡଳୀ ଓ ଅଲ୍‌ଫଜଲ୍ ଲଣ୍ଡନ୍‌ର ସମ୍ପାଦକୀୟ ମଣ୍ଡଳୀଙ୍କ ପକ୍ଷରୁ କୃତଜ୍ଞତାର ସହିତ ପ୍ରକାଶିତ କରାଯାଉଛି ରାଯାଉଛି।

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهٗ لَا شَرِيكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَرَسُولُهٗ۔ أَمَّا بَعْدُ فَأَعُوذُ بِاللّٰهِ مِنَ الشَّيْطٰنِ الرَّجِيمِ۔ بِسْمِ اللّٰهِ الرَّحْمٰنِ الرَّحِيمِ۔ اَلْحَمْدُ لِلّٰهِ رَبِّ الْعٰلَمِيْنَ۔ اَلرَّحْمٰنِ الرَّحِيْمِ۔ مٰلِكِ يَوْمِ الدِّيْنِ۔ إِيَّاكَ نَعْبُدُ وَإِيَّاكَ نَسْتَعِيْنُ۔ اِهْدِنَا الصِّرَاطَ الْمُسْتَقِيْمَ۔ صِرَاطَ الَّذِيْنَ أَنْعَمْتَ عَلَيْهِمْ۔ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ۔

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି କରିବା ପରେ ହୁଜୁର ଅନ୍‌ୱର୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜିଜ୍ କହିଲେ, ଆଁହଜରତ୍ ସ.ଅଙ୍କ ଜୀବନୀ ସଂପର୍କରେ ଏକେଶ୍ୱରବାଦର ଚର୍ଚ୍ଚା ଚାଲିଥିଲା । ମକ୍କା ବିଜୟ ସମୟରେ ପିତୁଳାମାନଙ୍କୁ ଭୂମିସାତ୍ କରିବାର ସବିଶେଷ ବିବରଣୀ ବିଗତ ଖୁତ୍‌ବାରେ ବର୍ଣ୍ଣନା ହୋଇ ସାରିଛି । ଏସବୁ ଆପଣ ସ.ଅ ଅଲ୍ଲାଃତାଲାଙ୍କ ଏକେଶ୍ୱରବାଦର ଘୋଷଣା ସ୍ୱରୂପ କରିଥିଲେ । କାରଣ ଯେଉଁ ପିତୁଳାମାନଙ୍କୁ ତୁମେମାନେ ଉପାସନା କରି ସେମାନଙ୍କର ତ' ଏହି ଅବସ୍ଥା ରହିଛି । ସୁତରାଂ ଆମେମାନେ ଦେଖିଲୁ ଯେ, ମକ୍କାର ଆଖପାଖରେ ଥିବା ଅବିଶ୍ୱାସକାରୀମାନଙ୍କର ସର୍ବବୃହତ୍ ପିତୁଳାଗୁଡ଼ିକ ଯଥା- ମନାତ୍, ଉଜ୍ଜା ଓ ସୁୱାଅ ଇତ୍ୟାଦିମାନଙ୍କୁ ଭୂମିସାତ କରିଦିଆଗଲା । ଏ ସଂପର୍କରେ ତାଏଫ୍‌ବାସୀଙ୍କ ଲାତ୍ ନାମକ ପିତୁଳା ସଂପର୍କରେ ଏକ ବର୍ଣ୍ଣନା ଏହିପରି ମିଳେ ଯେ, "ତାଏଫ୍‌ବାସୀ ନିଜର ଲାତ୍ ପିତୁଳା ସଂପର୍କରେ ଯାହାକୁ ସେମାନେ ରବ୍‌ବହୁ ଅର୍ଥାତ୍ ଦେବୀ ବୋଲି କହୁଥିଲେ, ଆଁହଜରତ୍ ସ.ଅଙ୍କ ସେବାରେ ଏହା କହିଲେ, ଯେ, ହେ ମୁହମ୍ମଦ୍ ସ.ଅ ଏହି ଦେବୀଙ୍କୁ 3 ବର୍ଷ ପର୍ଯ୍ୟନ୍ତ ଭଙ୍ଗା ନଯାଉ । ରସୁଲ୍ କରୀମ୍ ସ.ଅଙ୍କ ଏକେଶ୍ୱରବାଦ ସ୍ୱାଭିମାନ ଏହି ଚାଟୁତାରୀତାକୁ ସ୍ୱୀକାର କଲା ନାହିଁ। ତାଏଫ୍‌ବାସୀମାନେ ପୁଣି ଥରେ କହିଲେ ଯେ, ହେ ମୁହମ୍ମଦ୍ ସ.ଅ ! ଏକ ବର୍ଷ ପର୍ଯ୍ୟନ୍ତ ଉକ୍ତ ପିତୁଳାକୁ ଖସାନ୍ତୁ ନାହିଁ । ରସୁଲ୍ କରୀମ୍ ସ.ଅ ତଥାପି ଅସ୍ୱୀକାର କଲେ । ସେମାନେ ଅର୍ଥାତ୍ ତାଏଫ୍‌ବାସୀମାନେ କହିଲେ, ହଉ ମାସେ ପର୍ଯ୍ୟନ୍ତ ଉକ୍ତ ପିତାଳୁକୁ ଭାଙ୍ଗନ୍ତୁ ନାହିଁ । ଏତିକି ଆପଣ ସ.ଅ ଅନୁମତି ପ୍ରଦାନ କରନ୍ତୁ । କାରଣ ଲୋକମାନେ ଇସ୍‌ଲାମ୍ ଧର୍ମରେ ପ୍ରବିଷ୍ଟ ହୋଇଯିବେ ଏବଂ ମୂର୍ଖ ଲୋକମାନେ ଏବଂ ମହିଳାମାନେ ଏହି ପିତୁଳା ଭଙ୍ଗାଯିବା ଯୋଗୁଁ ଇସଲାମ୍ ଧର୍ମରୁ ଦୂରେଇ ନଯାଆନ୍ତୁ। କିନ୍ତୁ ରସୁଲ୍ କରୀମ୍ ସ.ଅ ଏଥିପାଇଁ ମଧ୍ୟ ଅନୁମତି ପ୍ରଦାନ କଲେ ନାହିଁ ଏବଂ ହ. ଅବୁ ସୁଫିୟାନ୍ ର.ଅ ଓ ହ. ମୁଗିରାହ୍ ବିନ୍ ଶୋବା ର.ଅଙ୍କୁ ପ୍ରେରଣ କରି ସେହି ପିତୁଳାକୁ ଖସାଇଦେଲେ (ଭାଙ୍ଗିଦେଲେ) । ଆପଣ ସ.ଅଙ୍କ ଏକେଶ୍ୱରବାଦଜନିତ ସ୍ୱାଭିମାନ ଏହା ସହ୍ୟ କଲା ନାହିଁ ଯେ, କୌଣସି ପରିସ୍ଥିତିରେ ମଧ୍ୟ ଏହି ପିତୁଳାକୁ ରହିବାକୁ ଦିଆଯାଉ । ଅପରପକ୍ଷେ ବର୍ତ୍ତମାନ ଇସ୍‌ଲାମୀୟ ରାଷ୍ଟ୍ର ସ୍ଥାପିତ ହୋଇ ସାରିଛି ।"**(ଅସ୍ ସିରତୁଲ୍ ହଲବିୟାହ୍, ଗ୍ରନ୍ଥଖଣ୍ଡ-3, ପୃ-304-305, ଦାରୁଲ୍ କୁତୁବୁଲ୍ ଇଲମିୟାହ୍, ବୈରୁତ୍)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଅବୁଲ୍ ହୟ୍ୟାଜ୍ ଅସଦି ନାମକ ଜଣେ ସାହାବି ବର୍ଣ୍ଣନା କରନ୍ତି ଯେ, ମୋତେ ଅର୍ଥାତ୍ ଅବୁଲ୍ ହୟ୍ୟାଜ୍ ଅସଦିଙ୍କୁ ହ. ଅଲୀ ବିନ୍ ଅବି ତାଲିବ୍ ର.ଅ କହିଲେ, ହେ ଅବୁଲ୍ ହୟ୍ୟାଜ୍ ! କ'ଣ ମୁ ତୁମକୁ ଉକ୍ତ କାର୍ଯ୍ୟ ଅର୍ଥାତ୍ ଅଭିଯାନରେ ପ୍ରେରଣ କରିବି ନାହିଁ ଯେଉଁ ଅଭିଯାନରେ ମୋତେ ରସୁଲ୍ କରୀମ୍ ସ.ଅ ପ୍ରେରଣ କରିଥିଲେ । କାରଣ ତୁମେ କୌଣସି ମୂର୍ତ୍ତି ଛାଡ଼ିବ ନାହିଁ । କିନ୍ତୁ ସେହି ମୂର୍ତ୍ତିକୁ ନିଶ୍ଚିହ୍ନ କରିଦେବ ଓ ଉପରକୁ ଉଠିଥିବା କୌଣସି ଗୋଜିଆ କବରକୁ ଛାଡ଼ିବ ନାହିଁ । କିନ୍ତୁ ସେହି କବରକୁ ସମତଳ କରିଦେବ । **(ସହି ମୁସ୍‌ଲିମ୍, ଅନୁବାଦକ, ଗ୍ରନ୍ଥଖଣ୍ଡ-4, ପୃ-133, କିତାବୁଲ୍ ଯନାଏଜ୍, ବାବୁଲ୍ ଅମର୍ ବିତସ୍‌ୱିୟାହ୍, ହଦିସ୍ ନଂ-1597, ନୁର୍ ଫାଉଣ୍ଡେସନ୍, ରବୱା)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, କାହିଁକି (ଆଁହଜରତ୍ ସ.ଅ କାହିଁକି ଏପରି କହିଲେ)? କାରଣ ଏସବୁ ବସ୍ତୁ ଏକେଶ୍ୱରବାଦର ବିରୋଧ ଓ ନକାରାତ୍ମକ ବସ୍ତୁ ଅଟନ୍ତି ଏବଂ ଇସ୍‌ଲାମୀୟ ରାଷ୍ଟ୍ରରେ ଏହାକୁ କସ୍ମିନ୍ କାଳେ ସହ୍ୟ କରାଯାଇ ପାରିବ ନାହିଁ । କିନ୍ତୁ ଦୁଃଖ ଓ ପରିତାପର ବିଷୟ ଏହିକି ଯେ, ଆଜିକାଲି ମୁସଲମାନମାନଙ୍କର ସଂଖ୍ୟାଗରିଷ୍ଠ ଲୋକମାନେ କବରକୁ ପୂଜା କରିବା ଏବଂ ସିଜ୍‌ଦା କରିବା ଓ ଈଶ୍ୱରଙ୍କ ଠାରୁ ମାଗିବା ପରିବର୍ତ୍ତେ କବର ମଧ୍ୟରେ ପୋତା ହୋଇଥିବା ସାଧୁ ସନ୍ଥଙ୍କୁ ମାଗନ୍ତି । ଏଥି ସଂକ୍ରାନ୍ତରେ ସେମାନେ ଅତିଶୟୋକ୍ତି ପ୍ରକାଶ କରିଥାଆନ୍ତି । ହୁଜୁର ଅନ୍‌ୱର୍ ଅ.ବ କହିଲେ, ତହିଁରେ କୌଣସି ସନ୍ଦେହ ନାହିଁ ଯେ, ନବୀ କରୀମ୍ ସ.ଅ ଏକେଶ୍ୱରବାଦ ସ୍ଥାପନ ନିମନ୍ତେ ମକ୍କାର ଅବିଶ୍ୱାସକାରୀଙ୍କ ଭଳି ଏକ ଶକ୍ତିଶାଳୀ ଜାତିର ମୁକାବିଲା କଲେ ଏବଂ ପରିଶେଷରେ ଖାନା କାଆବାକୁ 360ଟି ପିତୁଳାମାନଙ୍କ ଠାରୁ ମୁକ୍ତ କରାଇଦେଲେ । କିନ୍ତୁ ତତ୍‌ସହିତ ଆପଣ ସ.ଅ ଇସ୍‌ଲାମ୍ ଧର୍ମ ଗ୍ରହଣକାରୀମାନଙ୍କ ମନରେ ମଧ୍ୟ ଏକେଶ୍ୱରବାଦ ସ୍ଥାପନ କରିବା ନିମନ୍ତେ ଏକ ମହାନ୍ କଲ୍ୟାଣମୟ ଜିହାଦ୍ (ସଂଗ୍ରାମ) କଲେ ଓ ନିଜର ଈଶ୍ୱର ପ୍ରଦତ୍ତ ଶକ୍ତି ମାଧ୍ୟମରେ ଏକେଶ୍ୱରବାଦକୁ ଭଲ ପାଉଥିବା ଏକ ଗୋଷ୍ଠୀ ସ୍ଥାପନ କରିଦେଲେ ।

ଆପଣ ସ.ଅ ଏତେ ଉତ୍କୃଷ୍ଟ ଏବଂ ମର୍ମସ୍ପର୍ଶୀ ଭାବରେ ସେହି ଗୋଷ୍ଠୀର ସଂସ୍କାର କଲେ ଯେ, ସେମାନଙ୍କ ମଧ୍ୟରେ ଶିର୍କର କୌଣସି ସନ୍ଦେହ ମଧ୍ୟ ରହିଲା ନାହିଁ କି କୌଣସି ବ୍ୟକ୍ତିର ଧାରଣାରେ ମଧ୍ୟ ଶିର୍କ ସୃଷ୍ଟି ହୋଇପାରିଲ ନାହିଁ । ଏଥି ନିମନ୍ତେ ଆପଣ ସ.ଅ ସାହାବାମାନଙ୍କୁ ଉକ୍ତ କଥାରୁ ମଧର ବାରଣ କେଲେ ଯେ, ସେମାନେ ଆପଣ ସ.ଅଙ୍କ ଉଚ୍ଚ ପ୍ରଶଂସାରେ ଅତିଶୟୋକ୍ତି ପ୍ରୟୋଗ କରନ୍ତୁ ନାହିଁ । ହୁଜୁର୍ ଅନୱର୍ ଅ.ବ କହିଲେ, ହ. ଇବ୍‌ନେ ଅବ୍‌ବାସ୍ ର.ଅ ବର୍ଣ୍ଣନା କରନ୍ତି ଯେ, ସେ ହ. ଉମର୍ ର.ଅ.ଙ୍କୁ ମଞ୍ଚ ଉପରେ ଏହା କହୁଥିବାର ଶୁଣିଲେ ଯେ, ମୁଁ ନବୀ କରୀମ୍ ସ.ଅଙ୍କୁ ଏହା କହୁଥିବାର ଶୁଣିଲି ଯେ, ଆଁହଜରତ୍ ସ.ଅ କହୁଥିଲେ ଯେ, ହେ ସାହାବାମାନେ ତୁମେମାନେ ମୋ ପ୍ରଶଂସାରେ ଅତିଶୟୋକ୍ତି ପ୍ରୟୋଗ କରିବ ନାହିଁ । ଅର୍ଥାତ୍ ଯେପରି ଖ୍ରୀଷ୍ଟିଆନମାନେ ହ. ଇସା ଅ.ସଙ୍କ ପ୍ରଶଂସାରେ ଅତିଶୟୋକ୍ତି ପ୍ରୟୋଗ କରିଥିଲେ ସେପରି ତୁମେମାନେ ମୋର ପ୍ରଶଂସା କରିବାରେ ଅତିଶୟୋକ୍ତି ପ୍ରୟୋଗ କରି ନାହିଁ। ମୁଁ ତ' କେବଳ ତାହାଙ୍କର ଅର୍ଥାତ୍ ଅଲ୍ଲାଃତାଲାଙ୍କର ଭକ୍ତ ଅଟେ ଏବଂ ତୁମେମାନେ ଏହା କୁହ ଯେ, ମୁଁ ଅଲ୍ଲାଃତାଲାଙ୍କ ଭକ୍ତ ଓ ତାହାଙ୍କର ବାର୍ତ୍ତାବହ ଅଟେ । **(ସହିହୁଲ୍ ବୁଖାରୀ, କିତାବୁଲ୍ ଅହାଦିସୁଲ୍ ଅମ୍ବିୟା, ବାବ୍- କୌଲଲ୍ଲାଃହି ତାଆଲା, ୱଜ୍‌କୁର୍ ଫିଲ୍ କିତାବି ମରୟମା, ହଦିସ୍ ନଂ-3445)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହ. ଅବ୍‌ଦୁଲ୍ଲାଃ ଇବ୍‌ନେ ଉମର୍ ର.ଅ ବର୍ଣ୍ଣନା କରନ୍ତି ଯେ, ରସୁଲ୍ କରୀମ୍ ସ.ଅ ଉମର୍ ବିନ୍ ଖତ୍ତାବ୍ ର.ଅଙ୍କୁ ସାକ୍ଷାତ୍ କଲେ । ସେ ଏକ ଯାତ୍ରୀଦଳରେ ଯାଉଥିଲେ ଏବଂ ନିଜର ପିତାଶ୍ରୀଙ୍କ ରାଣ ଖାଉଥିଲେ । ଆପଣ ସ.ଅ କହିଲେ, ଶୁଣ ! ଅଲ୍ଲାଃତାଲା ତୁମକୁ ବାରଣ କରୁଛନ୍ତି ଯେ, ତୁମେ ନିଜ ବାପ ଅଜାଙ୍କ ନାଁ ଧରି ରାଣ ଖାଇବ । ଯେଉଁ ବ୍ୟକ୍ତି ରାଣ ଖାଇବାକୁ ଚାହୁଁଛି ସେ ଅଲ୍ଲାଃତାଲାଙ୍କର ରାଣ ଖାଉ ନଚେତ୍ ନିରବ ରହୁ । **(ସହିହୁଲ୍ ବୁଖାରୀ, କିତାବୁଲ୍ ଇମାନ୍ ୱନ୍ ନୁଜୁରି, ବାବ୍-ଲା ତହ୍‌ଲଫୁ ବିଆବାଇକୁମ୍, ହଦିସ୍ ନଂ-6646)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଆଁହଜରତ୍ ସ.ଅ କଦାପି ଏହା ସହ୍ୟ କରିପାରୁ ନଥିଲେ ଯେ, ଅଲ୍ଲାଃତାଲାଙ୍କ ଏକେଶ୍ୱରବାଦ ବିପରୀତ ସାମାନ୍ୟ ବସ୍ତୁକୁ ରଖାଯାଉ। ଏକେଶ୍ୱରବାଦର କଲମା (ଆଦର୍ଶ ଉକ୍ତି) ପାଠକାରୀ ବ୍ୟକ୍ତିର ମର୍ଯ୍ୟଦା ସମ୍ପର୍କରେ ଏକ ବର୍ଣ୍ଣନାରେ ଏପରି ବର୍ଣ୍ଣିତ ହୋଇଛି ଯେ, ଉବୈଦୁଲ୍ଲାଃ ବିନ୍ ଅଦି ବିନ୍ ଖିୟାର୍ ବର୍ଣ୍ଣନା କଲେ ଯେ, ହ. ମିକ୍‌ଦାଦ୍ ବିନ୍ ଅମ୍ର କିନ୍ଦି ର.ଅ, ବନୁ ଜୁହରା ସଂପ୍ରଦାୟର ମିତ୍ର ଥିଲେ। ସେ ସେହି ଲୋକମାନଙ୍କ ମଧ୍ୟରୁ ଅନ୍ୟତମ ଥିଲେ ଯିଏ ବଦର୍ ଯୁଦ୍ଧରେ ଆଁହଜରତ୍ ସ.ଅଙ୍କ ସହିତ ସାମିଲ୍ ହେଲେ । ତାଙ୍କୁ ଏହା କୁହାଗଲା ଯେ, ସେ ରସୁଲୁଲ୍ଲାଃ ସ.ଅଙ୍କୁ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆପଣ ଏକଥା କୁହନ୍ତି ଯେ, ଯଦି ଅବିଶ୍ୱାସକାରୀମାନଙ୍କ ମଧ୍ୟରୁ କୌଣସି ବ୍ୟକ୍ତି ସହିତ ମୋର ମୁକାବିଲା ହୋଇଯାଏ ଏବଂ ଆମେ ଦୁହେଁ ଲଢିବା ଆରମ୍ଭ କରିଦେଉ ଓ ସେ ମୋର ଦୁଇଟି ହସ୍ତ ମଧ୍ୟରୁ ଗୋଟିଏ ହସ୍ତ ଉପରେ ଖଡ଼୍‌ଗ ପ୍ରହାର କରି ତାକୁ କାଟିଦିଏ । ପୁନଶ୍ଚ ସେ ମୋ ଠାରୁ ଏକ ବୃକ୍ଷର ଆଡୁ ଆଳରେ ଲୁଚିଯାଏ ଏବଂ କହେ କି ସେ ଅଲ୍ଲାଃତାଲାଙ୍କ ସକାଶେ ମୁଁ ମୁସଲମାନ ହୋଇଗଲି । ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ସେ ଯଦି ଏହା କହିଦିଏ, କଲମା ପାଠ କରିନିଏ ତେବେ ତା' ପରେ ସେ ଏପରି କଥା କଥା କହିଦିଏ, ତେବେ ସେପରିପ୍ରେକ୍ଷୀରେ କ'ଣ ମୁଁ ଉକ୍ତ ବ୍ୟକ୍ତିର ସଂହାର କରିଦେବି କି ? ରସୁଲୁଲ୍ଲାଃ ସ.ଅ କହିଲେ, ବସ୍ସ (ହେ ମିକ୍‌ଦାଦ୍) ! ତୁମେ ସେହି ବ୍ୟକ୍ତିର ସଂହାର କର ନାହିଁ । ହ. ମିକ୍‌ଦାଦ୍ ର.ଅ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ସେ ମୋର ଗୋଟିଏ ହସ୍ତ କାଟି ଦେଇଛି ଏବଂ ସେହି ହସ୍ତକୁ କାଟିବ ପରେ ସେହି ବ୍ୟକ୍ତି ପୁନଶ୍ଚ ଏହା କହିଲା ଯେ, لَا إِلٰهَ إِلَّا اللّٰهُ । ରସୁଲୁଲ୍ଲାଃ ସ.ଅ କହିଲେ, ହେ ମିକ୍‌ଦାଦ୍ ! ତୁମେ ସେହି ବ୍ୟକ୍ତିର ବଧ କର ନାହିଁ । ଯଦି ତୁମେ ସେହି ବ୍ୟକ୍ତିର ବଧ ବା ସଂହାର କରିଦେଲେ ତେବେ ସେ ତୁମ ସ୍ଥାନକୁ ଚାଲି ଆସିବ ଓ ତୁମେ ତା' ସ୍ଥାନକୁ ଚାଲିଯିବ । ଅର୍ଥାତ୍ ତୁମକୁ ଯେଉଁ ମର୍ଯ୍ୟାଦା ତା'ର ବଧ ପୂର୍ବରୁ ପ୍ରାପ୍ତ ହୋଇଥିଲା ତାହା ତୁମେ ହରାଇ ବସିବ । କଲ୍‌ମା କହିବା ପୂର୍ବରୁ ଯେଉଁ ମର୍ଯ୍ୟାଦା ସେହି ବ୍ୟକ୍ତିକୁ ପ୍ରାପ୍ତ ହୋଇଥିଲା ସେହି ମର୍ଯ୍ୟାଦା ତୁମେ ପ୍ରାପ୍ତ କରିନେବ ଓ ତୁମେ କଲ୍‌ମା କହିବା ଦ୍ୱାରା ଯେଉଁ ମର୍ଯ୍ୟାଦା ପ୍ରାପ୍ତ କରିଥିଲ, ତାହା ତୁମେ ହରାଇ ବସିବ ।

**(ସହିହୁଲ୍ ବୁଖାରୀ, କିତାବୁଲ୍ ମୁଗାଜି, ବାବ୍-12, ହଦିସ୍ ନଂ-4019)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ସେ ପଛେ ପୁରାତନ ସାହାବାମାନେ ହୁଅନ୍ତୁ, ସେମାନେ ଯଦି ଏପରି କୌଣସି କୃତ୍ୟ କଲେ ତେବେ ଆଁହଜରତ୍ ସ.ଅ ସେହି କୃତ୍ୟକୁ ଅତ୍ୟନ୍ତ ଘୃଣ୍ୟ ବୋଲି ମନେ କରିଥିନଲେ । କିନ୍ତୁ ଆଜି କାଲିକା ବିଦ୍ୱାନ୍‌ମାନଙ୍କର ଏହି ଅବସ୍ଥାକୁ ଆପଣମାନେ ଅବଲୋକନ କରନ୍ତୁ । ପାକିସ୍ତାନ୍‌ରେ ଅହମଦିମାନଙ୍କୁ

କଲ୍‌ମା ପାଠ କରିବା ସତ୍ତ୍ୱେ ମଧ ଯେଉଁ ଅତ୍ୟାଚାରର ଶରବ୍ୟ ହେବାକୁ ପଡୁଛି ତାହାର କୌଣସି ସୀମା ହିଁ ନାହିଁ । ସେହି ଅତ୍ୟାଚାରୀମାନଙ୍କ ସଂପର୍କରେ ଆଁହଜରତ୍ ସ.ଅ ଯେଉଁ ନିଷ୍ପତ୍ତି ଶୁଣାଇଛନ୍ତି ତାହା ସେମାନଙ୍କୁ ମନେରଖିବା ଉଚିତ୍ । ସେ ଯାହା ହେଉ ବର୍ତ୍ତମାନ ଏହି ଲୋକମାନେ ଚରମପନ୍ଥୀ ମୌଲବୀମାନଙ୍କ ପଛରେ ଚାଲୁଛନ୍ତି ସେମାନଙ୍କୁ ଆଁହଜରତ୍ ସ.ଅଙ୍କ ଆଦେଶାବଳୀ ଉପରେ ଚିନ୍ତା କରିବା ଉଚିତ୍ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଅତଏବ୍ ଏହି ପ୍ରସଙ୍ଗରେ ବର୍ଣ୍ଣନାରେ ବର୍ଣ୍ଣିତ ହୋଇଛି ଯେ, ହ. ଉସ୍ୱାମା ଜୈଦ୍ ର.ଅ ବର୍ଣ୍ଣନା କରନ୍ତି ଯେ, ସେ କହିଲେ, ରସୁଲୁଲ୍ଲାଃ ସ.ଅ ଆମମାନଙ୍କୁ ଏକ ଅଭିଯାନରେ ପ୍ରେରଣ କଲେ । ସକାଳ ସମୟରେ ଆମେ ଜୁହୈନାର ହୁରୁକାତ୍ ନାମକ ସ୍ଥାନରେ ପହଞ୍ଚିଲୁ । ହୁରୁକାତ୍ ଜୁହୈନା ସଂପ୍ରଦାୟର ଏକ ଗ୍ରାମର ନାମ ଥିଲା । ସେଠାରେ ଜଣେ ବ୍ୟକ୍ତିକୁ ମୁଁ ଯାଇ ଧରି ପକାଇଲି । ସେହି ବ୍ୟକ୍ତି ଜଣକ لا اله الا الله କହିଲା । କିନ୍ତୁ ମୁଁ ସେହି ବ୍ୟକ୍ତିକୁ ବର୍ଚ୍ଛା ମାରିଦେଲି । ଉକ୍ତ କୃତ୍ୟ ଦ୍ୱାରା ମୋ ହୃଦୟରେ ଅବଶୋଷ ତଥା ଦ୍ୱନ୍ଦ୍ୱ ସୃଷ୍ଟି ହେଲା ଯେ, ଯେହେତୁ ସେହି ବ୍ୟକ୍ତି ଜଣକ ଲା ଇଲାହା ଇଲ୍ଲାଃ କହିଥିଲା ହେଲେ ମୁଁ ତଥାପି ସେହି ବ୍ୟକ୍ତିକୁ ମାରିଦେଲି । ଅତଏବ୍ ଏହାର ଚର୍ଚ୍ଚା ମୁଁ ନବୀ କରୀମ୍ ସ.ଅଙ୍କ ସମ୍ମୁଖରେ ଯେତେବେଳେ କଲି ସେତେବେଳେ ରସୁଲ୍ କରୀମ୍ ସ.ଅ କହିଲେ, ହେ ଉସ୍ୱାମା ! କ'ଣ ସେହି ବ୍ୟକ୍ତି لا اله الا الله କହିଥିଲା ? لا اله الا الله କହିବା ପରେ ମଧ ତୁମେ ସେହି ବ୍ୟକ୍ତିର ସଂହାର କରିଦେଲ ? ମୁଁ କହିଲି, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ସେହି ବ୍ୟକ୍ତି ମୋ ଅସ୍ତ୍ର ଭୟରେ ଏପରି ଉକ୍ତି ଉଚ୍ଚାରଣ କରିଥିଲା । ଆପଣ ସ.ଅ କହିଲେ, ହେ ଉସ୍ୱାମା ! କ'ଣ ତୁମେ ସେହି ବ୍ୟକ୍ତିର ହୃଦୟ ଚିରି ଦେଖିଥିଲ ଯେ, ସେ ମନରୁ କହିଥିଲା ଅବା ନୁହେଁ ? ଆପଣ ସ.ଅ ମୋ ସମ୍ମୁଖରେ ଉକ୍ତ କଥାକୁ ବାରମ୍ବାର ପୁନରାବୃତ୍ତି କରି ଚାଲିଲେ ଏପର୍ଯ୍ୟନ୍ତକି ମୁଁ ଏହି କାମନା କଲି ଯେ, ହେ ଭଗବାନ ! ଏପରି ହୁଅନ୍ତା କି ମୁଁ ସେହି ଦିନ ହିଁ ଇସଲାମ୍ ଧର୍ମ ସ୍ୱୀକାର କରିଥାଆନ୍ତି । **(ସହି ମୁସଲିମ୍, ଅନୁବାଦକ, ଗ୍ରନ୍ଥଖଣ୍ଡ-1, ପୃ-88-89, କିତାବୁଲ୍‌ଇମାନ୍, ବାବୁ ତହରିମି କତ୍‌ଲିଲ୍ କାଫିରି ବାଦା ଅନ୍ କାଲା لا اله الا الله , ହଦିସ୍ ନଂ-132, ନୁର୍ ଫାଉଣ୍ଡେସେନ୍, ରବୱା)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ପୁନଶ୍ଚ ଏକ ବର୍ଣ୍ଣନାରେ ବର୍ଣ୍ଣିତ ହୋଇଛି ଯେ, ହ. ଜାବିର୍ ର.ଅ ବର୍ଣ୍ଣନା କରନ୍ତି ଯେ, ନବୀ କରୀମ୍ ସ.ଅଙ୍କ ପାଖକୁ ଜଣେ ବ୍ୟକ୍ତି ଆସିଲା ଏବଂ ସେ କହିଲା, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ସ୍ୱର୍ଗ ଏବଂ ନର୍କ ଅନିର୍ବାର୍ଯ୍ୟ ହେବା ନିମନ୍ତେ କେଉଁ ଦୁଇଟି ଜିନିଷ ଆବଶ୍ୟକ ଅଟେ ? ଆପଣ ସ.ଅ କହିଲେ, ଯେଉଁ ବ୍ୟକ୍ତି ଏହି ଅବସ୍ଥାରେ ମୃତ୍ୟୁବରଣ କଲା ଯେ, ସେ ଅଲ୍ଲାଃତାଲାଙ୍କ ସହିତ ଅନ୍ୟ କାହିରୁକ ସମକକ୍ଷ କରୁ ନଥିଲା ତେବେ ସେହି ବ୍ୟକ୍ତି ସ୍ୱର୍ଗରେ ପ୍ରବିଷ୍ଟ ହେବ । ସେହିପରି ଯେଉଁ ବ୍ୟକ୍ତି ଅଲ୍ଲାଃତାଲାଙ୍କ ସହିତ ଅନ୍ୟକୁ ସମକକ୍ଷ କରୁଥିଲା ତେବେ ସେହି ବ୍ୟକ୍ତି ନର୍କାଗ୍ନିରେ ପ୍ରବିଷ୍ଟ ହେବ । **(ସହି ମୁସଲିମ୍, ଅନୁବାଦକ, ଗ୍ରନ୍ଥଖଣ୍ଡ-1, ପୃ-84-85, କିତାବୁଲ୍ ଇମାନ୍, ବାବୁଦ୍ ଦଲିଲୁ ଅଲା ଅନ୍ନାମମ୍ ମାତା ଲା ୟୁଶ୍ରିକ ବିଲ୍ଲାଃହା ଶୈଇଅଁ ଦଖଲଲ୍ ଜନ୍ନତା......, ହଦିସ୍ ନଂ-127, ନୁର୍ ଫାଉଣ୍ଡେସେନ୍, ରବୱା)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ମହମୁଦ୍ ବିନ୍ ଲବିଦ୍ ର.ଅ ବର୍ଣ୍ଣନା କରନ୍ତି ଯେ, ରସୁଲ୍ କରୀମ୍ ସ.ଅ କହିଲେ, ମୁଁ ତୁମମାନଙ୍କ ପ୍ରତି ସର୍ବାଧିକ ଯେଉଁ ପ୍ରସଙ୍ଗ ସଂପର୍କରେ ଭୟ କରୁଛି ତାହା କ୍ଷୁଦ୍ର ଶିର୍କ ଅଟେ । ସାହାବାମାନେ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ! ଏ କ୍ଷୁଦ୍ର ଶିର୍କ ପୁଣି କ'ଣ ? ଆପଣ ସ.ଅ କହିଲେ, ଲୋକ ଦେଖାଣିଆ କ୍ଷୁଦ୍ର କାର୍ଯ୍ୟ ଶିର୍କ ଅଟେ । ପ୍ରଳୟ ଦିବସ ଦିନ ଯେତେବେଳେ ଲୋକମାନଙ୍କୁ ସେମାନଙ୍କ କର୍ମର ଫଳ ପ୍ରଦାନ କରାଯିବ ସେତେବେଳେ ଅଲ୍ଲାଃତାଲା ସେମାନଙ୍କୁ କହିବେ ଯେ, ହେ ଲୋକ ଦେଖାଣିଆ କର୍ମ କରୁଥିବା ବ୍ୟକ୍ତିମାନେ ! ଯେଉଁ ଲୋକମାନଙ୍କ ସକାଶେ ତୁମେମାନେ ସଂସାରରେ ଲୋକ ଦେଖାଣିଆ କର୍ମ କରୁଥିଲ ବା ତୁମର ଲୋକ ଦେଖାଣିଆମୂଳକ ଯେଉଁ କାର୍ଯ୍ୟ ରହିଥିଲା, ତୁମେ ସେହି ଲୋକମାନଙ୍କ ପାଖକୁ ଯାଅ ଏବଂ ଦେଖ ଯେ, ତୁମମାନଙ୍କୁ ସେମାନଙ୍କ ଠାରୁ କୌଣସି ଉତ୍ତମ ପ୍ରତିଫଳ ପ୍ରାପ୍ତ ହେଉଛି ଅବା ନୁହେଁ ? ବର୍ତ୍ତମାନ ଯଦି କ୍ଷମା ମାଗିବାର ଅଛି, ମୁକ୍ତି ପ୍ରାପ୍ତ କରିବାକୁ ଚାହୁଁଛ ତେବେ ସେମାନଙ୍କୁ ମାଗ । ପୁନଶ୍ଚ ଦେଖ ଯେ, ସେମାନଙ୍କ ଠାରୁ ତୁମମାନଙ୍କୁ କ'ଣ ପ୍ରାପ୍ତ ହେଉଛି ? **(ମସନଦ୍ ଅହମଦ୍ ବିନ୍ ହମ୍ବଲ୍, ଗ୍ରନ୍ଥଖଣ୍ଡ-7, ପୃ-799, ହଦିସ୍ ନଂ-24030, ଆଲିମୁଲ୍ କୁତୁବ୍, 1998 ମସିହା)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଅତଏବ୍ ଲୋକମାନଙ୍କ ଠାରୁ କୌଣସି ସ୍ୱାର୍ଥ ପ୍ରାପ୍ତ କରିବା ନିମନ୍ତେ ଲୋକ ଦେଖାଣିଆ ଭାବାବେଗର ଏବଂ ତୋଷାମଦ କରିବା ସେହିପରି କୃତ୍ୟ ଅଟେ ଯେପରି ଅଲ୍ଲାଃତାଲାଙ୍କ ବିପକ୍ଷରେ କୌଣସି ବସ୍ତୁକୁ ଆଣିବା ଅନ୍ୟ ଏକ ଶିର୍କ ଅଟେ । ଏହି ଶିର୍କ ଅଲ୍ଲାଃତାଲାଙ୍କୁ ପସନ୍ଦ ଅଟେ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ହ. ଅବ୍‌ଦୁଲ୍ଲାଃ ର.ଅ ବର୍ଣ୍ଣନା କଲେ ଯେ, ଯେତେବେଳେ ଉକ୍ତ ଆୟତ୍ ଅର୍ଥାତ୍ اَلَّذِیۡنَ اٰمَنُوۡا وَلَمۡ یَلۡبِسُوۡۤا اِیۡمَانَہُمۡ بِظُلۡمٍ (ଅନୁବାଦ: ଯେଉଁ ଲୋକମାନେ ବିଶ୍ୱାସ ଆଣିଲେ ଏବଂ ସେମାନେ ନିଜ ବିଶ୍ୱାସକୁ ଅତ୍ୟାଚାର ସହିତ ମିଶ୍ରଣ କଲେ ନାହିଁ) ଅବତୀର୍ଣ୍ଣ ହେଲା ସେତେବେଳେ ରସୁଲୁଲ୍ଲାଃ ସ.ଅଙ୍କ ସାହାବାମାନେ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆମମାନଙ୍କ ମଧ୍ୟରୁ କୌଣସି ବ୍ୟକ୍ତି ଅତ୍ୟାଚାର କରି ନାହିଁ ? ଆମମାନଙ୍କ ମଧ୍ୟରୁ ତ' ଅନେକ ଲୋକମାନେ ଏପରି ହେବେ ଯେଉଁମାନେ ଜାଣିପାରୁ ନଥିବେ ଯେ, ସେମାନେ ଅତ୍ୟାଚାର କରୁଛନ୍ତି । ତେବେ ଅଲ୍ଲାଃତାଲା ଏହି ଆୟତ୍ ଅବତୀର୍ଣ୍ଣ କଲେ ଯେ, اِنَّ الشِّرۡکَ لَظُلۡمٌ عَظِیۡمٌ ଅର୍ଥାତ୍ ନିଃସନ୍ଦେହ ରୂପେ ଶିର୍କ ଏକ ମହାପାପ ଅଟେ । **(ସହିହୁଲ୍ ବୁଖାରୀ, କିତାବୁଲ୍ ଇମାନ୍, ବାବ୍-ଜୁଲମି ଦୁନା ଜୁଲମିନ୍, ହଦିସ୍ ନଂ-32)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ପୁନଶ୍ଚ ଅଲ୍ଲାଃତାଲାଙ୍କ ତରଫରୁ ଏହି ଉତ୍ତର ଆସିଗଲା ଯେ, ଶିର୍କ ଏକ ମହାପାପ ଓ ମହା ଅତ୍ୟାଚାର ଅଟେ । ଅତଏବ୍ ଅଲ୍ଲାଃତାଲାଙ୍କ ବ୍ୟତୀତ କୌଣସି ବସ୍ତୁ ଉପରେ ନିର୍ଭର କରିବା ଶିର୍କ ଅଟେ । ସୂକ୍ଷ୍ମତାକୁ ଯାଇ ଆମମାନଙ୍କୁ ଦେଖିବା ଉଚିତ୍ ଯେ, ଆମମମାନଙ୍କ ମଧ୍ୟରେ ଶିର୍କର କୌଣସି ପକ୍ଷ ତ' ନାହିଁ ? କାରଣ ଏହା ଏକ ମହା ଅତ୍ୟାଚାର ଅଟେ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଆମ ଜମାଅତ୍ ଦ୍ୱାରା ପ୍ରକାଶିତ ବୁଖାରୀର ବ୍ୟାଖ୍ୟା ଯାହାକି ହ. ୱଲିଉଲ୍ଲାଃ ଶାହ୍ ସାହେବଙ୍କ ଦ୍ୱାରା ରଚିତ ବ୍ୟାଖ୍ୟା ଅଟେ, ତହିଁରେ ଉଲ୍ଲେଖ ରହିଛି ଯେ, اِنَّ الشِّرۡکَ لَظُلۡمٌ عَظِیۡمٌ ଏଠାରେ ଅତ୍ୟାଚାରର ଅର୍ଥ وَضۡعُ الشَّیۡءِ فِیۡ غَیۡرِ مَوۡضِعِہٖ ଅର୍ଥାତ୍ କୌଣସି ବସ୍ତୁକୁ ସଠିକ୍ ସ୍ଥାନରେ ନରଖିବା । ପ୍ରତ୍ୟେକ ପ୍ରକାରର ଚାରିତ୍ରିକ ଏବଂ ଅବୈଧ କଥା ଅତ୍ୟାଚାରର ଭାବାର୍ଥରେ ଅନ୍ତର୍ଭୁକ୍ତ ଅଟେ। کُفۡرٌ دُوۡنَ کُفۡرٍ ବିଷୟବସ୍ତୁ ଅନ୍ତର୍ଗତ ଶିର୍କକୁ ସର୍ବ ବୃହତ୍ ଅବିଶ୍ୱାସକାରୀତା ବୋଲି ବିବେଚିତ କରାଯାଇଛି ଏବଂ ସାଧାରଣ ଅଶିଷ୍ଟାଚାରକୁ ମଧ ଅବିଶ୍ୱାସକାରୀତା ବୋଲି ବିବେଚିତ କରାଯାଇଛି ।" ସୁତରାଂ ଏହା ହେଉଛି ଶିର୍କର ସୂକ୍ଷ୍ମତା । ପୁନଶ୍ଚ ظُلۡمٌ دُوۡنَ ظُلۡمٍ ବିଷୟବସ୍ତୁ ଅନ୍ତର୍ଗତ ଶିର୍କକୁ ସବୁଠାରୁ ବଡ଼ ଅତ୍ୟାଚାର ବୋଲି ବିବେଚନା କରାଯାଇଛି। କାରଣ ତାହା କାହିଁକି ମହାପାପ ତଥା ଅତ୍ୟାଚାର ଅଟେ ? ଶିର୍କ ଏଇଥି ପାଇଁ ମହାପାପ ଯେ, ତହିଁରେ ଅଲ୍ଲାଃତାଲାଙ୍କ ବିଶିଷ୍ଟ ଐଶ୍ୱରିକ ଗୁଣାବଳୀକୁ ଅନ୍ୟମାନଙ୍କ ଆଡ଼କୁ ଇଙ୍ଗିତ କରି ଦିଆଯାଇଥାଏ । ଉପାସନା ଅର୍ଥାତ୍ ପ୍ରେମ ଏବଂ ଆଜ୍ଞାବହତ୍ ଯାହା ବାସ୍ତବରେ ଅଲ୍ଲାଃତାଲାଙ୍କ ଅଧିକାର ଅଟେ ତହିଁରେ ଅନ୍ୟମାନଙ୍କୁ ସାମିଲ୍ କରି ନିଆଯାଇଥାଏ । ମନୁଷ୍ୟ ଯେକି ଈଶ୍ୱରଙ୍କ ଭକ୍ତ ଥିଲା ଏବଂ ତାହାଙ୍କ ପ୍ରସନ୍ନତା ପ୍ରାପ୍ତ କରିବା ସକାଶେ ଆସିଥିଲା ଏବଂ ନିଜର ଆତ୍ମାର କିମ୍ବା ନିଜ ପରି ମନୁଷ୍ୟର କିମ୍ବା ତୁଚ୍ଛ ଅସ୍ତିତ୍ୱର ଭକ୍ତ ହୋଇ ନିଜକୁ ତାହାଙ୍କ ମର୍ଯ୍ୟାଦା ତଥା ସ୍ଥାନରୁ ଅତି ତଳକୁ ଖସାଇ ଦେଇଥାଏ ଯେଉଁ ସ୍ଥାନ ଉପରେ ଛିଡ଼ା ହେବା ନିମନ୍ତେ ମନୁଷ୍ୟକୁ ସୃଷ୍ଟି କରାଯାଇଛି । ଭକ୍ତମାନଙ୍କର କର୍ତ୍ତବ୍ୟରେ ଅନୈତିକ ପରିବର୍ତ୍ତନ ଯେପରି ଅତ୍ୟାଚାର ଅଟେ ଠିକ୍ ସେହିପରି ଏହା ମଧ ଅତ୍ୟାଚାର ଅଟେ । ଭକ୍ତମାନଙ୍କ ଅଧିକାରରେ ଅବୈଧ ପରିବର୍ତ୍ତନ ଏବଂ ହସ୍ତକ୍ଷେପ ଏହା ଠାରୁ ଅଧିକ ମହାପାପ ଅଟେ । ଭକ୍ତମାନଙ୍କର ଅଧିକାରରେ ଯେଉଁ ଅତ୍ୟାଚାର ରହିଛି ତାହା ତ' ଅଛି । କିନ୍ତୁ ଅଲ୍ଲାଃତାଲାଙ୍କ ଯେଉଁ କର୍ତ୍ତବ୍ୟ ଏବଂ ଅଧିକାର ରହିଛି ତହିଁରେ ଅର୍ଥାତ କର୍ତ୍ତବ୍ୟ ସମ୍ପାଦନକୁ ସଠିକ୍ ଭାବରେ ସମ୍ପାଦନ ନକରିବା ମଧ ଅତ୍ୟାଚାର ଅଟେ । ଏ ହେଉଛି ଅତ୍ୟାଚାରର ଭାବାର୍ଥ ଯାହା ଶିର୍କରେ ସଂପୂର୍ଣ୍ଣ ରୂପେ ଦେଖିବାକୁ ମିଳିଥାଏ । ଶିର୍କ ବାସ୍ତବରେ ମନୁଷ୍ୟର ସର୍ବୋଚ୍ଚ ବିଶିଷ୍ଟ ଗୁଣାବଳୀକୁ ଧ୍ୱଂସ କରି ଦେଇଥାଏ.......ଆୟତ୍ ଏବଂ ହଦିସ୍ ଦ୍ୱାରା ପ୍ରମାଣିତ କରି ଇମାମ୍ ବୁଖାରୀ ର.ଅ ଏହା କହିଲେ ଯେ, ପୂର୍ଣ୍ଣ ବିଶ୍ୱାସ କହିଲେ, ତାହା ବୁଝାଏ ଯେ, ଯାହା ଶିର୍କର ଅପମିଶ୍ରଣରୁ ସଂପୂର୍ଣ୍ଣ ରୂପେ ପବିତ୍ର ହୋଇଥିବ । اُولٰٓئِکَ لَہُمُ الۡاَمۡنُ وَہُمۡ مُّہۡتَدُوۡنَ **(ଅଲ୍ ଅନ୍‌ଆମ୍:83)** ଅର୍ଥାତ୍ ଯେଉଁମାନେ ବିଶ୍ୱାସ କରିଛନ୍ତି ଓ ନିଜ ବିଶ୍ୱାସ ସହିତ ଅନ୍ୟାୟକୁ ମିଶାଇ ନାହାନ୍ତି ସେମାନଙ୍କ ପାଇଁ ଶାନ୍ତି ନିୟତ ଅଛି ଓ ସେମାନେ ହିଁ ସତ୍‌ପଥଗାମୀ ହେବେ । ସଂପୂର୍ଣ୍ଣ ଶାନ୍ତି ଏବଂ ସତ୍‌ମାର୍ଗ ଏପରି ବ୍ୟକ୍ତିମାନଙ୍କର ଅଂଶ ଅଟେ ଯେଉଁମାନଙ୍କର ବିଶ୍ୱାସରେ କୌଣସି ପ୍ରକାରର ଶିର୍କ ଏବଂ ଅତ୍ୟାଚାରର ମିଶ୍ରଣ ହୋଇ ନଥିବ । ଯେପର୍ଯ୍ୟନ୍ତ ସତ୍‌କର୍ମ ସହିତ ବିଶ୍ୱାସ ସାଙ୍ଗରେ ନାହିଁ ସେପର୍ଯ୍ୟନ୍ତ ତାହା ପ୍ରତ୍ୟେକ ପ୍ରକାରର ଅତ୍ୟାଚାର ଠାରୁ ମୁକ୍ତ ନୁହେଁ । କାରଣ ଶିର୍କ ଏବଂ ପାପ ଓ ପ୍ରତ୍ୟେକ ପ୍ରକାରର ଅବିଶ୍ୱାସକାରୀତା ତାହାକୁ ଅପୂର୍ଣ୍ଣ ଓ ଦୂଷିତ କରିଥାଏ ।" **(ସହିହୁଲ୍ ବୁଖାରୀ, ଗ୍ରନ୍ଥଖଣ୍ଡ-1, ପୃ-79, ନଜାରତ୍ ନଶ୍ରୋ ଇଶାଅତ୍)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଅତଏବ୍ ଏହା ହେଉଛି ଏକେଶ୍ୱରବାଦ ସ୍ଥାପନ ଏବଂ ଶିର୍କରୁ ପବିତ୍ର ହେବାର ସ୍ତର ଯେଉଁ ସ୍ତର ସଂପର୍କରେ ଆଁହଜରତ୍ ସ.ଅ


### ହଦିସେ ନବୱୀ ସ.ଅ.ସ :-

"ନମାଜ ପରିତ୍ୟାଗ କରିବା ଫଳରେ ମନୁଷ୍ୟ ଶିର୍କ ଏବଂ କୁଫର୍ (ଅନ୍ୟ କାହାକୁ ଅଲ୍ଲାଃଙ୍କ ସହିତ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟବର୍ତ୍ତୀ କରିଦିଏ " ।

(ମୁସଲିମ୍, କିତାବୁଲ୍ ଇମାନ୍)

ତାଲିବେ ଦୁଆ: Majlis Lajna Imaillah, Jamat Ahmadiya Kerang (Odisha)

### ଅଲ୍ଲାଃତାଲାଙ୍କ ବାଣୀ

**ଅଲ୍ଲାଃତାଲା କୁହନ୍ତି:** كُوۡنُوۡا مَعَ الصّٰدِقِیۡنَ

(ଅତ୍ ତୌବା :119)

**ଅନୁବାଦ୍:** ହେ ବିଶ୍ୱାସାକାରୀମାନେ ସତ୍ୟବାଦୀଙ୍କ ସହ ସାମିଲ୍ ହୁଅ ।

**ତାଲିବେ ଦୁଆ:** Amina Begum Saheba, W/o- Late Mianjan Khan, Jamat Ahmadiya Nargaon, Dist- Cuttack, (Odisha)

ଆମମାନଙ୍କୁ କହିଥିଲେ । ହୁଜୁର ଅନ୍‌ୱର୍ ଅ.ବ କହିଲେ, ହ. ଅବୁ ହୁରୈରାହ୍ ର.ଅ ବର୍ଣ୍ଣନା କଲେ ଯେ, ରସୁଲୁଲ୍ଲାଃ ସ.ଅ କହିଲେ, ଅଲ୍ଲାଃତାଲା କୁହନ୍ତି "ଆଦମ୍‌ଙ୍କ ପୁତ୍ର ମୋତେ ପ୍ରତ୍ୟାଖ୍ୟାନ କଲା ଏବଂ ଏହା ତା' ନିମନ୍ତେ ଉଚିତ୍ ନଥିଲା । ସେ ମୋତେ ଗାଳି ଗୁଲଚ କଲା ଏବଂ ଏହା ତା ପାଇଁ ଉଚିତ୍ ନଥିଲା । ତା'ର ମୋତେ ପ୍ରତ୍ୟାଖ୍ୟାନ କରିବା ଏବଂ ଏହା କହିବା କି ମୁଁ ତାକୁ କଦାପି ଦ୍ୱିତୀୟ ଥର ସୃଷ୍ଟି (ଜାତି) କରିବି ନାହିଁ । ପୁନର୍ବାର ଅର୍ଥାତ୍ ପରବର୍ତ୍ତୀ କାଳ ପରେ ଅସ୍ୱୀକାର କରୁଅଛି । ତେବେ ଏହା ଅଲ୍ଲାଃତାଲାଙ୍କୁ ପ୍ରତ୍ୟାଖ୍ୟାନ ଓ ତାହାଙ୍କୁ ଅସ୍ୱୀକାର କରିବା ଅଟେ । ଯେପରିକି ମୁଁ ତାକୁ ପ୍ରଥମ ଥର ସୃଷ୍ଟି କରିଥିଲି । ତା'ର ମୋତେ ଗାଳି ଗୁଲଚ କରିବା ଏପରି ଅଟେ ଯେପରିକି ସେ ଏହା କୁହେ ଯେ, ଅଲ୍ଲାଃତାଲା ନିଜର ଏକ ସନ୍ତାନ କରି ନେଇଛନ୍ତି କିନ୍ତୁ ଅଲ୍ଲାଃତାଲା କୁହନ୍ତି ଯେ, ମୁଁ ନିଃସ୍ପୃହ (ଅନିର୍ଭରଶୀଳ) ଅଟେ । ମୋତେ ସନ୍ତାନର କୌଣସି ଆବଶ୍ୟକତା ନାହିଁ । ନା ମୁଁ ଜନ୍ମ କଲି ଓ ନା ହିଁ ମୋତେ କେହି ଜନ୍ମ ଦେଇଛନ୍ତି ଏବଂ ନା ହିଁ ମୋର କେହି ସମକକ୍ଷ ଅଟନ୍ତି । ନା ସେ କାହାକୁ ଜନ୍ମ କରିଛନ୍ତି ଓ ନା ହିଁ ସେ ଜନ୍ମ ହୋଇଛନ୍ତି । ତାହାଙ୍କ ବିଶିଷ୍ଟ ଗୁଣାବଳୀରେ କେହି ବି ତାହାଙ୍କର ସମକକ୍ଷ ନୁହନ୍ତି ।" **(ସହିହୁଲ୍ ବୁଖାରୀ, କିତାବ୍-ତଫ୍‌ସିରୁଲ୍ କୁରଆନ୍, ବାବ୍-କୌଲହୁଲ୍ଲାଃସ୍ ସମଦ୍, ହଦିସ୍ ନଂ-4975)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଉକ୍ତ ସୁରାଃ ଅର୍ଥାତ୍ ସୁରାଃ ଇଖ୍‌ଲାସ୍‌ର ବ୍ୟାଖ୍ୟା କରି ଏକ ସ୍ଥାନରେ ହ. ମସିହ୍ ମଉଦ୍ ଅ.ସ କୁହନ୍ତି ଯେ, ଅଲ୍ଲାଃତାଲା କୁହନ୍ତି ଯେ, ٱللَّهُ ٱلصَّمَدُ ଅଲ୍ଲାଃହୁସ୍ ସମଦ । ଅଲ୍ଲାଃତାଲା ହେଉଛନ୍ତି ସେହି ଅସ୍ତିତ୍ୱ ଯାହାଙ୍କୁ ସମସ୍ତେ ଆବଶ୍ୟକ କରିଥାଆନ୍ତି । କିନ୍ତୁ ସେ ଅର୍ଥାତ୍ ଅଲ୍ଲାଃତାଲା କାହାଙ୍କୁ ଆବଶ୍ୟକ କରନ୍ତି ନାହିଁ । ଏହି ସଂକ୍ଷିପ୍ତ ବାକ୍ୟଟି ଗୋଟିଏ ପଂକ୍ତିର ମଧ୍ୟ ହେବ ନାହିଁ । ଉକ୍ତ ବାକ୍ୟକୁ ଦେଖିବା ଉଚିତ୍ ଯେ, ଉକ୍ତ ବାକ୍ୟରେ ଅତ୍ୟନ୍ତ ମର୍ମସ୍ପର୍ଶୀ ଏବଂ ଅତ୍ୟନ୍ତ ସୁନ୍ଦର ଢଙ୍ଗରେ ପ୍ରତ୍ୟେକ ପ୍ରକାରର ଶିର୍କ ଏବଂ ସମକକ୍ଷତା ଠାରୁ ଈଶ୍ୱରଙ୍କ ଅସ୍ତିତ୍ୱ ଅନନ୍ୟ ହେବା ବୋଲି ବର୍ଣ୍ଣନା କରାଯାଇଛି । ଅଲ୍ଲାଃତାଲା ପ୍ରତ୍ୟେକ ପ୍ରକାରର ଶିର୍କ ଠାରୁ ପବିତ୍ର କରିଦେଇଛନ୍ତି । ଏହାର ସବିଶେଷ ବିବରଣୀ ଏହିପରି ଯେ, ସମକକ୍ଷତା ବା ଅଂଶୀଦାରତ୍ୱ ବୌଦ୍ଧିକ ନିର୍ଭରଶୀଳତା ଅନୁଯାୟୀ 4 ପ୍ରକାରର ଅଟେ । ବୁଦ୍ଧି ଦୃଷ୍ଟିରୁ ଯଦି ଦେଖାଯାଏ ତେବେ 4ପ୍ରକାରର କଥା ଉପରେ ନିର୍ଭର କରିଥାଏ ଯଥା-1- କେତେବେଳେ ସଂଖ୍ୟା ଉପରେ ନିର୍ଭର କରିଥାଏ । ସଂଖ୍ୟାରେ 1, 2, 3 ହେବ। 2- କେତେବେଳେ ମର୍ଯ୍ୟାଦା ଉପରେ ସମକକ୍ଷତା ଓ ନିର୍ଭରଶୀଳ ହୋଇଥାଏ । 3- କେତେବେଳେ ବଂଶ ଓ ବଂଶାନୁକ୍ରମିକତା ଉପରେ ନିର୍ଭରଶୀଳ ଅଟେ । ଆଉ କେତେବେଳେ କ୍ରିୟା ଓ ପ୍ରତିକ୍ରିୟା ଉପରେ ନିର୍ଭର କରିଥାଏ । 4- କାର୍ଯ୍ୟ ଦୃଷ୍ଟିରୁ ଓ ତା'ର ପରିଣାମ ଦୃଷ୍ଟି ଅନୁଯାୟୀ ନିର୍ଭରଶୀଳ ଅଟେ। ଅତଏବ୍ ଏହି ସୁରାଃରେ 4 ପ୍ରକାରର ସମକକ୍ଷତା ଏବଂ ଅଂଶୀଦାରତ୍ୱତା ଠାରୁ ଈଶ୍ୱରଙ୍କ ପବିତ୍ର ହେବା ଈଶ୍ୱର ବର୍ଣ୍ଣନା କରିଛନ୍ତି ଏବଂ ସ୍ପଷ୍ଟ ଭାବରେ କହିଦେଲେ ଯେ, ଈଶ୍ୱର ନିଜର ସଂଖ୍ୟା ଅନୁଯାୟୀ ଏକ ଅଟନ୍ତି, ଦୁଇ ତିନି ନୁହନ୍ତି । ସେ ସମଦ୍ ଅଟନ୍ତି। ଅର୍ଥାତ୍ ନିଜର ଅନିର୍ବାର୍ଯ୍ୟମୂଳକ ମର୍ଯ୍ୟାଦା ଏବଂ ଅଭାବହୀନତା, ନିର୍ଭରଶୀଳତା ଓ ନିଃସ୍ପୃହ ହେବା ଦୃଷ୍ଟିରୁ ଅନନ୍ୟ ଅଟନ୍ତି । ତାହାଙ୍କର ଯେଉଁ ମର୍ଯ୍ୟାଦା ରହିଛି, ତାହାଙ୍କର ଯେଉଁ ଆବଶ୍ୟକତା ରହିଛି, ତାହାଙ୍କର ଅନ୍ୟ ଉପରେ ନିର୍ଭଶୀଳତା ହେବା ଦୃଷ୍ଟିରୁ ସେ ଅର୍ଥାତ୍ ଅଲ୍ଲାଃତାଲା ସଂପୂର୍ଣ୍ଣ ରୂପେ ପବିତ୍ର ଅଟନ୍ତି । ସେ ଏକ ଅଟନ୍ତି ଏବଂ ତାହାଙ୍କ ବ୍ୟତୀତ ଅନ୍ୟ ସମସ୍ତ ଅସ୍ତିତ୍ୱ ନଶ୍ୱର ଓ କ୍ଷଣଭଙ୍ଗୁର ଅଟନ୍ତି । ଅନ୍ୟ ସମସ୍ତ ଅସ୍ତିତ୍ୱମାନେ ମୃତ୍ୟୁବରଣ କରିବେ । କିନ୍ତୁ ସେ (ଈଶ୍ୱର) ମୃତ୍ୟୁବରଣ କରିବେ ନାହିଁ। ଅନ୍ୟ ସମସ୍ତ ଅସ୍ତିତ୍ୱ ନିଜର ଅସ୍ତିତ୍ୱ ଦୃଷ୍ଟିରୁ ସମାପ୍ତ ହୋଇଯିବେ ଏବଂ ମୃତ୍ୟୁବରଣ କରିବେ । କିନ୍ତୁ ସେ ଚିରଞ୍ଜିବ ଅଟନ୍ତି । ଚିରକାଳ ପାଇଁ ଅମର ଅଟନ୍ତି । ସେ ଅନାଦି କାଳରୁ ଥିଲେ ଏବଂ ରହିବେ ମଧ୍ୟ । ତାହାଙ୍କ ଉପରେ ଅନ୍ୟମାନେ ପ୍ରତ୍ୟେକ ମୁହୂର୍ତ୍ତ ନିର୍ଭରଶୀଳ ଅଟନ୍ତି । ସଂସାରର ବସ୍ତୁ ନଶ୍ୱର ଅଟନ୍ତି । ସବୁ ନଷ୍ଟ ହୋଇଯିବେ । ସମସ୍ତ ଅସ୍ତିତ୍ୱ ସେ ଈଶ୍ୱରଙ୍କର ଉପରେ ନିର୍ଭରଶୀଳ ଅଟନ୍ତି । ସେ لَمْ يَلِدْ ଅର୍ଥାତ୍ ତାହାଙ୍କର କେହି ପୁତ୍ର ନାହାନ୍ତି । ଯଦି ତାହାଙ୍କର ପୁତ୍ର ଥାଆନ୍ତା ତେବେ ପୁତ୍ର ହେବା କାରଣରୁ ତାହାଙ୍କ ସହିତ ଅନ୍ୟକୁ ସମକକ୍ଷ କରାଯାଇଥାଆନ୍ତା । ସେ لَمْ يُولَدْ ଅଟନ୍ତି। ଅର୍ଥାତ୍ ତାହାଙ୍କର କେହି ପିତା ନାହାନ୍ତି । ଯଦି ଈଶ୍ୱରଙ୍କର ପିତା ଥାଆନ୍ତେ ତେବେ ତାହାଙ୍କ ସହିତ ପିତାକୁ ସମକକ୍ଷ କରାଯାଇଥାଆନ୍ତା । ସେ لَمْ يَكُنْ لَّهٗ كُفُوًا ଅର୍ଥାତ୍ ତାହାଙ୍କ କାର୍ଯ୍ୟରେ ସମକକ୍ଷକାରୀ କାର୍ଯ୍ୟ ତଥା କୃତ୍ୟ ଦୃଷ୍ଟିରୁ ତାହାଙ୍କ ସମକକ୍ଷ ରୂପେ ବିବେଚିତ ହେବ । ଅତଏବ୍ ଏହି ଦୃଷ୍ଟିରୁ ପ୍ରକାଶ୍ୟ ଯେ, ଈଶ୍ୱର ଚାରି ପ୍ରକାରର ଅଂଶୀଦାର ଓ ସମକକ୍ଷତା ଠାରୁ ପବିତ୍ର ଏବଂ ଅନନ୍ୟ ଅଟନ୍ତି । ସେ ଏକ ଏ ଅଦ୍ୱିତୀୟ ଅଟନ୍ତି । **(ବରାହିନେ ଅହମଦିୟା, ଭାଗ୍-4, ରୁହାନୀ ଖଜାଏନ୍, ଗ୍ରନ୍ଥଖଣ୍ଡ-1, ପୃ-518, ଅବଶିଷ୍ଟ ଟିପ୍ପଣୀ ସଂଖ୍ୟା-3)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ହ. ଆଏଶା ର.ଅ ବର୍ଣ୍ଣନା କଲେ ଯେ, ନବୀ କରୀମ୍ ସ.ଅ ଜଣେ ବ୍ୟକ୍ତିକୁ ଏକ ଯୁଦ୍ଧରେ ଅମୀର (ସେନାପତି) କରି ପ୍ରେରଣ କଲେ । ସେହି ବ୍ୟକ୍ତି ନମାଜ୍‌ରେ ନିଜର ସାଥିମାନଙ୍କ ସକାଶେ କିରାଅତ୍ (ପବିତ୍ର କୁରଆନ୍ କରୀମ୍‌ର ପଠନ ଶୈଳୀ) କରୁଥିଲେ ଏବଂ قُلْ هُوَ اللّٰهُ اَحَدٌ କିରଅତ୍‌ରେ ସମାପ୍ତ କରୁଥିଲେ । ଅର୍ଥାତ୍ ଉକ୍ତ ଆୟତ୍‌ରେ କିରଅତ୍ ଶେଷ କରୁଥିଲେ । ଅର୍ଥାତ୍ ଶେଷରେ ସୁରାଃ ଇଖ୍‌ଲାସ୍ ପାଠ କରୁଥିଲେ । ଯେତେବେଳେ ସେହି ଲୋକମାନେ ଫେରିଲେ ସେତେବେଳେ ସେମାନେ ନବୀ କରୀମ୍ ସ.ଅଙ୍କ ସମ୍ମୁଖରେ ଉକ୍ତ କଥାର ଚର୍ଚ୍ଚା କଲେ। ନବୀ କରୀମ୍ ସ.ଅ କହିଲେ, ହେ ସାହାବାମାନେ ସେହି ବ୍ୟକ୍ତିକୁ ପଚାର ଯେ, ସେ ଏପରି କେଉଁ କାରଣରୁ କରୁଥିଲା ? ସୁତରାଂ ସେମାନେ ଅର୍ଥାତ୍ ସାହାବାମାନେ ସେହି ବ୍ୟକ୍ତିକୁ ପଚାରିଲେ, ତେବେ ସେ କହିଲା, ଯେହେତୁ ଉକ୍ତ ସୁରାଃଟି ରହ୍‌ମାନ୍ ଅର୍ଥାତ୍ ଅଶେଷ ଦୟାବାନ୍ ପ୍ରଭୁଙ୍କ ବିଶିଷ୍ଟ ଗୁଣାବଳୀ ଉପରେ ଆଧାରିତ (ପର୍ଯ୍ୟବେସିତ) ଅଟେ ତେଣୁ ମୁଁ ଏହା ପସନ୍ଦ କରୁଛି ଯେ, ମୁଁ ସେହି ସୁରାଃଟିକୁ ପାଠ କରିବି । ନବୀ କରୀମ୍ ସ.ଅ କହିଲେ, ହେ ସାହାବାମାନେ ! ତୁମେମାନେ ତାକୁ କହିଦିଅ ଯେ, ଅଲ୍ଲାଃତାଲା ମଧ୍ୟ ତାକୁ ପ୍ରେମ କରୁଛନ୍ତି (ଭଲ ପାଉଛନ୍ତି) । ଉକ୍ତ ସୁରାଃରେ ଅଲ୍ଲାଃତାଲାଙ୍କ ଏକେଶ୍ୱରବାଦର ଘୋଷଣା ରହିଛି । ତେଣୁ ତୁମେମାନେ ଶୁଣିନିଅ ଯେ, (ଯଦି ତୁମେମାନେ ଉକ୍ତ ସୁରାଃକୁ ପାଠ କର ତେବେ) ଅଲ୍ଲାଃତାଲା ମଧ୍ୟ ତୁମମାନଙ୍କୁ ପ୍ରେମ କରନ୍ତି । **(ସହିହୁଲ୍ ବୁଖାରୀ, କିତାବୁତ୍ ତୌହିଦି, ବାବ୍- ମା ଯାଆ, ଫି ଦୁଆଇନ୍ ନବୀ ସ.ଅ, ଉମ୍ମତହୁ ଇଲତ୍ ତୌହିଦି, ହଦିସ୍ ନଂ-7375)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ସାହାବାମାନଙ୍କର ମଧ୍ୟ ଅଲ୍ଲାଃତାଲାଙ୍କ ସହିତ ପ୍ରେମ ଓ ଏକେଶ୍ୱରବାଦର ଅଧ୍ୟାତ୍ମପୂର୍ଣ୍ଣ ଉଦାହରଣମାନ ଦେଖିବାକୁ ମିଳିଥାଏ। ଏକ ବର୍ଣ୍ଣନାରେ ବର୍ଣ୍ଣିତ ହୋଇଛି ଯେ, ହ. ଅନସ୍ ବିନ୍ ମାଲିକ୍ ର.ଅ ବର୍ଣ୍ଣନା କଲେ। ଅନସାରମାନଙ୍କ ମଧ୍ୟରୁ ଜଣେ ବ୍ୟକ୍ତି ମସ୍‌ଜିଦେ କୁବା ଠାରେ ସେମାନଙ୍କର ଇମମାତ୍ (ନମାଜ୍‌ରେ ସମ୍ମୁଖରେ ଛିଡ଼ା ହୋଇ ପ୍ରତିନିଧିତ୍ୱ ବା ଅଧ୍ୟକ୍ଷତା କରିବା) କରୁଥିଲା। ସେହି ଇମାମ୍ ଯେତେବେଳେ ବି ସେମାନଙ୍କୁ ନମାଜ୍‌ରେ କୌଣସି ସୁରାଃ ପାଠ କରୁଥିଲା ତେବେ ସେ قُلْ هُوَ اللّٰهُ اَحَدٌ ଠାରୁ ଅରମ୍ଭ କରୁଥିଲା । ଏପର୍ଯ୍ୟନ୍ତକି ସେହି ଇମାମ୍ ପ୍ରଥମ ରକାତ୍ ପାଠ କରି ସାରୁଥିଲା ତେବେ ପୁନଶ୍ଚ ତା' ସହିତ ଅନ୍ୟ ସୁରାଃ ପାଠ କରୁଥିଲା ଏବଂ ସେହି ଇମାମ୍ ପ୍ରତ୍ୟେକ ରକାତ୍‌ରେ ଏହି ସୁରାଃ ପାଠ କରୁଥିଲା । ପ୍ରଥମ ଘଟଣା ତ' କୌଣସି ଅଭିଯାନରେ ପ୍ରେରିତ ଯାତ୍ରୀସମୂହର ଥିଲା। ଅର୍ଥାତ୍ ଜଣେ ଅଞ୍ଚଳର ଇମାମ୍ ନିରନ୍ତର ରୂପେ ଏପରି କରୁଥିଲା । ଦିନେ ସେହି ଇମାମ୍‌ର ସାଥିମାନେ ତା' ସହିତ କଥାବାର୍ତ୍ତା ହେଲେ ଯେ, ସାଙ୍ଗ ! ତୁମେ ଏହି ସୁରାଃ ପାଠ କରୁଛ, ପୁନଶ୍ଚ ତୁମେ ଏହା ଭାବୁଛ ଯେ, ତୁମ ନିମନ୍ତେ ଯଥେଷ୍ଟ ହେବ ନାହିଁ । ଏପର୍ଯ୍ୟନ୍ତକି ତୁମେ ଅନ୍ୟ ଏକ ସୁରାଃ ପାଠ କରୁଛ । ଅତଏବ ତୁମେ କେବଳ ସୁରାଃ ଇଖ୍‌ଲାସ୍ ପାଠ କର ନତୁବା ସୁରାଃ ଇଖ୍‌ଲାସ୍ ପାଠ କରିବା ପରିତ୍ୟାଗ କରିଦିଅ ଓ ଅନ୍ୟ ସୁରାଃ ପାଠ କର । ସେ କହିଲା ମୁଁ ଏହାକୁ ଛାଡ଼ିପାରିବି ନାହିଁ । ଯଦି ତୁମେମାନେ ଚାହୁଁଛ ଯେ, ମୁଁ ଉକ୍ତ ସୁରାଃ ପାଠ କରିବି ନାହିଁ ତେବେ ମୁଁ ଇମାମ ହେବା ଛାଡ଼ିଦେବି। ମୋତେ ଇମାମ୍ ହେବାର ଆବଶ୍ୟକତା ନାହିଁ । ସେମାନେ ନିଜର ସାଙ୍ଗକୁ ନିଜ ମଧ୍ୟରୁ ସର୍ବୋତ୍କୃଷ୍ଟ ଏବଂ ସର୍ବୋଚ୍ଚ ବୋଲି ମନେକରୁଥିଲେ । ତେଣୁ ସେମାନେ ନାପସନ୍ଦ କୁରଥିଲେ ଯେ, ତାଙ୍କ ସାଙ୍ଗ ବ୍ୟତୀତ ଅନ୍ୟ କେହି ସେମାନଙ୍କର ଇମାମତ୍ କରାଉ ।

ହୁଜୁର ଅନୱର୍ ଅ.ବ କହିଲେ, ସେ ଯାହା ହେଉ ନବୀ କରୀମ୍ ସ.ଅ ଯେତେବେଳେ ସେହି ଲୋକମାନଙ୍କ ପାଖକୁ ଆସିଲେ ସେତେବେଳେ ସେମାନେ ଆପଣ ସ.ଅଙ୍କୁ ଉକ୍ତ କଥା କହିଲେ, ଯେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଏହି ବ୍ୟକ୍ତି ଏପରି ନମାଜ ପାଠ କରିଥାଏ ଯେ, ସୁରାଃ ଇଖ୍‌ଲାସ୍ ପ୍ରତ୍ୟେକ ରକାତ୍‌ର ପାଠ କରିଥାଏ । ଆପଣ ସ.ଅ କହିଲେ, ହେ ଅମକ ବ୍ୟକ୍ତି ! ଯେଉଁ କଥାର ତୁମର ସାଥିମାନେ ତୁମ ସଂପର୍କରେ କହୁଛନ୍ତି ତାହାକୁ କାର୍ଯ୍ୟକାରୀ କରିବା କେଉଁ କଥା ତୁମକୁ ବାଧା ଦେଉଛି । ଅର୍ଥାତ୍ ଅଟକାଉଛି । କେଉଁ ପ୍ରସଙ୍ଗ ତୁମକୁ ପ୍ରରୋଚିତ କରୁଛି ଯେ, ତୁମେ ପ୍ରତ୍ୟେକ ରକାତ୍‌ରେ ଏହି ସୁରାଃ ପାଠ କର? ପ୍ରତ୍ୟୁତ୍ତରରେ ସେହି ବ୍ୟକ୍ତି ଜଣକ କହିଲା, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ମୁଁ ଉକ୍ତ ସୁରାଃକୁ ଭଲ ପାଉଛି । ତେବେ ନବୀ କରୀମ୍ ସ.ଅ କହିଲେ, ନିଃସନ୍ଦେହ ରୂପେ ସୁରାଃ ଇଖ୍‌ଲାସ୍‌ର ପ୍ରେମ ତୁମକୁ ବୈକୁଣ୍ଠରେ ପ୍ରବିଷ୍ଟ କରିଦେଲା । **(ଯାମିଉତ୍ ତିର୍ମିଜି, କିତାବ୍ ଫଜାଇଲୁଲ୍ କୁର୍‌ଆନା ବାବ୍- ମା ଯାଆ ଫି**

### ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-

**"ପବିତ୍ର କୁରଆନ୍‌କୁ ବୁଝିବା ଓ ତା' ମୁତବାକ ନହିଦାୟତ୍ ପାଇଁ ଅସଲ ଆବଶ୍ୟକତା ହେଉଛି ତକ୍‌ୱା (ଅର୍ଥାତ ଧର୍ମପରାୟଣତା)" ।**

(ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Idris Khan, Jamat Ahmadiya Kerang, Mahmoodabad (Odisha)

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

**"ତୁମେ ଆପୋଷରେ ଖୁବ୍ ଶୀଘ୍ର ସୁଲାହ୍ କରିନିଅ ଓ ନିଜ ଭାଇ ଭଉଣୀମାନଙ୍କ ଦୋଷକୁ କ୍ଷମା କର । କାରଣ ଦୁଷ୍ଟ ହେଉଛି ସେହି ବ୍ୟକ୍ତି ଯିଏ ନିଜ ଭାଇ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ" ।**

(ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Abdul Chand & Family, Jamat Ahmadiya Kerang, Darul Anwar (Odisha)

**ସୁରତିଲ୍ ଇଖ୍‌ଲାସା, ହଦିସ୍ ନଂ-2901)**

ହୁଜୁର ଅନୱର୍ ଅ.ବ କହିଲେ, ଆଁହଜରତ୍ ସ.ଅଙ୍କ ଈଶ୍ୱର ଦତ୍ତ ଶକ୍ତି ଏବଂ ସଂସ୍କାର ସାହାବାମାନଙ୍କୁ ଏକେଶ୍ୱରବାଦର ମାର୍ଗ ଦେଖାଇବା ନିମନ୍ତେ ଏକ ମିନାରା (ସୌଧ) ତିଆର କରି ଦେଇଥିଲେ । ବୁଖାରୀର ଏକ ବର୍ଣ୍ଣନା ଏହିପରି ରହିଛି ଯେ, ଏହି (ଉପରୋକ୍ତ) ସୁରାଃକୁ ଆଁହଜରତ୍ ସ.ଅ ତୃତୀୟାଂଶ କୁରଆନ ରୂପେ ବିବେଚିତ କରିଛନ୍ତି । ଅର୍ଥାତ୍ କୁରଆନ୍ କରୀମ୍‌ର ତୃତୀୟାଂଶ । **(ସହିହୁଲ୍ ବୁଖାରୀ, କିତାବୁ ଫଜାଇଲିଲ୍ କୁରଆନ୍, ବାବ୍-ଫଜ୍‌ଲି କୁଲ୍‌ହୁ ଅଲ୍ଲାଃହୁ ଅହଦ୍, ବର୍ଣ୍ଣନା ସଂଖ୍ୟା-5013)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଉକ୍ତ ସୁରାଃର ବ୍ୟାଖ୍ୟାରେ ହ.ମୁସ୍‌ଲେହ୍ ମଉଦ୍ ର.ଅ ଉଲ୍ଲେଖ କରନ୍ତି ଯେ, ଉକ୍ତ ସୁରାଃର ତୃତୀୟାଂଶ କୁର୍‌ଆନ୍ ହେବାରୁ ଏହା ଯଥାର୍ଥ ନୁହେଁ ଯେ, ଏହି ସୁରାଃ କେବଳ ପବିତ୍ର କୁରଆନ୍ କରୀମ୍‌ର ସ୍ଥୂଳତ୍ୱତାର ତୃତୀୟାଂଶ ବରଂ ତହିଁରୁ ଏହା ଯଥାର୍ଥ ଯେ, ବିଷୟବସ୍ତୁ ଦୃଷ୍ଟିରୁ ଉକ୍ତ ସୁରାଃର ବିଶେଷ ମହତ୍ତ୍ୱ ରହିଛି। ପବିତ୍ର କୁରଆନ୍ କରୀମ୍ ଓ ଆହଦିସ୍‌କୁ ପାଠ କରିବା ଦ୍ୱାରା ଏହା ଜ୍ଞାତ ହୁଏ ଯେ, ଶେଷ ଯୁଗରେ ଦୁଇଟି ବଡ଼ ଉପଦ୍ରବ ସୃଷ୍ଟି ହେବାର ଥିଲା । 1- ଦଜ୍ଜାଲିକ (ମାୟାବୀ ତଥା ଛଳନାକାରୀ) ଉପଦ୍ରବ । 2- ୟାଜୁଜ୍ ଓ ମାଜୁଜ୍‌ର ଉପଦ୍ରବ। ଏହି ଦୁଇଟି ଉପଦ୍ରବ ଗୋଟିଏ ପରେ ଗୋଟିଏ ଇସ୍‌ଲାମ୍ ଧର୍ମ ସହିତ ମୁହାଁମୁହିଁ ହୋଇଥାଆନ୍ତେ । 1- ଏକେଶ୍ୱରଙ୍କ ବଦଳରେ ତନୋଟି ଈଶ୍ୱର ବିଶ୍ୱାସ ପୋଷଣ କରିଛି । ଅର୍ଥାତ୍ ପିତା, ପୁତ୍ର ଏବଂ ପବିତ୍ରାତ୍ମା । 2- ନାସ୍ତିକବାଦୀର ଉପାସନା । ଅର୍ଥାତ ନାସ୍ତିକବାଦୀ ମୂଳରୁ ହିଁ ଈଶ୍ୱରଙ୍କ ଅସ୍ତିତ୍ୱର ପ୍ରତ୍ୟାଖ୍ୟାନକାରୀ ଅଟେ । ହୁଜୁର୍ ଅନୱର୍ ଅ.ବ କହିଲେ, ପବିତ୍ର କୁରଆନ୍ କରୀମ୍ ଉପରୋକ୍ତ ଦୁଇଟି ଯାକ ଉପଦ୍ରବର ଆସ୍ଥା ତଥା ବିଶ୍ୱାସର ଖଣ୍ଡନ କରିଛି ଏବଂ ସଠିକ୍ ବିଶ୍ୱାସକୁ ବର୍ଣ୍ଣନା କରିଛି। ପବିତ୍ର କୁରଆନ୍ ଈଶ୍ୱର ପିତାର ପ୍ରଶଂସା ଦ୍ୱାରା ପରିପୂର୍ଣ୍ଣ ଅଟେ ଏବଂ ସେହିପରି ଈଶ୍ୱର ପିତାର ପାଳନକର୍ତ୍ତା ହେବା ଏବଂ ଏକ ହେବାର ସମର୍ଥନ କରିଥାଏ । ଅର୍ଥାତ୍ ଏକେଶ୍ୱର ଅଲ୍ଲାଃଙ୍କର ପ୍ରଶଂସା ଏବଂ ସେ ଏକ ଅଟନ୍ତି । ତାହାଙ୍କର ସମର୍ଥନ ପବିତ୍ର କୁରଆନ୍ କରୀମ୍ କରିଥାଏ । ଈଶ୍ୱର ରୁହୁଲ୍ କୁଦୁସ୍‌ଙ୍କୁ ପୁତ୍ରର ଖଣ୍ଡନ ଜୋରଦାର୍ ରୂପେ କରିଥାଏ । ଅଲ୍ଲାଃତାଲା ସେହି ବସ୍ତୁକୁ ଅସ୍ୱୀକାର କରିଥାଆନ୍ତି ଯେ, ଅନ୍ୟ ଦୁଇଟି ଈଶ୍ୱର ମଧ୍ୟ ରହିଛନ୍ତି । ଅର୍ଥାତ୍ ପବିତ୍ର କୁରଆନ୍ କରୀମ୍ ଈଶ୍ୱର ପିତାଙ୍କ ଈଶ୍ୱରତ୍ୱକୁ ସ୍ଥାପିତ କରିଥାଏ ଏବଂ ପୁତ୍ର ଓ ରୁହୁଲ୍ କୁଦୁସ୍‌ର ଖଣ୍ଡନ କରେ । ତେଣୁ ଏହା ସ୍ୱଷ୍ଟ ଯେ, ଈଶ୍ୱର ପିତାଙ୍କ ସମର୍ଥନ ପବିତ୍ର କରୁଆନ୍ କରୀମ୍‌ର ତୃତୀୟ ଭାବ ଅଟେ । ତେଣୁ ସୁରତୁଲ୍ ଇଖ୍‌ଲାସ୍ ମଧ୍ୟ ପବିତ୍ର କୁରଆନ୍ କରୀମ୍‌ର ତୃତୀୟ ଭାଗ ଅଟେ । ହୁଜୁର ଅନ୍‌ୱର୍ ଅ.ବ କହିଲେ, ବାସ୍ତବରେ ପବିତ୍ର କୁରଆନ୍ କରୀମ୍‌ର କାର୍ଯ୍ୟ ଏକେଶ୍ୱରବାଦ ସ୍ଥାପନ କରିବା ଅଟେ ଏବଂ କୁବିଶ୍ୱାସକୁ ସମାପ୍ତ କରିବା ଅଟେ । ତେଣୁ ଯେତେବେଳେ ଅଲ୍ଲାଃତାଲାଙ୍କ ସେହି ସୁରାଃ ବିସ୍ତୃତ ରୂପେ ଏବଂ ହସ୍ତକ୍ଷେପ ତଥା ବାଧକ ରୂପେ ପ୍ରମାଣିତ କରିଦେଲା ଯେ, ଏହି ସୁରାଃ ପବିତ୍ର କୁରଆନ୍ କରୀମ୍‌ର କେବଳ ତୃତୀୟାଂଶ ନୁହେଁ ବରଂ ସମଗ୍ର କୁରଆନ୍ ତୁଲ୍ୟ ଅଟେ । ଅତଏବ୍ ରସୁଲ୍ କରୀମ୍ ସ.ଅଙ୍କ ଏହି ସୁରାଃକୁ ତୃତୀୟାଂଶ ବିବେଚିତ କରିବା ଅତିଶୟୋକ୍ତି ନୁହେଁ ବରଂ ଏହାର ବିଷୟବସ୍ତୁର ମହତ୍ତ୍ୱକୁ ଦୃଷ୍ଟି ସମ୍ମୁଖରେ ରଖି ଉପସ୍ଥାପିତ କରିଛନ୍ତି ।

**(ତଫ୍‌ସିର୍ କବିର୍, ଗ୍ରନ୍ଥଖଣ୍ଡ-15, ପୃ-372-373, ନୂତନ ସଂସ୍କରଣ)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ କୁହନ୍ତି: " ନିଃସନ୍ଦେହ ରୂପେ ତୁମେମାନେ ଏହା ମନେରଖ ଯେ, ବିଶ୍ୱାସମୂଳକ ଏକେଶ୍ୱରବାଦ କେବଳ ନବୀଙ୍କ ମାଧ୍ୟମରେ ହିଁ ପ୍ରାପ୍ତ ହୋଇପାରିବ । ଯେପରିକି ଆମର ପ୍ରିୟ ମୁନିବ ସ.ଅ ସମଗ୍ର ଆରବର ନାସ୍ତିକବାଦୀମାନଙ୍କୁ ଏବଂ ବିଧର୍ମୀମାନଙ୍କୁ ସହସ୍ର ସହସ୍ର ଆକାଶୀୟ ନିଦର୍ଶନ ଦେଖାଇ ଈଶ୍ୱରଙ୍କ ଅସ୍ତିତ୍ୱର ସ୍ୱୀକାରୋକ୍ତି ପ୍ରକାଶକାରୀ କରିଦେଲେ ଏବଂ ଏପର୍ଯ୍ୟନ୍ତକି ଆଁହଜରତ୍ ସ.ଅଙ୍କ ପ୍ରକୃତ ଓ ପୂର୍ଣ୍ଣ ଆଜ୍ଞାବହତ୍ୱକାରୀମାନେ ସେହିସବୁ ନିଦର୍ଶମାନଙ୍କୁ ନାସ୍ତିକବାଦୀମାନଙ୍କ ସମ୍ମୁଖରେ ଉପସ୍ଥାପିତ କରିଥାଆନ୍ତି । ହୁଜୁର୍ ଅନୱର୍ ଅ.ବ କହିଲେ,ଏହା ହିଁ ସତ୍ୟ କଥା ଅଟେ । କାରଣ ମନୁଷ୍ୟ ଯେପର୍ଯ୍ୟନ୍ତ ଜୀବନ୍ତ ଈଶ୍ୱର, ଜୀବନ୍ତ ଶକ୍ତିକୁ ଅବଲୋକନ କରିନେଇ ନାହିଁ ଏବଂ ଯେପର୍ଯ୍ୟନ୍ତ ପୂର୍ଣ୍ଣ ବିଶ୍ୱାସର ସହିତ ଈଶ୍ୱରଙ୍କ ଅସ୍ତିତ୍ୱ ସଂପର୍କରେ ସ୍ୱୀକାରୋକ୍ତି ପ୍ରକାଶ କରିଦେଇ ନାହିଁ ସେପର୍ଯ୍ୟନ୍ତ ସେହି ବ୍ୟକ୍ତିର ହୃଦୟରୁ ସୈତାନ୍ ବାହାରି ନଥାଏ ଓ ନା ହିଁ ପ୍ରକୃତ ଏକେଶ୍ୱରବାଦ ତା' ମନରେ ପ୍ରବିଷ୍ଟ ହୋଇଥାଏ । ଏହି ପବିତ୍ର ଏବଂ ପୂର୍ଣ୍ଣ ଏକେଶ୍ୱରବାଦ କେବଳ ଓ କେବଳ ଆଁହଜରତ୍ ସ.ଅଙ୍କ ମାଧ୍ୟମରେ ହିଁ ପ୍ରାପ୍ତ ହୋଇଥାଏ ।" **(ହକିକତୁଲ୍ ୱହି, ରୁହାନୀ ଖଜାଏନ୍, ଗ୍ରନ୍ଥଖଣ୍ଡ-22, ପୃ-121)** ହୁଜୁର ଅନ୍‌ୱର୍ ଅ.ବ କହିଲେ, ଆଜି ସାଂପ୍ରତିକ ଯୁଗରେ ଏକେଶ୍ୱରବାଦ ଠାରୁ ବ୍ୟବହାରିକ ରୂପେ ଈଶ୍ୱରଙ୍କୁ ସ୍ୱୀକାର କରୁଥିବା ଲୋକମାନେ ମଧ୍ୟ ମୁହଁ ବୁଲାଇ ଦେଲେଣି । ପ୍ରକାଶ୍ୟ ରୂପେ ସେମାନେ କୁହନ୍ତି ଯେ, ଆମେମାନେ ଈଶ୍ୱରଙ୍କୁ ଏକ ଓ ଅଦ୍ୱିତୀୟ ବୋଲି ସ୍ୱୀକାର କରୁଛୁ । ୟାଜୁଜ୍ ମାଜୁଜ୍ ଏବଂ ଦଜ୍ଜାଲ୍‌ର ଉପଦ୍ରବ ତ' ଭିନ୍ନ ଭିନ୍ନ ଅଟେ ଓ ବାହ୍ୟ ଉପଦ୍ରବ ଅଟେ । ମୁସଲମାନମାନଙ୍କ ମଧ୍ୟରେ ପ୍ରକୃତ ଏକେଶ୍ୱରବାଦର ଅବବୋଧ ଆଉ ରହିଲା ନାହିଁ । ତେଣୁ ଏପରି ପରିସ୍ଥିତିରେ ହିଁ ଆଁହଜରତ୍ ସ.ଅଙ୍କ ସତ୍ୟବାଦୀ ଦାସ ପ୍ରତିଶୃତ ମସିହ୍ ମଉଦ୍ ଏବଂ ଅଙ୍ଗୀକୃତ ମେହ୍‌ଦୀଙ୍କ ରୂପେ ଆସିବାର ଥିଲା । ଅଲ୍ଲାଃତାଲାଙ୍କ ପ୍ରତିଶୃତି ମୁତାବକ ସେହି ପ୍ରତିଶୃତ ମସିହ୍ ଆସିଲା ଏବଂ ଏକେଶ୍ୱରବାଦ ବିରୁଦ୍ଧରେ ଯେଉଁ ଆକ୍ରମଣ ହେଉଥିଲା ସେହି ପ୍ରତିଶୃତ ମସିହ ପ୍ରତ୍ୟେକଟି ଆକ୍ରମଣର ମୁକାବିଲା କଲା । ସୁତରାଂ ଯେତେବେଳେ ଆମେମାନେ ପ୍ରକୃତ ଏକେଶ୍ୱବାଦର ସ୍ୱୀକାରୋକ୍ତି ପ୍ରକାଶକାରୀ ବ୍ୟକ୍ତି ରୂପେ ପରିଗଣିତ ହେଉଥିବୁ ସେତେବେଳ ପର୍ଯ୍ୟନ୍ତ ଆମେମାନେ ପ୍ରକୃତ ବୈଅତ୍‌ର କର୍ତ୍ତବ୍ୟ ନିର୍ବାହ କରୁଥିବୁ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଯେତେବେଳେ ହ. ମସିହ୍ ମଉଦ୍ ଅ.ସ ନିଜ ଜମାଅତ୍‌ର ମୂଳଦୁଆ 1889 ମସିହା ମାର୍ଚ୍ଚ ମାସ 23 ତାରିଖ ଦିନ ପକାଇଲେ। ଅତଏବ୍ ଆମେମାନେ ଯେଉଁ ମାସ ଦେଇ ଗତି କରୁଛେ ତାହା ହେଉଛି ମାର୍ଚ୍ଚ ମାସ ଏବଂ ମାର୍ଚ୍ଚ ମାସ 23 ରାତିଖ । ଏହି ମାସର ଓ ଏହି ତାରିଖ ଅବସରରେ ୟୌମେ ମସିହ୍ ମଉଦ୍ ଅ.ସଙ୍କ ଜଲ୍‌ସା ମଧ୍ୟ ଆମେମାନେ ଆୟୋଜନ କରିଥାଉ । ତାହା ଏଇଥି ପାଇଁ ଯେ, ଆଁହଜରତ୍ ସ.ଅଙ୍କ ସତ୍ୟବାଦୀ ଦାସ ଯାହାକୁ ଅଲ୍ଲାଃତାଲା ନିଜର ଅଙ୍ଗୀକାର ତଥା ପ୍ରତିଶୃତି ଅନୁଯାୟୀ ପ୍ରେରଣ କରିଛନ୍ତି ତାହାଙ୍କୁ ଅଲ୍ଲାଃତାଲା ଏକେଶ୍ୱରବାଦ ସ୍ଥାପନ ନିମନ୍ତେ ମଧ୍ୟ ପ୍ରେରଣ କରିଛନ୍ତି । ତେଣୁ ହ. ମସିହ୍ ମଉଦ୍ ଅ.ସ ଯେତେବେଳେ ଜମାଅତ୍ ସ୍ଥାପନ କଲେ ସେତେବେଳେ ସେହି ଜମାଅତ୍‌ର ବୈଅତ୍ ସଂସ୍ୱର୍ଶରେ ଆସି ଆମେମାନେ ଏହି ଅଙ୍ଗୀକାର କରିଛେ ଯେ, ଆମେମାନେ ମଧ୍ୟ ସର୍ବଦା ଏକେଶ୍ୱରବାଦ ଉପରେ ପ୍ରତିଷ୍ଠିତ ଓ ଅବିଚଳ ରହିବୁ । ଯେତେବେଳେ ଆମମାନଙ୍କ ମଧ୍ୟରୁ ପ୍ରତ୍ୟେକ ବ୍ୟକ୍ତି ନିଜେ ନିଜ ମଧ୍ୟରେ, ନିଜର ପରିବାର ମଧ୍ୟରେ ନିଜର ସମାଜ ମଧ୍ୟରେ ଏକେଶ୍ୱରବାଦ ସ୍ଥାପନ ନିମନ୍ତେ ଉଦ୍ୟମ କରିବ ସେତେବେଳେ ଯାଇ ଏକେଶ୍ୱରବାଦର ପ୍ରକୃତ କର୍ତ୍ତବ୍ୟ ସମ୍ପାଦନ ହୋଇପାରିବ । ଅଲ୍ଲାଃତାଲା ସମସ୍ତ ମୁସଲମାନମାନଙ୍କୁ ମଧ୍ୟ ଏହି ସାମର୍ଥ୍ୟ ପ୍ରଦାନ କରନ୍ତୁ ଯେ, ସେମାନେ ଅଲ୍ଲାଃତାଲାଙ୍କ ଦ୍ୱାରା ପ୍ରେରିତ ଯୁଗାବତାରଙ୍କୁ ସ୍ୱୀକାର କରି ଏକେଶ୍ୱରବାଦ ସ୍ଥାପନ କରନ୍ତୁ ଓ ୟାଜୁଜ୍ ଏବଂ ମାଜୁଜ୍‌ର ଉପଦ୍ରବକୁ ଭାଙ୍ଗି ଦିଅନ୍ତୁ । ଏହି ଉପଦ୍ରବ ଆଜିକାଲି ଅତ୍ୟନ୍ତ ଉଗ୍ର ରୂପ ନେଇ ଆକ୍ରମଣ କରୁଛନ୍ତି । ହୁଜୁର ଅନ୍‌ୱର୍ ଅ.ବ କହିଲେ, ଆଁହଜରତ୍ ସ.ଅଙ୍କ ରହସ୍ୟ ସଂପର୍କରେ ଏକ ବର୍ଣ୍ଣନା ଏହିପରି ବର୍ଣ୍ଣିତ ହୋଇଛି । ହ. ଅବ୍‌ଦୁଲ୍ଲାଃ ବିନ୍ ମସ୍‌ଉଦ୍ ର.ଅ ବର୍ଣ୍ଣନା କଲେ ଯେ, ରସୁଲୁଲ୍ଲାଃ ସ.ଅ କହିଲେ, ଯେତେବେଳେ ମୋତେ ଇସ୍ରା ହେଲା ସେତେବେଳେ ମୁଁ ସେହି ରାତ୍ରରେ ହ. ଇବ୍ରାହିମ୍ ଅ.ସଙ୍କୁ ସାକ୍ଷାତ୍ କଲି । ସେ ଅର୍ଥାତ୍ ହ. ଇବ୍ରାହିମ୍ ଅ.ସ କହିଲେ, ହେ ମୁହମ୍ମଦ୍ ସ.ଅ ! ତୁମ୍ଭେ ମୋ ତରଫରୁ ନିଜର ଧର୍ମାବଲମ୍ବୀମାନଙ୍କୁ ସଲାମ୍ (ନମସ୍କାର) ଜଣାଅ ଏବଂ ସେମାନଙ୍କୁ କୁହ ଯେ, ସ୍ୱର୍ଗ ପବିତ୍ର ମୃଣ୍ମୟ (ମୃତ୍ତିକାର), ମିଷ୍ଟ ଜଳମୟ ଏବଂ ବ୍ୟାପକ କ୍ଷେତ୍ର ଅଟେ । ସ୍ୱର୍ଗର ବୃକ୍ଷ سبحان اللہ اور الحمد للہ اور لا الٰہ الا اللہ ଏବଂ اللہ اکبر ଅଟେ ।

**(ଯାମିଉତ୍ ତର୍ମିଜି, କିତାବୁଦ୍ ଦାୱାତ୍, ବାବ୍-59, ହଦିସ୍ ନଂ-3462)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଅତଏବ୍ ଜଣେ ବିଶ୍ୱାସକାରୀକୁ ଏହି ଉପଦେଶାବଳୀର ଚର୍ଚ୍ଚା ସେହି ଗହ୍ୱରତା ମଧ୍ୟକୁ ଯାଇ ଏବଂ ପୂର୍ଣ୍ଣ ରୂପେ ଅଲ୍ଲାଃତାଲାଙ୍କ ଏକେଶ୍ୱରବାଦର ଅବବୋଧ ପ୍ରାପ୍ତ କରିବା ଉଚିତ୍ । ତେବେ ଯାଇ ସଫଳତା ଅବଶ୍ୟମ୍ଭାବୀ ଅଟେ । ଆମେମାନେ ଅଲ୍ଲାଃତାଲାଙ୍କୁ ଏକ ଏବଂ ଅଦ୍ୱିତୀୟ ବୋଲି ମନେକରିଥାଉ । ହୁଜୁର ଅନ୍‌ୱର୍ ଅ.ବ କହିଲେ, ଏକ ବର୍ଣ୍ଣନାରେ ଏହି ପବିତ୍ର ଐଶିଭିତ୍ତିକ ହଦିସ୍ ବର୍ଣ୍ଣିତ ହୋଇଛି । ହ. ଅନସ୍ ରବିନ୍ ମାଲିକ୍ ର.ଅ ବର୍ଣ୍ଣନା କଲେ। ମୁଁ ରସୁଲୁଲ୍ଲାଃ ସ.ଅଙ୍କୁ ଏହା କହୁଥିବାର ଶୁଣିଲି ଯେ, ଅଲ୍ଲାଃତାଲା କହିଲେ, ହେ ଇବ୍‌ନେ ଆଦମ୍! ତୁମ୍ଭେ ମୋ ସମ୍ମୁଖରେ ଯେଉଁ ଦୁଆ (ପ୍ରାର୍ଥନା) କରିଥିଲ ଏବଂ ମୋ ଠାରୁ ଯେଉଁ ଆଶା ପୋଷଣ କିରଥିଲ ମୁଁ ତୁମ୍ଭକୁ ତାହା ପ୍ରଦାନ କଲି । ହେଲେ ଏସବୁ ସତ୍ତ୍ୱେ ତୁମ ମଧ୍ୟରେ ଯାହାକିଛି ରହିଛି ମୁଁ ତାହା ପ୍ରତି ଭୃକ୍ଷେପ କରୁ ନାହିଁ । ଅର୍ଥାତ୍ ଏବେ ବି ତୁମ ମଧ୍ୟରେ ଦୋଷ ଦୁର୍ବଳତା ଥିବ । କିନ୍ତୁ ମୁଁ ତୁମ୍ଭକୁ କ୍ଷମା ପ୍ରଦାନ କରି ଦେଉଛି । କାରଣ ତୁମ୍ଭେ ମୋ ନିକଟରେ ଦୁଆ କରିଛ । ହେ ଆଦମ୍‌ଙ୍କ ପୁତ୍ର ! ଯଦି ତୁମ୍ଭର ପାପ ଆକାଶ ପର୍ଯ୍ୟନ୍ତ ପହଞ୍ଚି ଯାଏ ଏବଂ ତୁମ୍ଭେ ମୋ ଠାରୁ କ୍ଷମାଯାଚନା କର ତେବେ ଆମ୍ଭେ ବା ମୁଁ (ଅଲ୍ଲାଃତାଲା) ତୁମ୍ଭକୁ କ୍ଷମା କରିଦେବୁ । ମୁଁ ଏଥି ପ୍ରତି ଭୃକ୍ଷେପ କରୁ ନାହିଁ ଯେ, କେତେ ପାପ ରହିଛି । ମୁଁ ଅବଶ୍ୟ କ୍ଷମା ପ୍ରଦାନ କରିଦେବି ଏବଂ ଏଥି ପାଇଁ


**ଅଲ୍ଲାଃତାଲାଙ୍କ ବାଣୀ**

**ଅଲ୍ଲାଃତାଲା କୁହନ୍ତି:** وَمَا خَلَقْتُ الْجِنَّ وَالْإِنْسَ إِلَّا لِيَعْبُدُونِ

(ଅଜ୍ ଜାରିୟାତ୍: 57)

**ଅନୁବାଦ: ଏବଂ ଆମ୍ଭେ ଜିନ୍ ଓ ଇନସକୁ ନିଜର ଉପାସନା ସକାଶେ ସୃଷ୍ଟି କରିଅଛୁ ।**

ତାଲିବେ ଦୁଆ: Akhtara Begum & Family,
B.D.A, Bhubaneshwar (Odisha)



**ଅଲ୍ଲାଃତାଲାଙ୍କ ବାଣୀ**

**ଅଲ୍ଲାଃତାଲା କୁହନ୍ତି:** وَذَكِّرْ فَإِنَّ الذِّكْرَىٰ تَنْفَعُ الْمُؤْمِنِينَ

(ଅଜ୍ ଜାରିୟାତ୍: 56)

**ଅନୁବାଦ:ଏବଂ ସ୍ମରଣ କରାଉ ଥାଅ, କାରଣ ସ୍ମରଣ କରାଇବା ବିଶ୍ୱାସକାରୀମାନଙ୍କୁ-ଲାଭ ଦେଇଥାଏ ।**

ତାଲିବେ ଦୁଆ:Shamim Ahmad, S/o- Late Sk Abdul Gaffar &
Jamila Sahiba, Jamat Ahmadiya Kotpalla (Odisha)

ତୁମ୍ଭେ କିଛି ବି ଚିନ୍ତା କର ନାହିଁ ଓ ଭ୍ରୂକ୍ଷେପ କରୁ ନାହିଁ । ଅଲ୍ଲାଃତାଲା ମାଲିକ୍ ଅଟନ୍ତି, ସେ କ୍ଷମା ଦେଇ ପାରିବେ । ହେ ଇବ୍‌ନେ ଆଦମ୍ ! ଯଦି ତୁମେମାନେ ମୋ ପାଖରେ ଭୂମି ତୁଲ୍ୟ ପାପ ନେଇ ଆସ ଏବଂ ମୋତେ ସାକ୍ଷାତ୍ କର । ମୋତେ ଏପରି ଏପରି ଅବସ୍ଥାରେ ସାକ୍ଷାତ୍ କର ଯେ, ତୁମେ ମୋ ସହିତ କାହାରିକୁ ସମକକ୍ଷ କରି ନଥିବ ତେବେ ମୁଁ ତତ୍ତୁଲ୍ୟ ତୁମ୍ଭ ପାଖକୁ କ୍ଷମା ଓ ମୋକ୍ଷ ପ୍ରାପ୍ତି ଆଣିବ । ଭୂମି ତୁଲ୍ୟ ପାପ ବି ଥାଏ ଏବଂ ଶିର୍କ କରାଯାଇ ନଥିବେ ତେବେ ମୁଁ କ୍ଷମା କରିଦେବି । ମୁଁ ଭୟଭୀତ ଏବଂ ମୁଁ ଏକେଶ୍ୱରବାଦର ଘୋଷଣା କରିଥାଏ ଏବଂ କାର୍ଯ୍ୟକାରୀ କରିବା ନିମନ୍ତେ ଉଦ୍ୟମ ମଧ୍ୟ କରିଥାଏ ତେବେ ଆମ୍ଭେ ତୁମ୍ଭକୁ କ୍ଷମା ପ୍ରଦାନ କରିଦେବୁ । ମୋକ୍ଷ ପ୍ରଦାନ କରିଦେବୁ । **(ଯାମିଉଦ୍ ତର୍ମିଜି, କିତାବୁଦ୍ ଦାୱାତ୍, ବାବ୍, ହଦିସ୍ ନଂ-3540)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଅତଏବ୍ ମନୁଷ୍ୟ ଯେତେବେଳେ ତାହାଙ୍କ ନିକଟକୁ ବିନୀତ ହୋଇ ଯାଏ ସେତେବେଳେ ଅଲ୍ଲାଃତାଲା ସମସ୍ତ ଦୋଷ ଓ ପାପକୁ କ୍ଷମା କରିଦେଇ ଥାଆନ୍ତି । କିନ୍ତୁ ସର୍ତ୍ତ ଏହିକି ଯେ, ଶିର୍କ କର ନାହିଁ । ଅଲ୍ଲାଃତାଲାଙ୍କର ଏକେଶ୍ୱରବାଦର କର୍ତ୍ତବ୍ୟ ନିର୍ବାହ କରିବା ମଧ୍ୟ ଜରୁରୀ ଅଟେ । ଯେପରି ମୁଁ ପୂର୍ବେ କହିଲି ଯେ, କେବଳ ଗ୍ରହଣ କରିନେବାଟା ଯଥେଷ୍ଟ ନୁହେଁ । ବରଂ ବ୍ୟବହାରିକ ରୂପେ ନିଜର ପ୍ରତ୍ୟେକ କୃତ୍ୟ (କର୍ମ) ମାଧ୍ୟମରେ ଏହା ସିଦ୍ଧ କରିବାକୁ ହେବ ଯେ, ଈଶ୍ୱର ଏକ ଓ ଅଦ୍ୱିତୀୟ ଅଟନ୍ତି । ହୁଜୁର ଅନୱର୍ ଅ.ବ କହିଲେ, ସେହିପରି ଏକେଶ୍ୱବାଦର ସର୍ବୋଚ୍ଚ ସ୍ତର ସଂପର୍କରେ ଏକ ବର୍ଣ୍ଣନାରେ ଏହିପରି ବର୍ଣ୍ଣିତ ହୋଇଛି । ହ. ଅବୁ ସଇଦ୍ ଖୁଦରୀ ର.ଅ ରସୁଲୁଲ୍ଲାଃ ସ.ଅଙ୍କ ଠାରୁ ବର୍ଣ୍ଣନା କରନ୍ତି ଯେ, ଆପଣ ସ.ଅ କହିଲେ, ହ. ମୁସା ଅ.ସ କହିଲେ, ହେ ମୋର ପାଳନକର୍ତ୍ତା ! ତୁମ୍ଭେ ମୋତେ ଏପରି କୌଣସି ଜିନିଷ ଶିଖାଇ ଦିଅ ଯାହା ମାଧ୍ୟମରେ ମୁଁ ତୁମ୍ଭର ଚର୍ଚ୍ଚା କରୁଥିବି ଓ ତୁମ୍ଭ ନିକଟରେ ଦୁଆ ମଧ୍ୟ କରିବି । ତେବେ ପ୍ରତ୍ୟୁତ୍ତରରେ ଅଲ୍ଲାଃତାଲା କହିଲେ, ହେ ମୁସା! ତୁମ୍ଭେ لَا اِلٰہَ اِلَّا اللّٰہ କୁହ । ହ. ମୁସା ଅ.ସ କହିଲେ, ହେ ମୋର ପାଳନକର୍ତ୍ତା! ତୁମ୍ଭର ସମସ୍ତ ଭକ୍ତମାନେ لَا اِلٰہَ اِلَّا اللّٰہ ହିଁ କୁହନ୍ତି । ଅଲ୍ଲାଃତାଲା ପୁନଶ୍ଚ କହିଲେ, ହେ ମୁସା! ତୁମ୍ଭେ ମଧ୍ୟ ଏହା ହିଁ କୁହ । ଅର୍ଥାତ୍ **ଲା ଇଲାହା ଇଲ୍ଲାଲ୍ଲାଃହୁ କୁହ** । ହ. ମୁସା ଅ.ସ କହିଲେ, ହେ ଅଲ୍ଲାଃ ! ତୁମ୍ଭେ ବ୍ୟତୀତ ଅନ୍ୟ କେହି ବି ଉପାସ୍ୟ ନୁହନ୍ତି। ହେ ମୋର ପାଳକର୍ତ୍ତା! ମୁଁ ତ' ଏପରି କିଛି ପ୍ରସଙ୍ଗ ଚାହୁଁଛି ଯାହା କେବଳ ମୋ ନିମନ୍ତେ ଉଦ୍ଦିଷ୍ଟ ହୋଇଥିବ। ଅଲ୍ଲାଃତାଲା କହିଲେ, ହେ ମୁସା ! ଯଦି ମୋ ବ୍ୟତୀତ ସାତଟି ଆକାଶ ଏବଂ ତନ୍ମଧ୍ୟରେ ବାସ କରୁଥିବା ପ୍ରାଣୀମାନଙ୍କୁ ଓ ସାତଟି ଭୂମିକୁ ଏକ ନିକିତି ମଧ୍ୟରେ ରଖି ଦିଆଯାଏ ଓ لَا اِلٰہَ اِلَّا اللّٰہ କୁ ନିକିତର ଅପର ପାର୍ଶ୍ୱରେ ରଖି ଦିଆଯାଏ ତେବେ لَا اِلٰہَ اِلَّا اللّٰہ ସମସ୍ତଙ୍କ ଉପରେ ଭାରି ହୋଇଯିବ । ଅର୍ଥାତ୍ ଭୂମି ଓ ଆକାଶରେ ଯାହାକିଛି ରହିଛି, ଯେଉଁ ବସତି ରହିଛି, ଯେଉଁ ପୁଣ୍ୟ ରହିଛି ସେ ସମସ୍ତଙ୍କୁ ଯଦି ନିକିତିର ଗୋଟିଏ ପାର୍ଶ୍ୱରେ ରଖିଦିଆଯାଏ ଓ لَا اِلٰہَ اِلَّا اللّٰہ କୁ ନିକିତିର ଅପର ପାର୍ଶ୍ୱରେ ରଖି ଦିଆଯାଏ ତେବେ لَا اِلٰہَ اِلَّا اللّٰہ ପାର୍ଶ୍ୱର ନିକିତି ଭାରି ରହିବ । **(ଅଲ୍ ମୁସ୍ତଦ୍‌ରିକ୍ ଅଲସ୍ ସହିହେନ୍, କିତାବୁଦ୍ ଦୁଆ.......ଗ୍ରନ୍ଥଖଣ୍ଡ-1, ପୃ-710, ହଦିସ୍ ନଂ-1936, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ ଏକ ଆପତ୍ତିର ଉତ୍ତରରେ କଲ୍‌ମା لَا اِلٰہَ اِلَّا اللّٰہ ଓ ତା'ର ବାସ୍ତବତାର ବ୍ୟାଖ୍ୟା କରି କୁହନ୍ତି: "ପୁଣ୍ୟଶ୍ଳୋକ ମହାବତାରଙ୍କ ଶିକ୍ଷା ଏହିକି ଯେ, لا الہ الا اللہ محمد رسول اللہ କହିବା ଦ୍ୱାରା ପାପ ମୋଚନ ହୋଇଥାଏ, ପାପ ଦୂର ହୋଇଯାଇଥାଏ । ଏହା ସଂପୂର୍ଣ୍ଣ ସତ୍ୟ ଅଟେ ଏବଂ ଏହା ହିଁ ପ୍ରକୃତ ସତ୍ୟ ଯେ, ଯେଉଁ ବ୍ୟକ୍ତି କେବଳ ଅଲ୍ଲାଃତାଲାଙ୍କୁ ଏକ ଓ ଅଦ୍ୱିତୀୟ ବୋଲି ମନେକରେ ଏବଂ ଅଲ୍ଲାଃତାଲାଙ୍କ ଉପରେ ବିଶ୍ୱାସ ଆଣିଥାଏ ଯେ, ମୁହମ୍ମଦ ମୁସ୍ତଫା ସ.ଅଙ୍କୁ ସେହି ସର୍ବଶକ୍ତିମାନ ପରମେଶ୍ୱର ପ୍ରେରଣ କରିଛନ୍ତି ତେବେ ନିଃସନ୍ଦେହ ରୂପେ ଯଦି ସେହି ବ୍ୟକ୍ତିର ପରିଣାମ ଉପରୋକ୍ତ କଲ୍‌ମା (ଆଦର୍ଶ ଉକ୍ତି) ଅନୁଯାୟୀ ହୁଏ ତେବେ ସେହି ବ୍ୟକ୍ତି ମୋକ୍ଷ ତଥା ନିର୍ବାଣ ପ୍ରାପ୍ତ କରିନେବ। ଯେଉଁ ବ୍ୟକ୍ତି ଏହି ଆକାଶ ତଳେ ଅର୍ଥାତ୍ ମର୍ତ୍ତ୍ୟମଣ୍ଡଳରେ ଆତ୍ମ ହତ୍ୟା କରେ ତେବେ ସେହି ବ୍ୟକ୍ତି କଦାପି ମୋକ୍ଷ ପ୍ରାପ୍ତ କରିପାରିବ ନାହିଁ । ସେହି ବ୍ୟକ୍ତି ବ୍ୟକ୍ତି ଠାରୁ ଆଉ କିଏ ବା ମୂର୍ଖ ଓ ପାଗଳ ହେବ ଯିଏ ଏପରି ଦୁଶ୍ଚିନ୍ତା (ଅର୍ଥାତ୍ ଆତ୍ମହତ୍ୟା) ସଂପର୍କରେ ଚିନ୍ତା କରିବ । କିନ୍ତୁ ଈଶ୍ୱରଙ୍କୁ ଏକ ଓ ଅଦ୍ୱିତୀୟ ମନେକରିବା ତଥା ଏପରି ଦୟାମୟ ବୋଲି ମନେକରିବା ଯେପରିକି ସେ ଅଶେଷ ଦୟାବତୀର୍ଣ୍ଣ କରି ସଂସାରକୁ ଅନ୍ଧକାରରୁ ମୁକୁଳାଇବା ନିମନ୍ତେ ନିଜର ବାର୍ତ୍ତାବହଙ୍କୁ ପ୍ରେରଣ କଲେ । ଯାହାଙ୍କର ନାମ ମୁହମ୍ମଦ୍ ମୁସ୍ତଫା ସ.ଅ ଅଟେ । ଏହା ଏପରି ଏକ ବିଶ୍ୱାସ ଅଟେ ଯେ, ଏହି ଆସ୍ଥା ଉପରେ ବିଶ୍ୱାସ କରିବା ଦ୍ୱାରା ଆତ୍ମାର ଅନ୍ଧକାର ଦୂରୀଭୂତ ହଇଥାଏ, କାମନା ଏବଂ ବାସନା ଦୂର ହୋଇ ତା' ସ୍ଥାନରେ ଏକେଶ୍ୱରବାଦ ନେଇ ନେଇଥାଏ । ପରିଶେଷରେ ଏକେଶ୍ୱରବାଦର ସମସ୍ତ ଉତ୍ସାହ ହୃଦୟ ଉପରେ ପ୍ରସାରିତ ଓ ପରିବ୍ୟାପ୍ତ ହୋଇ ସେହି କାଳରେ ବୈକୁଣ୍ଠମୟ ଜୀବନ ଆରମ୍ଭ ହୋଇଯାଇଥାଏ । ଯେପରିକି ତୁମେ ଦେଖ ଯେ, ଆଲୋକ ଆସିବା ଦ୍ୱାରା ଅନ୍ଧକାର ତିଷ୍ଠି ପାରି ନଥାଏ । ଠିକ୍ ସେହିପରି ଯେତେବେଳେ لَا اِلٰہَ اِلَّا اللّٰہ ର ଆଲୋକମୟ ଛାୟା ହୃଦୟ ଉପରେ ପଡ଼ିଥାଏ ସତେବେଳେ କାମ ବାସନାଜନିତ ଅନ୍ଧକାରର ଉତ୍ସାହ ସଂପୂର୍ଣ୍ଣ ରୂପେ ସମାପ୍ତ ହୋଇଯାଇଥାଏ । ପାପର ବାସ୍ତବତା ଏହିକି ଯେ, ଅପମିଶ୍ରିତ ବିଦ୍ରୋହ ଦ୍ୱାରା ଆତ୍ମାଜନିତ କାମ ବାସନାର କୋଳାହଳ ସୃଷ୍ଟି ହେବା । କାମବାସନାର ଉତ୍ସାହ ପ୍ରଜ୍ୱଳିତ ହେଚବା । ଏହି ପାପ କରିଥିବା ବ୍ୟକ୍ତି ଏବଂ ପାପର ଆଜ୍ଞାବହତ୍ୱ ପ୍ରକାଶ କରିଥିବା ବ୍ୟକ୍ତି ଆଜ୍ଞାବହତ୍ୱ ଅବସ୍ଥାରେ ଜଣେ ବ୍ୟକ୍ତିର ନାମ ପାପୀ ବୋଲି ନାମକରଣ କରାଯାଇଥାଏ । ଯେତେବେଳେ ଏହି ବ୍ୟକ୍ତି ଦ୍ୱିତୀୟ କର୍ମ କରେ ସେତେବେଳେ ସେ ପାପୀ ଓ ଦୋଷୀ ହୋଇଯାଇଥାଏ । ଆରବୀ ଅଭିଧାନରେ لَا اِلٰہَ اِلَّا اللّٰہ ର ଯେଉଁ ଅର୍ଥ ବ୍ୟବହୃତ ହୋଇଛି ତହିଁରୁ ଏହା ଜ୍ଞାତ ହୁଏ ଯେ, لَا مَطْلُوْبَ لِیْ وَلَا مَحْبُوْبَ لِیْ وَلَا مَعْبُوْدَ لِیْ وَلَا مُطَاعَ لِیْ اِلَّا اللّٰہ ଅର୍ଥାତ୍ ଅଲ୍ଲାଃତାଲାଙ୍କ ବ୍ୟତୀତ ମୋର ଅନ୍ୟ କେହି ମୋର ଅଭିପ୍ରାୟ, ପ୍ରିୟତମ, ଉପାସ୍ୟ, ଆଜ୍ଞାବହତ୍ୱ ନୁହନ୍ତି ଯାହା ପଛରେ ମୁଁ ଚାଲିବି । ବର୍ତ୍ତମାନ ଏହା ପ୍ରକାଶ୍ୟ ଯେ, ଏହି ଅର୍ଥ ପାପର ବାସ୍ତବତା ଏବଂ ପାପର ପ୍ରକୃତ ଝରଣାରୁ ସଂପୂର୍ଣ୍ଣ ରୂପେ ବିପରୀତ ଦିଗରେ ଅବସ୍ଥିତ ଅଟନ୍ତି । ଅତଏବ୍ ଯେଉଁ ବ୍ୟକ୍ତି ଉପରୋକ୍ତରେ ବର୍ଣ୍ଣିତ ଅର୍ଥକୁ ନିଷ୍ଠାପରତାର ସହିତ ନିଜର ଜୀବନରେ ସ୍ଥାନ ଦେବ (ହୁଜୁର୍ ଅନୱର୍ ଅ.ବ କହିଲେ, ଉକ୍ତ ବାକ୍ୟଟି ବିଚାରଯୋଗ୍ୟ ଅଟେ ଯେ,) ତେବେ ବିପରୀତ ଭାବାର୍ଥ ଆବଶ୍ୟକ ସମୟରେ ତା' ମନରୁ ବାହାରିଯିବ । ଅନ୍ୟ କୌଣସି କଥା (ପ୍ରସଙ୍ଗ) ତା' ମଧ୍ୟରେ ରହିବ ନାହିଁ । କାରଣ ସେ ପୁଣିଥରେ ଅଲ୍ଲାଃତାଲାଙ୍କ ଆଦେଶାବଳୀ ଉପରେ କାର୍ଯ୍ୟାନୁସରଣ କରିବ, ତାହାଙ୍କ ଏକେଶ୍ୱରବାଦର ସ୍ୱୀକାରୋକ୍ତି ପ୍ରକାଶକାରୀ ହେବ । କାରଣ ଦୁଇଟି ବିପରୀତ ବସ୍ତୁ କେବେ ବି ଗୋଟିଏ ସ୍ଥାନରେ ଏକତ୍ରିତ ହୁଅନ୍ତି ନାହିଁ । ଅତଏବ୍ ଯେତେବେଳେ କାମନା ଜନିତ ଉତ୍ସାହ ହୃଦୟରୁ ବାହାରିଗଲେ ସେତେବେଳେ ଏହା ହିଁ ସେହି ଅବସ୍ଥା ଯାହାକୁ ପ୍ରକୃତ ପବିତ୍ରତା ଏବଂ ପବିତ୍ର ସତ୍ୟବାଦୀତା କୁହନ୍ତି। ଈଶ୍ୱରଙ୍କ ଦ୍ୱାରା ପ୍ରେରିତ ବ୍ୟକ୍ତି ଉପେରେ ବିଶ୍ୱାସ ଆଣିବା କଲ୍‌ମାର ଅନ୍ୟ ଭାଗର ଭାବାର୍ଥ ଅଟେ । ଏହାର ଆବଶ୍ୟକତା ଏହିକି ଯେ, ଈଶ୍ୱରଙ୍କ ବାଣୀ ଉପରେ ମଧ୍ୟ ବିଶ୍ୱାସ ପ୍ରାପ୍ତ ହୋଇଯାଉ । କାରଣ ଯେଉଁ ବ୍ୟକ୍ତି ଏହି ସ୍ୱୀକାରୋକ୍ତି ପ୍ରକାଶ କରେ ଯେ, ମୁଁ ଈଶ୍ୱରଙ୍କ ଆଜ୍ଞାକାରୀ ବ୍ୟକ୍ତି ହେବାକୁ ଚାହୁଁଛି ତେବେ ସେହି ବ୍ୟକ୍ତି ନିମନ୍ତେ ଏହା ଜରୁରୀ ଅଟେ ଯେ, ସେ ଅର୍ଥାତ୍ ବ୍ୟକ୍ତି ଈଶ୍ୱରଙ୍କ ଆଦେଶାବଳୀ ଉପରେ ମଧ୍ୟ ବିଶ୍ୱାସ ଆଣୁ । ସେହପରି ଈଶ୍ୱରଙ୍କ ଆଦେଶାବଳୀ ଉପରେ ବିଶ୍ୱାସ ଆଣିବାର ଅର୍ଥ ଏହିକି ଯେ, ଯେପର୍ଯ୍ୟନ୍ତ ଈଶ୍ୱରଙ୍କ ଉପରେ ବିଶ୍ୱାସ ଅଣାଯାଇ ନାହିଁ ସେପର୍ଯ୍ୟନ୍ତ ଈଶ୍ୱରଙ୍କ ଆଦେଶାବଳୀ ପ୍ରତି ଆଜ୍ଞାବହତ୍ୱ ପ୍ରଦର୍ଶନ କରିବା ସମ୍ଭବପର ନୁହେଁ । ତେଣୁ ସେହି ଆଦେଶାବଳୀ ଉପରେ ବିଶ୍ୱାସ ଆଣିବା ମଧ୍ୟ ଜରୁରୀ ଅଟେ । ଅତଏବ୍ ଏ ହେଉଛି କଲ୍‌ମାର ବାସ୍ତବତା ଓ ସତ୍ୟତା ।" **(ନୁରୁଲ୍ କୁରଆନ୍, ସଂଖ୍ୟା-2, ରୁହାନୀ ଖଜାଏନ୍, ଗ୍ରନ୍ଥଖଣ୍ଡ-9, ପୃ-418-420)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ହ. ଅବୁ ମୁସା ଅଶଅରୀ ର.ଅ ବର୍ଣ୍ଣନା କରନ୍ତି ଯେ, ନବୀ କରୀମ୍ ସ.ଅ ଦିନେ ଆମମାନଙ୍କୁ ସମ୍ବୋଧିତ କଲେ ଯେ, ହେ ସାହାବାମାନେ! ତୁମେମାନେ ଶିର୍କ ଠାରୁ ବର୍ତ୍ତିବାକୁ ପ୍ରୟାସ କର । କାରଣ ଶିର୍କ ପିମ୍ପୁଡ଼ିର ପଦାଙ୍କ ଠାରୁ ମଧ୍ୟ ଅତି ସୂକ୍ଷ୍ମତର ଅଟେ । ଅର୍ଥାତ୍ ଶିର୍କ ପିମ୍ପୁଡ଼ିର ପାଦ ଠାରୁ ମଧ୍ୟ ସୂକ୍ଷ୍ମ ଅଟେ। ତେବେ କହିଲାବାଲା ଆପଣ ସ.ଅଙ୍କୁ କହିଲା, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଶିର୍କ ଯଦି ପିମ୍ପୁଡ଼ିର ପାଦ ଠାରୁ ସୂକ୍ଷ୍ମତର ଅଟେ ତେବେ ଆମ୍ଭେମାନେ ତହିଁରୁ କିପରି ବର୍ତ୍ତିପାରିବୁ? ଆପଣ ସ.ଅ କହିଲେ, ହେ ସାହାବାମାନେ ! ତୁମ୍ଭେମାନେ ଏହି ଦୁଆ କର ଯେ, اَللّٰھُمَّ اِنَّا نَعُوْذُبِکَ مِنْ اَنْ نُشْرِکَ بِکَ شَیْئًا نَعْلَمُہٗ وَنَسْتَغْفِرُکَ لِمَا لَا نَعْلَمُ ଅର୍ଥାତ୍ ହେ ଅଲ୍ଲାଃ! ଆମ୍ଭେ ତୁମ୍ଭର ଆଶ୍ରୟ ଭିକ୍ଷା କରୁଛୁ ଉକ୍ତ କଥାରୁ ଯେ, ଆମ୍ଭେମାନେ ଜାଣିଶୁଣି କୌଣସି ବ୍ୟକ୍ତି, ବସ୍ତୁକୁ ତୁମ୍ଭ ସହିତ ସମକକ୍ଷ କରିବୁ ଏବଂ ଅଜ୍ଞାତାବସ୍ଥାରେ ମଧ୍ୟ ଏପରି କରିବା ଦ୍ୱାରା ଆମ୍ଭେମାନେ ତୁମ୍ଭ ଠାରୁ କ୍ଷମାଯାଚନା କରୁଛୁ ।"ତେଣୁ ସର୍ବଦା ପ୍ରଭୁଙ୍କ ଶରଣଭିକ୍ଷା ଓ କ୍ଷମାଯାଚନା କରିବା ଉଚିତ୍ । **(ମସ୍‌ନଦ୍ ଅହମଦ ବିନ୍ ହମ୍ବଲ୍, ଗ୍ରନ୍ଥଖଣ୍ଡ-6, ପୃ-614-615) (ମସନଦ୍ ଅବୁ ମୁସା ଅଲ୍ ଅଶଅରୀ ର.ଅ, ହଦିସ୍ ନଂ-19835, ଆଲିମୁଲ୍ କୁତୁବ୍ ବୈରୁତ୍, 1998ମସିହା)**

(ଅବଶିଷ୍ଟାଂଶ..ପରବର୍ତ୍ତୀ ସଂଖ୍ୟାରେ)

## କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

**ଅଲ୍ଲାଃତାଲା କୁହନ୍ତି:** اَلَیْسَ اللّٰہُ بِکَافٍ عَبْدَہٗ

(ଅଜ୍ ଜୁମର: 36)

ଅନୁବାଦ୍: କ'ଣ ଅଲ୍ଲାଃତାଲା ନିଜ ଭକ୍ତ ପାଇଁ ଯଥେଷ୍ଟ ନୁହନ୍ତି କି ?

ତାଲିବେ ଦୁଆ: Qamrun Nisa, W/o- Zainul Khan,
Jamat Ahmadiya Pankal,
Halqa Qudrat Nagar (Odisha)

## କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଆମ ଜମାଅତ୍‌ର ସଦସ୍ୟବୃନ୍ଦଙ୍କ ପକ୍ଷେ ଏହା ଉଚିତ ହେବ କି ଜମାଅତ୍‌ର ସଦସ୍ୟବୃନ୍ଦ ଚାରିତ୍ରିକ ଅବସ୍ଥାରେ ଉନ୍ନତି କରନ୍ତୁ । କାରଣ 'ଅଲ୍ ଇସ୍ତିକାମତୁ ଫୌକଲ୍ କରାମତି' ।"

(ମଲ୍‌ଫୁଜାତ୍, ଖଣ୍ଡ-1, ପୃ-102, )

ତାଲିବେ ଦୁଆ: Halimuddin Khan & Family,
Jamat Ahmadiya Kerang,
Darul Barkat (Odisha)

## ବିଗତ ସଂଖ୍ୟା 18, ପୃ-12 ରେ ବର୍ଣ୍ଣିତ ସିରତ୍ ଖାତମୁନ୍ ନବୀୟିନ୍‌ର ଅବଶିଷ୍ଟାଂଶ.....

**ପ୍ରାଚୀନ ଧର୍ମ :**

ସେହିପରି ୱର୍କା ବିନ୍ ନୌଫଲ୍ ନାମକ ଆଉ ଜଣେ ବ୍ୟକ୍ତି ମଧ୍ୟ ଥିଲା ଯିଏ ହ. ଖଦିଜା ର.ଅଙ୍କ ଚଚାଙ୍କ ପୁଅ ଭାଇଥିଲା ଏବଂ ସେ ମକ୍କାରେ ରହୁଥିଲା । ୱର୍କା ବିନ୍ ନୌଫଲ୍ ପିତୁଳା ପୂଜା ପରିତ୍ୟାଗ କରି ପରବର୍ତ୍ତୀ ସମୟରେ ଖ୍ରୀଷ୍ଟ ଧର୍ମ ଗ୍ରହଣ କରି ନେଇଥିଲା ଏବଂ ତୌରାତ୍, ଇଞ୍ଜିଲ୍ ସହିତ ଅବଗତ ଥିଲା ଏବଂ ଇଞ୍ଜିଲ୍ ଓ ତୌରାତ୍‌ର ଅଧ୍ୟୟନ କରୁଥିଲା । କିନ୍ତୁ ଯେତେବେଳେ ଆଁହଜରତ୍ ସ.ଅଙ୍କ ଉପରେ ଈଶ୍ୱର ଦୂତ ଅବତୀର୍ଣ୍ଣ ହେଲା ସେତେବେଳେ ସେହି ଦେବଦୂତ ଜଣକ ଆପଣ ସ.ଅଙ୍କ ପୁଷ୍ଟି କଲା ଏବଂ ସେହି ଅବସ୍ଥାରେ ହିଁ ସେ ମୃତ୍ୟୁବରଣ କଲା ।

କିସ୍ ବିନ୍ ସାଆଦାହ୍ ନାମକ ଜଣେ ବ୍ୟକ୍ତି ବକର୍ ବିନ୍ ୱାଏଲ୍ ସଂପ୍ରଦାୟର ଅଞ୍ଚଳରେ ରହୁଥିଲା ଏବଂ ଅତ୍ୟନ୍ତ ଆଳଂକାରିକପୂର୍ଣ୍ଣ ବକ୍ତା ଥିଲା । ସୁତରାଂ ଅବତୀର୍ଣ୍ଣ ହେବା ପୂର୍ବରୁ ଆଁହଜରତ୍ ସ.ଅ ମଧ୍ୟ ଉକ୍କାଜର ମେଳାରେ କିସ୍ ବିନ୍ ସାଆଦାରଏକ ଖୁତବା ଶୁଣିଥିଲେ । ସେହି ଖୁତବା ସେ ଓଟ ଉପରେ ଚଢି ଦେଇଥିଲା ଏବଂ ଆପଣ ସ.ଅଙ୍କ ଆଳଂକାରିକତାର ପ୍ରଶଂସା ମଧ୍ୟ କରିଥିଲା । କିସ୍ ମଧ୍ୟ ସିର୍କକୁ ପରିତ୍ୟାଗ କରି ଏକେଶ୍ୱରବାଦ ଅବଲମ୍ବନ କରିନେଇଥିଲା । କିନ୍ତୁ ଇସଲାମ୍ ଧର୍ମ ସ୍ୱୀକାର କରିବା ପୂର୍ବରୁ ହିଁ ସେ ମୃତ୍ୟୁବରଣ କଲା ।

ସେହିପରି ଉସମାନ୍ ବିନ୍ ହୁୱୀରସ୍ ନାମକ ଆଉଜଣେ ବ୍ୟକ୍ତି ଥିଲା । ସେ ମକ୍କାର ଅଧିବାସୀ ଥିଲା ଏବଂ ପିତୁଳା ପୂଜାକୁ ପରିତ୍ୟାଗ କରି ହନିଫି ଧର୍ମ ଅବଲମ୍ବନ କରି ନେଇଥିଲା । କିନ୍ତୁ ପରବର୍ତ୍ତୀ ସମୟରେ ଯେତେବେଳେ ସେ କୈସରେ ରୋମର ରାଜଦରବାରରେ ପହଞ୍ଚିଲା ସେତେବେଳେ ସେ ଖ୍ରୀଷ୍ଟ ଧର୍ମ ଅବଲମ୍ବନ କରିନେଲା ଏବଂ ସେହି ଧର୍ମରେ ସେ ମୃତ୍ୟୁବରଣ କଲା । ଏହା ଇସଲାମ୍ ଧର୍ମର ପୂର୍ବ କଥା ଅଟେ । ଅତଃ ଆରବ ଦେଶରେ ଇସଲାମ୍ ଧର୍ମ ପୂର୍ବବର୍ତ୍ତୀ ଧର୍ମଗୁଡ଼ିକ ଦେଖିବାକୁ ମିଳୁଥିଲା । କିନ୍ତୁ ସେହି ବିଭିନ୍ନ ଧର୍ମ ସତ୍ତ୍ୱେ ଆରବ ମୂଳ ଧର୍ମ ପିତୁଳା ପୂଜା ଥିଲା ଏବଂ ଅନ୍ୟ ଲୋକମାନେ ଏତେ ନଥିଲେ ଯେପରି ଅଟାରେ ଲୁଣ ଅଟେ । ଆରବ ମଧ୍ୟର ବିଶୃଙ୍ଖଳିତ, ଅସଫଳ ଅବସ୍ଥାରେ ଥିଲେ ଯେପରିକି ସ୍ୱୟଂ ଇଉରୋପୀୟ ଇତିହାସବିତମାନେ ମଧ୍ୟ ସ୍ୱୟଂ ସ୍ୱୀକାରୋକ୍ତି ରପ୍ରକାଶି କରିଛନ୍ତି । ସୁତରାଂ ଆରବର ପ୍ରାଚୀନ ଧର୍ମ ଉପରେ ରିଭ୍ୟୁ କରି ସାର୍ ଉଇଲିୟମ୍ ମିଓର୍ ସାହେବ ଉଲ୍ଲେଖ କରନ୍ତି: "ମୁହମ୍ମଦ୍ ସ.ଅଙ୍କ ଯୁଦବ କାଳରେ ଆରବ ଏକ ବନ୍ଧା ହୋଇଥିବା ରୀତି ଉପରେ ପରିଚାଳିତ ଲୋକ ଥିଲେ ଏବଂ ଦେଶର ଅବସ୍ଥା ପ୍ରତ୍ୟେକ ପ୍ରକାରର ପରିବର୍ତ୍ତନ ତଥା ସଂସ୍କାରର ଘୋର ବିରୋଧୀ ଥିଲା । କେବଳ ସେତିକି ନୁହେଁ ବରଂ ଆରବର ସମଗ୍ର ଇତିହାସରେ ବୋଧେ ସେହି କାଳ ଅପେକ୍ଷା ଏପରି ଯୁଗ ଅତିକ୍ରାନ୍ତ ହୋଇ ନଥିଲା ଯେ, ଯେତେବେଳେ ତାହାଙ୍କ ସଂଶୋଧନ ସେତେବେଳ ଅପେକ୍ଷା ଅଧିକ କଷ୍ଟସାଧ୍ୟ ଏବଂ ନିରାଶାଜନକ ଥିବ.........ଖ୍ରୀଷ୍ଟ ଧର୍ମର 500 ବର୍ଷର ତବଲିଗି (ପ୍ରଚାରିକ) ଉଦ୍ୟମର ଏହା ହିଁ ପରିଣାଣମ ଥିଲା ଯେ ଦେଶରେ ଅଧିକ ସଖ୍ୟାରେ ଖ୍ରୀଷ୍ଟ ଧର୍ମାବଲମ୍ବୀମାନେ ଦୃଶ୍ୟମା ହେଉଥିଲା । ସେତେବେଳେ ଇହୁଦୀ ଧର୍ମ ବେଶ୍ ଶକ୍ତିଶାଳୀ ଥିଲା । କିନ୍ତୁ ଜଣେ ତବଲିଗି ଧର୍ମ ରୂପେ ମଧ୍ୟ ଇହୁଦୀ ଧର୍ମ ରହି ଯାଇଥିଲା । କିନ୍ତୁ ପିତୁଳା ପୂଜା ଏବଂ ବନୁ ଇସମାଇଲ ସଂପ୍ରଦାୟର ଦୋଷାରୋପମୂଳକ ଆସ୍ଥାର ଦରିୟା ପ୍ରତ୍ୟେକ ଦିଗରେ ତରଙ୍ଗାୟିତ ହୋଇ କାଆବାର କାନ୍ଥ ସହିତ ଆସି ମାଡ଼ ହେଉଥିଲା ।

ଏହି ଅବସ୍ଥା କେବଳ ଆରବର ନଥିଲା ବରଂ ସେହି ସମୟଟି ସମଗ୍ର ସଂସାର ଉପରେ ଏକ ଅମା ଅନ୍ଧକାରର ସମୟ ଥିଲା । ସମସ୍ତ ଧର୍ମଗୁଡ଼ିକ ବିଗିଡ଼ି ଯାଇଥିଲେ। ବିଧର୍ମୀତା ଏବଂ ମାର୍ଗଭ୍ରଷ୍ଟତା ଚତୁର୍ଦିଗରେ ନିଜର ପଣତକୁ ମେଲାଇ ଦେଇଥିଲା। ଏହି ଆଡ଼କୁ ପବିତ୍ର କୁରଆନ୍ କରୀମ୍ ଇଙ୍ଗିତ କରିଥାଏ ଯେ, ظَهَرَ الۡفَسَادُ فِی الۡبَرِّ وَ الۡبَحۡرِ ଅର୍ଥାତ୍ ସେତେବେଳେ ଜଳଭାଗ ଓ ସ୍ଥଳଭାଗରେ ଉପଦର୍ବ ପ୍ରକାଶ୍ୟ ହୋଇ ସାରିଥିଲା । ଅର୍ଥାତ୍ ଈଶ୍ୱରବାଣୀ ଉପରେ ମୂଳଦୁଆ ରଖିଥିବା ଧର୍ମଗୁଡ଼ିକ ମଧ୍ୟ ଖରାପ ହୋଇଯାଇଥିଲା ଏବଂ ସେହି ଧର୍ମଗୁଡ଼ିକ ଯାହାର ମୂଳଦୁଆ ଐଶୀବାଣୀ ଉପରେ ନୁହେଁ । ବର୍ତ୍ତମାନ ଦେଖ ଯେ, ଯେତେବେଳେ ସଂାରରେ ଅନ୍ଧକାର ବ୍ୟାପୀ ଯାଇଥିଲା ଠିକ୍ ସେତିକିବେଳେ ସୂର୍ଯ୍ୟୋଦୟ ହୁଏ ଏବଂ ଯେତେବେଳେ ଭୂପୃଷ୍ଠ ଉଷ୍ମତା ଆଧାମିକ ବର୍ଷାକୁ ଆକର୍ଷିତ କରୁ ନଥିଲା । يُقَلِّبُ اللّٰهُ الَّيۡلَ وَ النَّهَارَ ଅର୍ଥାତ ଅଲ୍ଲାଃତାଲା ରାତି ଓ ଦିନର ଅବସ୍ଥାକୁ ପରସ୍ପର ମଧ୍ୟରେ ପରିବର୍ତ୍ତନ କରିଥାଆନ୍ତି ।

(ଅବିଶିଷ୍ଟଂଶ..ପରବର୍ତ୍ତୀ ସଂଖ୍ୟାରେ)

## କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ପ୍ରାଣୀମାନଙ୍କ ପ୍ରତି ସହାନୁଭୂତି ଓ ସମବେଦନା ଜ୍ଞାପନ କରିବା ଏଭଳି ଏକ ବସ୍ତୁ ଯେ, ଯଦି ମନୁଷ୍ୟ ତାହାକୁ ପରିତ୍ୟାଗ କରିଦିଏ ଏବଂ ତହିଁରୁ ଦୂରେଇ ଯାଏ ତେବେ କ୍ରମଶଃ ସେ ହିଂସ୍ର ପ୍ରାଣୀରେ ପରିଣତ ହୋଇଯାଏ ।"

(ମଲଫୁଜାତ୍, ଖଣ୍ଡ-7, ପୃ-282, ସଂସ୍କରଣ ବର୍ଷ- 1984 ମସିହା)

ତାଲିବେ ଦୁଆ: Mohammad Moin, S/o- Mohammad Majid, Jamat Ahmadiya Karadapalli (Odisha)

## ପୃ-04 ରେ ବର୍ଣ୍ଣିତ ଖୁତ୍‌ବା ଜୁମା 13-3-26ରେ ଅବଶିଷ୍ଟାଂଶ....

ଜିନ୍ଦିଗୀ (ଉତ୍ସର୍ଗୀକୃତ ଜୀବନ) ମଧ୍ୟ ଅଟନ୍ତି ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ମିଶ୍ନାରୀ ଇନ୍‌ଚାର୍ଜ ତାହିର ଅଦ୍‌ନାନ୍ ସାହେବ କୁହନ୍ତି: ସ୍ୱର୍ଗତ ମହୋଦୟ ଅତ୍ୟନ୍ତ ଧର୍ମପରାୟଣ, ଆଜ୍ଞାନୁବର୍ତ୍ତୀ, ଜମାଅତ୍‌ର ସେବା ନିମନ୍ତେ ସର୍ବଦା ତତ୍ପରେ ରହୁଥିଲେ । ମୋତେ ସ୍ୱର୍ଗତଙ୍କୁ ଦୀର୍ଘ 20 ବର୍ଷ ପର୍ଯ୍ୟନ୍ତ ନିକଟରୁ ଦେଖିବାକୁ ସୁଯୋଗ ମିଳିଥିଲା ଏବଂ ଉକ୍ତ ଅବଧି ମଧ୍ୟରେ ଆପଣ ସର୍ବୋଚ୍ଚ ଭୂମିକା, ବିନୀତତା, ବିନମ୍ରତା, ଖିଲାଫତ୍, ଜମାଅତ୍‌ର ବ୍ୟବସ୍ଥା ସହିତ ଅସାଧାରଣ ବିଶ୍ୱସ୍ତତା ଏବଂ ଆଜ୍ଞାବହତ୍ୱତାର ଅସଂଖ୍ୟ ଉଦାହରଣ ଅବଲୋକନ କରିଛି । ଆପଣ କୁହନ୍ତି: "ମୁଁ ଯେବେଠାରୁ ମିଶନାରୀ ଇନ୍‌ଚାର୍ଜ ହୋଇଛି ସେବେ ଠାରୁ ସେ ବୟସରେ ମୋ ଠାରୁ ବଡ଼ ଥିଲେ । କିନ୍ତୁ ଏହାପରେ ସେ ପୂର୍ଣ୍ଣ ବିଶ୍ୱସ୍ତତା, ଦାୟିତ୍ୱତାର ସହିତ ଓ ଆଜ୍ଞାବହତ୍ୱତାର ସହିତ ମୋ କଥାକୁ ମାନିଲେ ଏବଂ ମୋ କଥାକୁ କାର୍ଯ୍ୟାକାରୀ ମଧ୍ୟ କରିଥିଲେ ।"

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ସେହିପରି ୟୁସୁଫ ଖାଲିକ୍ ସାହେବ ମୁବଲ୍ଲିଗ୍ ସିଲ୍‌ସିଲା କୁହନ୍ତି ଯେ, ସ୍ୱର୍ଗତ ମହୋଦୟ ନାଏବ୍ ପ୍ରିଂସିପାଲ ହିସାବରେ ଛାତ୍ରମାନଙ୍କର ସଂସ୍କାର ପ୍ରତି ଅସାଧାରଣ ଧ୍ୟାନ ଦେଉଥିଲେ । ଛାତ୍ରମାନଙ୍କ ମଧ୍ୟରେ ଦାୟିତ୍ୱ ପ୍ରତି ସଚେତନତା ସୃଷ୍ଟି କରୁଥିଲେ ଏବଂ ସର୍ବଦା ଉକ୍ତ କଥା ନିମନ୍ତେ ଅନୁପ୍ରାଣିତ କରୁଥିଲେ ଯେ, ସେମାନେ କୌଣସି କାର୍ଯ୍ୟ ସକାଶେ ଆଳସ୍ୟତା ପ୍ରଦର୍ଶନ ନକରନ୍ତୁ ଓ ଆଳ ତଥା ବାହାନ ଉପସ୍ଥାପିତ ନକରନ୍ତୁ । ସ୍ୱର୍ଗତ ମହୋଦୟ ଉପସ୍ଥିତ ଖଲିଫାଙ୍କର ମାର୍ଗଦର୍ଶିକା, ଆଦେଶ ଉପରେ ତୁରନ୍ତ କାର୍ଯ୍ୟାନୁସରଣ କରିବା ନିମନ୍ତେ ବିଶେଷ ରୂପେ ଜୋର ଦେଉଥିଲେ । ବ୍ୟବହାରିକ ସଂସ୍କାର ନିମନ୍ତେ ଆପଣ ଛାତ୍ରମାନଙ୍କୁ ତବ୍‌ଲିଗି ଆହ୍ୱାନରେ ମଧ୍ୟ ପ୍ରେରଣ କରୁଥିଲେ । ଆପଣ ପ୍ରତ୍ୟେକ କାର୍ଯ୍ୟ ସକାଶେ ସର୍ବଦା ନିଜର ବ୍ୟକ୍ତିଗତ ଉଦାହରଣ ଉପସ୍ଥାପିତ କରୁଥିଲେ । ଏହା ଦ୍ୱାରା ଛାତ୍ରମାନଙ୍କ ଜୀବନରେ ଏକ ଗଭୀର ପ୍ରଭାବ ପଡ଼ିଥିଲା (ଆପଣ ଗଭୀର ଛାପ ଛାଡ଼ି ଯାଇଛନ୍ତି) ।

ହୁଜୁର ଅନ୍‌ୱର୍ ଅ.ବ କହିଲେ ମୁଁ ସ୍ୱର୍ଗତଙ୍କୁ ଦେଖିଛି । ସ୍ୱର୍ଗତ ମହୋଦୟ ଅତ୍ୟନ୍ତ ନିଷ୍ଠାପର ବ୍ୟକ୍ତି ଥିଲେ ଓ ଅତ୍ୟନ୍ତ ବିନୀତ ସ୍ୱଭାବ ଓ ବ୍ୟକ୍ତିତ୍ୱର ଅଧିକାରୀ ଥିଲେ । ଅଲ୍ଲାଃତାଲା ସ୍ୱର୍ଗତଙ୍କ ପ୍ରତି ସଦୟ ହୁଅନ୍ତୁ ଓ ବୈକୁଣ୍ଠରେ ସ୍ୱର୍ଗତଙ୍କ ସ୍ଥାନକୁ ଉନ୍ନୀତ କରନ୍ତୁ । ସ୍ୱର୍ଗତଙ୍କର ଶୋକ ସନ୍ତପ୍ତ ପରିବାରବର୍ଗଙ୍କୁ ଧୈର୍ଯ୍ୟ ଓ ସାହସ ପ୍ରଦାନ କରନ୍ତୁ। ଆମିନ୍ । **(ଅଲଫଜଲ୍ ଇଣ୍ଟରନ୍ୟାସନଲ୍, 04 ଏପ୍ରିଲ୍ 2026 ମସିହା, ପୃ-1-8)**

☆☆☆

## ସିରତୁଲ୍ ମେହ୍‌ଦୀ

(ଲେଖକ. ହ. ମିର୍ଜା ବଶୀର୍ ଅହମଦ ସାହେବ ଏମ୍.ଏ ର.ଅ)

(27) بِسۡمِ اللّٰہِ الرَّحۡمٰنِ الرَّحِیۡمِ ମୋତେ କାଜି ଅମୀର ହୁସୈନ୍ ସାହେବ କହିଲେ ଯେ, ସେ ଏକ ହଦିସ୍ ପାଠ କରିଥିଲେ ଯେ, ଆଁହଜରତ୍ ସ.ଅଙ୍କ କେଶକୁ ସାହାବାମାନେ କଲ୍ୟାଣ ସ୍ୱରୂପ ରଖୁଥିଲେ । ଏ ସଂପର୍କରେ ଦିନେ ମୁଁ ହ. ମସିହ୍ ମଉଦ୍ ଅ.ସଙ୍କୁ କହିଲି ଯେ, ହୁଜୁର ! ମୋତେ ଆପଣ ନିଜର କିଛି କେଶ ପ୍ରଦାନ କରନ୍ତୁ । ସୁତରାଂ ଯେତେବେଳେ ଆପଣ ସ.ଅ କେଶ ମୁଣ୍ଡନ କଲେ (ଚୁଟି କଟାଇଲେ) ସେତେବେଳେ ଆପଣ ସ.ଅ ମୋତେ ନିଜର କେଶ ପ୍ରେରଣ କରିଦେଲେ । ବିନୀତ କହି ଦେଉଛି ଯେ, ମୋ ପାଖରେ ମଧ୍ୟ ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସଙ୍କର କିଛି କେଶ ରହିଛି।

(28) بِسۡمِ اللّٰہِ الرَّحۡمٰنِ الرَّحِیۡمِ କାଜି ଅମୀର୍ ହୁସୈନ୍ ସାହେବ ବର୍ଣ୍ଣନା କରନ୍ତି ଯେ, ଏକଦା ମୌଲବୀ ସାହେବ (ଖଲିଫା ଅୱଲ୍ ର.ଅ) କାଦିୟାନ୍ ବାହାରକୁ ଯାଇଥିଲେ। ମୁଁ ମଗରିବରେ ନମାଜ ପାଠ କରିବା ପାଇଁ ଆସିଥିଲି, ତେବେ ମୁଁ ଏହା ଦେଖିଲି ଯେ, ହ. ମସିହ୍ ମଉଦ୍ ଅ.ସ ଆଗରେ ସ୍ୱୟଂ ପାଠ କରାଉଥିଲେ । କାଜି ସାହେବ କହିଲେ, ହ. ସାହେବ ଦୁଇଟି ଛୋଟ ଛୋଟ ସୁରାଃ ପାଠ କଲେ । କିନ୍ତୁ ଏପରି ଆର୍ତ୍ତ ଏବଂ ବେଦନାମୂଳକ କଣ୍ଠରେ ସୁରାଃ ପାଠ କଲେ ଯେ, ଲୋକମାନେ କୋହ ଚିତ୍କାର ଶବ୍ଦ ଆସୁଥିଲା । ଯେତେବେଳେ ଆପଣ ସ.ଅ ନମାଜ ସମାପ୍ତ କଲେ ସେତେବେଳେ ମୁଁ ଆଗକୁ ଆସିଲି । ଆପଣ ଅ.ସ ମୋତେ ଦେଖି କହିଲେ, କାଜି ସାହେବ ! ମୁଁ ଆପଣଙ୍କୁ ବହୁତ ଖୋଜିଲି, କିନ୍ତୁ ଆପଣଙ୍କୁ ପାଇଲି ନାହିଁ । ମୋତେ ସେହି ନମାଜରେ ବହୁତ କଷ୍ଟ ହେଲା । ଆପଣ ଇଶା ନମାଜ୍ ପାଠ କରନ୍ତୁ । ବିନୀତ କହି ଦେଉଛି ଯେ,ଏହା ପ୍ରାରମ୍ଭିକ କାଳର କଥା ହେବ । (ଅବଶିଷ୍ଟାଂଶ...ପରବର୍ତ୍ତୀ ସଂଖ୍ୟାରେ)

## ନବୀ ସ.ଅଙ୍କ ବାଣୀ:-

**"ଇଜ୍‌ତନିବୁଲ୍ ଗଜିବା"**

ଅର୍ଥାତ କ୍ରୋଧରୁ ସର୍ବଦା ବର୍ତ୍ତିବା ଉଚିତ୍, କାରଣ କ୍ରୋଧ ହେଉଛି ମଣିଷର ପରମ ଶତ୍ରୁ ।

ତାଲିବେ ଦୁଆ: Sk Deedar Ahmed & Family, Jamat Ahmadiya Kerang, Darul Fazal (Odisha)

## ପୃ-01 ରେ ବର୍ଣ୍ଣିତ ତଫସିର୍ ହ. ମସିହ୍ ମଉଦଙ୍କର ଅବଶିଷ୍ଟାଂଶ...

ଗଲା ଓ ବିଶ୍ୱାସ ମଧ୍ୟ ଗଲା । ସାଧାରଣ ଜୀବନରେ ଏପରି କୌଣସି ପ୍ରସଙ୍ଗ ହିଁ ନାହିଁ ଯାହା ଉପରେ ଏତେ ଅର୍ଥ ବ୍ୟୟ ହୋଇପାରିବ ଯେଉଁ ବ୍ୟକ୍ତି ସୁଧିଆ (ସୁଧରେ) ଋଣ ନେବାକୁ ବାଧ୍ୟ ହେବ । ଉଦାହରଣ ସ୍ୱରୂପ ନିକାହ୍ । ତହିଁରେ (ନିକାହରେ) କୌଣସି ଖର୍ଚ୍ଚ ନାହିଁ । ଉଭୟ ପକ୍ଷ ବିବାହ ପ୍ରସ୍ତାବକୁ ଗ୍ରହଣ କଲେ ଏବଂ ନିକାହ୍ (ବିବାହ) ହୋଇଗଲା । ଏତଦପରେ ଅର୍ଥାତ୍ ନିକାହ୍ (ବିବାହ) ପରେ ଓଲିମା ଦେବା ସୁନ୍ନତ୍ ଅଟେ । ତେଣୁ  ଯେଉଁ ବ୍ୟକ୍ତି ପକ୍ଷେ ନିକାହା (ବିବାହ) କରିବାର ସାମର୍ଥ୍ୟତା ନାହିଁ ତେବେ ସେହି ବ୍ୟକ୍ତି କ୍ଷମ୍ୟ ଅଟେ । ମନୁଷ୍ୟ ଯଦି ମିତବ୍ୟୟତା ଅବଲମ୍ବନ କରେ ତେବେ ତା'ର କୌଣସି କ୍ଷତି ହୋଇ ନଥାଏ । କିନ୍ତୁ ଅତ୍ୟନ୍ତ ପରିତାପର ବିଷୟ ଏହିକି ଯେ, ଲୋକମାନେ ନିଜର ଆତ୍ମିକ କାମନା ଏବଂ ସାମୟିକ ପ୍ରସନ୍ନତା ସକାଶେ ଈଶ୍ୱରଙ୍କୁ ଅପ୍ରସନ୍ନ କରି ଦେଇଥାଆନ୍ତି । ଏହି ଅପ୍ରସନ୍ନତା ସେମାନଙ୍କ ନିମନ୍ତେ ବିପର୍ଯ୍ୟୟର କାରଣ ସାଜିଥାଏ । ଦେଖ ! ସୁଧ କେତେ ବଡ଼ ଅପରାଧ ଅଟେ । କ'ଣ ସେହି ଲୋକମାନଙ୍କୁ ଜଣା ନାହିଁ ଯେ, ଅତ୍ୟନ୍ତ ପ୍ରତିକୂଳ ପରିସ୍ଥିତରେ ଅନନ୍ୟୋପାୟ ହୋଇ ସୁଧ ନେବା ଏବଂ ସୁଧ ଟଙ୍କା ଖାଇଦିଏ ତେବେ ସେହି ବ୍ୟକ୍ତି ପକ୍ଷେ ଏହା ବୈଧ ଅଟେ। ସୁତରାଂ ଅଲ୍ଲାଃତାଲା ଏଥି ସଂକ୍ରାନ୍ତରେ ପବିତ୍ର କୁରଆନ୍ କରୀମରେ କୁହନ୍ତି ଯେ, فَمَنِ اضْطُرَّ غَيْرَ بَاغٍ وَّلَا عَادٍ فَلَآ اِثْمَ عَلَيْهِ ط اِنَّ اللّٰهَ غَفُوْرٌ رَّحِيْمٌ ଅର୍ଥାତ୍ "କିନ୍ତୁ ଯେଉଁ ବ୍ୟକ୍ତି ନିୟମ ଭଙ୍ଗ ନକରି ବା ସୀମା ଲଂଘନ ନକରି ଅଥଚ ନିରୁପାୟ ହୋଇ ଏ ବସ୍ତୁଗୁଡ଼ିକୁ ବ୍ୟବହାର କରିବା ଲାଗି ବାଧ୍ୟ ହେବ ତା' ପକ୍ଷରେ କୌଣସି ପାପ ନାହିଁ। ବାସ୍ତବରେ ଅଲ୍ଲାଃତାଲା ଅତ୍ୟନ୍ତ କ୍ଷମାଶୀଳ ଓ ସଦା କରୁଣାମୟ ।" ସୁତରାଂ ଉକ୍ତ ଆୟତରେ ଅଲ୍ଲାଃତାଲା ସୁଧ ନେବା ନିମନ୍ତେ କହି ନାହାନ୍ତି ବରଂ ନିରୁପାୟ ଅବସ୍ଥାରେ ବୈଧ ବୋଲି ଦର୍ଶାଇଛନ୍ତି । ତେଣୁ ଅନ୍ୟ ଏକ ଆୟତରେ ଅଲ୍ଲାଃତାଲା ପୁନଶ୍ଚ କୁହନ୍ତି: يٰٓاَيُّهَا الَّذِيْنَ اٰمَنُوا اتَّقُوا اللّٰهَ وَذَرُوْا مَا بَقِيَ مِنَ الرِّبٰوٓا اِنْ كُنْتُمْ مُّؤْمِنِيْنَ ○ فَاِنْ لَّمْ تَفْعَلُوْا فَاْذَنُوْا بِحَرْبٍ مِّنَ اللّٰهِ وَرَسُوْلِهٖ ହେ ବିଶ୍ୱାସକାରୀମାନେ ! ତୁମେମାନେ ଅଲ୍ଲାଃଙ୍କୁ ଭୟ କର ଏବଂ ଯଦି ତୁମେମାନେ ବିଶ୍ୱାସକାରୀ ହୋଇଥାଅ ତେବେ ସୁଧର ଅବଶିଷ୍ଟ ଅଂଶ ଛାଡ଼ିଦିଅ ଏବଂ ଯଦି ତୁମେମାନେ ଏପରି ନକର ତେବେ ତୁମେମାନେ ଅଲ୍ଲାଃତାଲା ଓ ତାହାଙ୍କ ବାର୍ତ୍ତାବହଙ୍କ ତରଫରୁ ଏକ ଆସନ୍ନ ଯୁଦ୍ଧକୁ ଅବଶ୍ୟମ୍ଭାବୀ ମନକେର ।"

ହ. ମସିହ୍ ମଉଦ୍ ଅ.ସ କୁହନ୍ତି: "ମୋର ଏହି ଧର୍ମମତ ରହିଛି ଯେ, ଯେଉଁ ବ୍ୟକ୍ତି ଅଲ୍ଲାଃତାଲାଙ୍କ ଉପରେ ବିଶ୍ୱାସ କରିଥାଏ ସେହି ବ୍ୟକ୍ତିକୁ (କୌଣସି ପ୍ରସଙ୍ଗ ବା ବସ୍ତୁର) ଆବଶ୍ୟକତା ହିଁ ପଡ଼ୁ ନାହିଁ । ମୁସଲମାନମାନେ ଯଦି କୌଣସି ବିପତ୍ତିର ସମ୍ମୁଖୀନ ହେଉଛନ୍ତି ତେବେ ଏହା ସେମାନଙ୍କର କୁକର୍ମର ହିଁ ପରିଣାମ ଅଟେ । ହିନ୍ଦୁମାନେ ଯଦି ଏହି ପାପ (ସୁଧିଆ କାରବାର) କରନ୍ତି ତେବେ ସେମାନେ ଧନୀକ ହୋଇଯାଆନ୍ତି । କିନ୍ତୁ ଯଦି କୌଣସି ମୁସଲମାନ ବ୍ୟକ୍ତି ଏହି ପାପ କରନ୍ତି ତେବେ ସେମାନେ ଧ୍ୱଂସ ଓ ବିନାଶ ହୋଇଯାଆନ୍ତି । ଅର୍ଥାତ୍ ମୁସଲମାନମାନେ خَسِرَ الدُّنْيَا وَالْاٰخِرَةَ ର ଚରିତାର୍ଥ ହୋଇ ଯାଆନ୍ତି (ମୁସଲମାନମାନଙ୍କର ଇହ କାଳ ମଧ୍ୟ ନଷ୍ଟ ହୋଇଯାଏ) । ତେଣୁ ଏହା ଜରୁରୀ ନୁହେଁ ଯେ, ମୁସଲମାନ ତହିଁରୁ ନିବୃତ୍ତ ହୋଇଯିବେ ।"

ହ. ମସିହ୍ ମଉଦ୍ ଅ.ସ କୁହନ୍ତି: "ବ୍ୟକ୍ତି ପକ୍ଷେ ଏହା ଉଚିତ୍ କି ସେ ନିଜର ଜୀବିକା ଏବଂ ଅର୍ଥନୈତିକ ପନ୍ଥାରେ ମିତବ୍ୟୟୀତା ଅବଲମ୍ବନ କରୁ (ମିତବ୍ୟୟୀତାକୁ ଦୃଷ୍ଟି ସମ୍ମୁଖରେ ରଖୁ) । କାହିଁକି ନା ସୁଧିଆ ଋଣ ନେବାର ଆବଶ୍ୟକତା ହିଁ ନପଡ଼ୁ । ଏହା ଦ୍ୱାରା ସୁଧ ମୂଳଧନ ଅପେକ୍ଷା ବୃଦ୍ଧି ପାଇଥାଏ । ଏବେ ଏବେ କାଲି ଜଣେ ବ୍ୟକ୍ତିର ପତ୍ର ଆସିଥିଲା । ସେହି ପତ୍ରରେ ସେ ଉଲ୍ଲେଖ କରିଥିଲା ଯେ, ଆଜ୍ଞା ମୁଁ ହଜାର ଟଙ୍କା ଦେଇ ସାରିଛି । ଆହୁରି ପାଞ୍ଚ ଶହ ଟଙ୍କା ବାକି ରହିଛି । ପୁନଶ୍ଚ ତା' ସାଙ୍ଗକୁ ସମସ୍ୟା ଏହିକି ଯେ, ଅଦାଲତଗୁଡ଼ିକ ମଧ୍ୟ ଡିଗ୍ରୀ ଦେଇ ଦେଇଥାନ୍ତି । କିନ୍ତୁ ତହିଁରେ ଅଦାଲତର ଦୋଷ କେଉଁଠି ? ଯେତେବେଳେ ତା'ର ସ୍ୱୀକାରୋକ୍ତି ଉପସ୍ଥିତ ରହିଛି ତେବେ ଏହାର ଅର୍ଥ ଏହିକି ଯେ, ସୁଧ ଦେବା ନିମନ୍ତେ  ସେ ପ୍ରସ୍ତୁତ ଓ ସହମତ ଅଟେ । ଅତଏବ୍ ଡିଗ୍ରୀ ଜାରି ହୋଇଯାଇଥାଏ । ତହିଁରୁ ଏହା ଶ୍ରେୟସ୍କର ଥିଲା ଯେ, ମୁସଲମାନମାନେ ଏକମତ ହୁଅନ୍ତେ ଏବଂ କୌଣସି ପାଣ୍ଠି ଗଠନ କରି (ତହିଁରେ ଅର୍ଥ ଏକତ୍ରିତ କରି) ବାଣିଜ୍ୟିକ ରୂପେ ତାହାକୁ ବୃଦ୍ଧି କରିଥାଆନ୍ତେ । କାରଣ କୌଣସି ମୁସଲମାନ ଭାଇକୁ ସୁଧ ନେବାର ଆବଶ୍ୟକତା ପଡ଼ି ନଥାଆନ୍ତା । ବରଂ ସେହି ମଜଲିସ୍ ଅର୍ଥାତ୍ ପାଣ୍ଠିରୁ ପ୍ରତ୍ୟେକ ଅଭାବି ବ୍ୟକ୍ତି ନିଜର ଆବଶ୍ୟକତା ଓ ଅଭାବ ପୂରଣ କରି ପାରନ୍ତା ଏବଂ ଧାର୍ଯ୍ୟ ସମୟ ସୀମା ମଧ୍ୟରେ ଟଙ୍କା ଫେରସ୍ତ କରିପାରି ଥାଆନ୍ତା ।" **(ବଦର୍, ସଂଖ୍ୟା-7, 1908 ମସିହା ଫେବୃୟାରୀ ମାସ 6 ତାରିଖ, ପୃ-6) (ତଫସିର୍ ହ. ମସିହ୍ ମଉଦ୍ ଅ.ସ, ଗ୍ରନ୍ଥଖଣ୍ଡ-1, ପୃ-389-390)** ☆☆☆

## ପୃ-1 ରେ ବର୍ଣ୍ଣିତ ତଫସିର୍ କବିରର ଅବଶିଷ୍ଟାଂଶ...

ସମସ୍ତ ବନ୍ଧୁତା ଶତ୍ରୁତାରେ ପରିଣତ ହୋଇ ଯାଇଥାଏ । ସେଇଥି ପାଇଁ ଅଲ୍ଲାଃତାଲା ପବିତ୍ର କୁରଆନ୍ କରୀମ୍‌ରେ କୁହନ୍ତି ଯେ, ପରସ୍ପରର ସଂପର୍କକୁ ଖରାପ କର ନାହିଁ । ଋଣ ଦେବା ଏବଂ ନେବା ସମୟରେ ଆମକୁ ଏହି ଦୁଇଟି ଆଦେଶକୁ ଧ୍ୟାନ ରଖିବା ଉଚିତ୍। 1- ତୁମେମାନେ ଯେତେବେଳେ କୌଣସି ବ୍ୟକ୍ତି ଠାରୁ ଋଣ ନିଅ ସେତେବେଳେ ସେହି ଋଣର ପରିଶୋଧର ସମୟସୀମା ଧାର୍ଯ୍ୟ କରିନିଅ । 2- ଟଙ୍କା ନେଣଦେଣ ପ୍ରସଙ୍ଗକୁ ଲିଖିତି ଆକାରକୁ ଅଣାଯାଉ । ଅର୍ଥାତ୍ ଉଲ୍ଲେଖ କରିନିଆଯାଉ । ଏହି ଦୁଇଟି ସର୍ତ୍ତର ବଡ଼ ଲାଭ ଏହିକି ଯେ, ଏପରି କରିବା ଦ୍ୱାରା ଋଣ ନେଇଥିବା ବ୍ୟକ୍ତିକୁ ମନେ ରହିଥାଏ ଯେ, ଅମକ ସମୟ ପୂର୍ବରୁ ମୋତେ ଋଣ ପରିଶୋଧ କରିବାର ଅଛି, ତେଣୁ ସେହି ବ୍ୟକ୍ତି ଋଣ ପରିଶୋଧ କରିବା ନିମନ୍ତେ ଉଦ୍ୟମ ଓ ସଂଘର୍ଷ କରିଥାଏ। ପୁନଶ୍ଚ ଆଉ ଏକ ଲାଭ ମଧ୍ୟ ରହିଛି । ତାହା ଏହିକି ଯେ, ଋଣ ଗ୍ରହଣକାରୀ ଏକ ଧାର୍ଯ୍ୟ ସମୟ ସୀମା ପର୍ଯ୍ୟନ୍ତ ଶାନ୍ତି ଓ ସନ୍ତୁଷ୍ଟାବସ୍ଥାରେ ରହିଥାଏ ଏବଂ ତା' ମନରେ ଏହି ଭୟ ରହି ନଥାଏ ଯେ, କେଜାଣି ଋଣଦାତା ମୋତେ କେତେବେଳେ ନିଜର ଋଣ ଦେଇଥିବା ଟଙ୍କା ମାଗିନେବ ? ଅତଏବ୍ ତହିଁରେ ଦେଉଥିବା ବ୍ୟକ୍ତିର ମଧ୍ୟ ଲାଭ ରହିଛି ଓ ଋଣ ନେଉଥିବା ବ୍ୟକ୍ତିର ମଧ୍ୟ ଲାଭ ରହିଛି । ଋଣ ଦେଉଥିବା ବ୍ୟକ୍ତିର ଏହି ଲାଭ ରହିଛି ଯେ, ମନେକର ଗୋଟିଏ ମାସରେ ଋଣ ଟଙ୍କା ଫେରସ୍ତ ବା ପୈଠ କରିବାର ବ୍ୟକ୍ତି ଅଙ୍ଗୀକାର କରିଛି । ତେବେ ସେ ଗୋଟିଏ ମାସ ଅତିବାହିତ ହେବା ପରେ ଯାଇ ନିଜର ଋଣ ଟଙ୍କା ମାଗିବ । ଏହାର ଅର୍ଥ ଏହା ନୁହେଁ ଯେ, ଋଣ ଦାତା ଋଣ ଗ୍ରହୀତା ବ୍ୟକ୍ତିକୁ ପ୍ରତ୍ୟେକ ଦିନ ଋଣ ଟଙ୍କା ମାଗି ବୁଲୁଥିବ । ଋଣ ନେଇଥିବା ବ୍ୟକ୍ତିକୁ ଏହା ଲାଭ ମିଳିବ ଯେ, ଯେତେବେଳେ ସେ ଋଣ ନେବାକୁ ଲାଗିବ ସେତେବେଳେ ସେ ଭାବିବ ଯେ, ମୁଁ ଯେତିକି କାଳ ମଧ୍ୟରେ ଋଣ ଟଙ୍କା ଫେରସ୍ତ କରିବାର ଅଙ୍ଗୀକାର ତଥା ପ୍ରତିଶୃତି ଦେଇଛି ସେତିକି ଅବଧି ମଧ୍ୟରେ ଋଣ ଟଙ୍କା ପୈଠ କରିପାରିବ ଅବା ନୁହେଁ ? ଏତଦ୍‌ଭିନ୍ନ ଉକ୍ତ ସର୍ତ୍ତଟି ଏଇଥି ପାଇଁ ଲାଗୁ କରାଗଲା ଯେ, କେତେକ ଦୁର୍ବଳ ଲୋକମାନେ ଆପତ୍ତି କରି ପାରିଥାଆନ୍ତେ ଯେ, ଆମେମାନେ ଏଇଥି ପାଇଁ ସୁଧରେ ଟଙ୍କା ଦେଇଥାଉ ଯେ, ଋଣ ଗ୍ରହୀତା ବ୍ୟକ୍ତିକୁ ଋଣ ଟଙ୍କା ପୈଠ କରିବା ପ୍ରତି ଚିନ୍ତା ରହିଥାଏ । ସେହି ଋଣ ନେଇଥିବା ବ୍ୟକ୍ତି ଏହି ଉଦ୍ୟମ କରିଥାଏ ଯେ, ସେ ସେହି ଋଣରୁ ମୁକ୍ତ ହୋଇଯିବ । କିନ୍ତୁ ସୁଧ ଯଦି ନନିଆଯାଏ ତେବେ ସେହି ବ୍ୟକ୍ତିକୁ ସୁଧ ପୈଠ କରିବା ପ୍ରତି ଆଦୌ ଚିନ୍ତା ନଥାଏ । ଉକ୍ତ ଦ୍ୱନ୍ଦ୍ୱର ପ୍ରତିକାର ନିମନ୍ତେ ଅଲ୍ଲାଃତାଲା କହିଲେ, ହେ ମୁସଲମାନମାନେ ଯେତେବେଳେ ତୁମେମାନେ ପରସ୍ପରକୁ ଋଣ ପ୍ରଦାନ କର ସେତେବେଳେ ଚୁକ୍ତି ପତ୍ର ସ୍ୱାକ୍ଷରିତ କରିନିଅ । ଅର୍ଥାତ୍ ଅମକ ସମୟ ସୀମା ମଧ୍ୟରେ ସେ ଟଙ୍କା ପୈଠ କରିଦେବେ । କାରଣ ଏପରି କରିବା ଦ୍ୱାରା ତୁମର ଟଙ୍କା ପଇସା ମଧ୍ୟ ସୁରକ୍ଷିତ ରହିବ ଓ ଅନ୍ୟ ବ୍ୟକ୍ତିକୁ ମଧ୍ୟ ନିଜର ଦାୟିତ୍ୱାବଳୀ ନିର୍ବାହ ପ୍ରତି ଚିନ୍ତା ରହିବ । କିନ୍ତୁ ଏହାର ଅର୍ଥ ଏହା ନୁହେଁ ଯେ, ଯଦି ଋଣ اِلٰٓى اَجَلٍ مُّسَمًّى ହୋଇଥାଏ ତେବେ ତାକୁ ଲେଖିନିଅ ଏବଂ ଯଦି ଋଣ اِلٰٓى اَجَلٍ مُّسَمًّى ହୋଇ ନଥାଏ ତେବେ ନିଃସନ୍ଦେହ ରୂପେ ତାକୁ ନଲେଖ । ସେଇଥି ପାଇଁ ଯେତେବେଳେ କୌଣସି ବ୍ୟକ୍ତି ଅନ୍ୟ ଜଣେ ବ୍ୟକ୍ତିକୁ ଋଣ ଦେଇଥାଏ ସେତେବେଳେ ସେ ଯାହା ହୋଇଯାଉ اِلٰٓى اَجَلٍ مُّسَمًّى ଅର୍ଥାତ୍ ନିର୍ଦ୍ଧାରିତ ସମୟ ପାଇଁ ହିଁ ଦେଇଥାଏ। ତେଣୁ ସେହି ସମୟସୀମା ସ୍ୱଳ୍ପ ସମୟର ହେଉ ଅବା ଅଧିକ ସମୟର ହେଉ ଏକ ନିର୍ଦ୍ଧାରିତ ସମୟ ପାଇଁ ହିଁ ଋଣ ଦେଇଥାଏ । ଏହି ନିର୍ଦ୍ଧାରିତ ସମୟ ସୀମା ବିତିଯିବା ପରେ ସେ ଉକ୍ତ ଋଣ ଟଙ୍କା ଆଦାୟ କରିବାର ଅଧିକାରୀ ହୋଇଥାଏ । ଏପରି କେବେ ହୋଇ ନାହିଁ ଯେ, ଜଣେ ବ୍ୟକ୍ତି ଅନ୍ୟ ଜଣେ ବ୍ୟକ୍ତିକୁ ଋଣ ଦେଲା ଏବଂ ପୁନଶ୍ଚ ସେହି ଋଣ ଟଙ୍କା ଫେରସ୍ତ ନେବାକୁ ସେହି ବ୍ୟକ୍ତି ମଧ୍ୟରେ କୌଣସି ଉତ୍ସାହ ହିଁ ନଥିବ । ଭେଟି ବା ଉପହାର ତଥା ସାହାଯ୍ୟ ଆକାରରେ ଯଦି କୌଣସି ବ୍ୟକ୍ତିକୁ ଟଙ୍କା ଦିଆଯାଏ ତେବେ ତାହା ଅନ୍ୟ ଏକ ପ୍ରସଙ୍ଗ ଅଟେ । କିନ୍ତୁ ଯେଉଁ ପ୍ରସଙ୍ଗ ଉପରେ ଋଣ ଶବ୍ଦଟି ଚରିତାର୍ଥ ବା ପ୍ରୟୋଗ ହେବ ତାହା ନିଶ୍ଚିତ ରୂପେ اِلٰٓى اَجَلٍ مُّسَمًّى ହିଁ ହେବ। ଅର୍ଥାତ୍ ତୁଣ୍ଡରୁ (ମୌଖିକ) ଦ୍ୱାରା କୌଣସି ସମୟସୀମା ଧାର୍ଯ୍ୟ କରାଯାଉ ଅବା ନକରାଯାଉ । ହଁ ଯଦି ବିଶେଷ ସମୟ ପାଇଁ ଋଣ ନାହିଁ ବରଂ ସେମିତି ଖାଲିଟାରେ ଘଣ୍ଟାଏ ଦିଘଣ୍ଟା କିମ୍ବା ଦିନେ ଦୁଇ ଦିନ ପାଇଁ ଋଣ ଦିଏ ତେବେ ସେସ୍ଥିତିରେ ଋଣ ଚୁକ୍ତି ନଲେଖାଯାଏ ତେବେ ତହିଁରେ କୌଣସି ଧର୍ମ ବୈଧାନିକ ଅପରାଧ ନୁହେଁ ଏବଂ ପାପ ହେବ ନାହିଁ।" କିନ୍ତୁ ଦୁଃଖ ଓ ପରିତାପର ବିଷୟ ଏହିକି ଯେ, ମୁସଲମାନମାନେ ଏହି ଦୁଇଟି କଥା ପ୍ରତି ଆଦୌ ଭୃକ୍ଷେପ କରନ୍ତି ନାହିଁ । ଅର୍ଥାତ୍ ଋଣ ଦେବା ସମୟରେ ତ' ବନ୍ଧୁତ୍ୱତା ଏବଂ ଆନ୍ତରୀକତା ବିନ୍ଦୁ ଦୃଷ୍ଟିରୁ କୌଣସି ସମୟ ସୀମା ଧାର୍ଯ୍ୟ କରନ୍ତି ହିଁ ନାହିଁ ବରଂ ସେମାନେ ଏହା କହି ଦିଅନ୍ତି ଯେ, ଯେତେବେଳେ ଇଚ୍ଛା ହେଲା ସେତେବେଳେ ଦେଇ ଦେଲେ ଓ ସେହି ନେଣ ଦେଣକୁ ଲିଖିତ ରୂପେ ଆଣିଲେ ନାହିଁ । ଏପରି କରିବା ଦ୍ୱାରା ଅନେକ ସମସ୍ୟା ସୃଷ୍ଟି ହୋଇଥାଏ ଏବଂ ସେମାନଙ୍କୁ **(ଅବଶିଷ୍ଟାଂଶ..ପୃ-12ରେ)**

### ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-

"ଆମେ ଅହେମଦିମାନଙ୍କୁ ହିଁ ସଂସାରବାସୀଙ୍କୁ ଇସ୍‌ଲାମ୍ ଧର୍ମର ସୁନ୍ଦର ଶିକ୍ଷା ସମ୍ବନ୍ଧରେ ଅବଗତ କରାଇବାକୁ ହେବ ଏବଂ ଏଥିପାଇଁ ସବୁଠାରୁ ଜରୁରୀ କଥା ହେଉଛି କି ଆମମାନଙ୍କୁ ଅଲ୍ଲାଃତାଲାଙ୍କ ସହିତ ସମ୍ପର୍କ ସ୍ଥାପନ କରିବାକୁ ହେବ" ।

ତାଲିବେ ଦୁଆ: Sajeed Khan, S/O- Sultan Ahmad, Jamat Ahmadiya Paradeep (Kerang) (Odisha)

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUN ODI/2016/68750
The Weekly BADAR Qadian
Qadian - 143516 Distt. Gurdaspur (Pb.)
Postal Reg. No.GDP-40/2026-2028 Vol. 11 Thursday- 21 May 2026 Issue No. 21

EDITOR
Qamarul Haque Khan
Sub-Editor : SAYED ATAUL WAHAB
Mob : (+91) 8437782443
website : www.akhbarbadr.in

Act. MANAGER
ATHAR AHMAD SHAMIM
Mobile. : +91 9815639670
e-mail : managerbadrqnd@gmail.com

## ପୃ-11 ରେ ବର୍ଣ୍ଣିତ ତଫସିର୍ କବିରର ଅବଶିଷ୍ଟାଂଶ...

ଏହାର ତିକ୍ତ ପରିଣାମର ସମ୍ମୁଖୀନ ହେବାକୁ ପଡ଼ିଥାଏ । ଅଲ୍ଲାଃତାଲା ତୃତୀୟ ଆଦେଶ ଏହା ଦେଲେ ଯେ, ଋଣ ସଂପର୍କରେ ଚୁକ୍ତି ଲେଖୁଥିବା ଲେଖାଳୀ ବ୍ୟକ୍ତି ଅନ୍ୟ ବ୍ୟକ୍ତି ହେବା ଉଚିତ୍ । ଋଣଦାତା ଏବଂ ଋଣ ଗ୍ରହୀତା ଋଣ ସଂପର୍କରେ ନଲେଖନ୍ତୁ ବରଂ ତୃତୀୟ ବ୍ୟକ୍ତି ଯିଏ ନ୍ୟାୟ ପ୍ରଦର୍ଶନକାରୀ ହୋଇଥିବା ସେ ହିଁ ଏହି ଋଣ ସଂପର୍କିତ ଚୁକ୍ତି ପତ୍ର ଲେଖୁ । ଅର୍ଥାତ୍ ସେହି ବ୍ୟକ୍ତି ନିଜ ଆଡ଼କୁ ସେହି ଚୁକ୍ତିରେ କୌଣସି କଥା ନ ପ୍ରବିଷ୍ଟ କରଉ । ବରଂ ତାହା ହିଁ ଉଲ୍ଲେଖ କରୁ ଯାହା ଲେଖିବା ନିମନ୍ତେ ତାକୁ ଆଦେଶ ଦିଆଯାଇଛି । ପୁନଶ୍ଚ ଅଲ୍ଲାଃତାଲା ଲେଖାଳୀକୁ ଏହି ଆଦେଶ ଦେଲେ ଯେ, ସେ ଚୁକ୍ତି ଲେଖିବାକୁ ମନା ନକରୁ । ବରଂ ଅଲ୍ଲାଃତାଲା ଯେପରି ତାକୁ ଶିକ୍ଷା ପ୍ରଦାନ କରିଛନ୍ତି ଠିକ୍ ସେହିପରି ତା' ପକ୍ଷେ ଏହା ଉଚିତ୍ ହେବ କି ସେ ଚୁକ୍ତି ଲେଖୁ ଅବା ସେ ଅସ୍ୱୀକାର କରିଦେଉ । ଅତଏବ୍ ଉଭୟ ଅର୍ଥ يُضَآرَّ ର ହୋଇପାରିବ । ଅର୍ଥାତ୍ ଲେଖାଳୀର ଯେତିକି କଳା ଏବଂ ଅଭିଜ୍ଞତା ରହିଛି ତଦନୁଯାୟୀ ସେ ଚୁକ୍ତି ଲେଖୁ ଓ ଯେହେତୁ ଅଲ୍ଲାଃତାଲା ତା' ଉପରେ କୃପା କରିଛନ୍ତି ତେଣୁ ତା' ପକ୍ଷେ ଏହା ଉଚିତ୍ କି ସେ ଲୋକମାନଙ୍କୁ ଲାଭ ପହଞ୍ଚାଉ (ହିତ ସାଧନ କରୁ) । ଏହା ନହେଉ ଯେ, ସେ ଚୁକ୍ତି ଲେଖିବାକୁ ଅସ୍ୱୀକାର କରିଦେଉ ଓ ଅଭାବି ବ୍ୟକ୍ତି ଋଣ ନମିଳିବା ଯୋଗୁଁ ବ୍ୟତିବ୍ୟସ୍ତ ହୋଇଯାଉ ।

ହୁଜୁର୍ ର.ଅ କହିଲେ, ଅଲ୍ଲାଃତାଲା ଚତୁର୍ଥ ଆଦେଶ ଏହା ଦେଲେ ଯେ, وَلْيُمْلِلِ الَّذِي عَلَيْهِ الْحَقُّ ଯେଉଁ ବ୍ୟକ୍ତି ଋଣ ପ୍ରାପ୍ତ କରିବା ନିମନ୍ତେ ଯୋଗ୍ୟ ଅଟେ, ଯେଉଁ ବ୍ୟକ୍ତି ଋଣର ଆବଶ୍ୟକତା ରହିଛି ସେ ନିଜେ ଋଣର ଚୁକ୍ତି ଲେଖାଉ । ତହିଁରେ ଏକ ରହସ୍ୟ ନିହିତ ରହିଛି । ପ୍ରକାଶ୍ୟ ରୂପେ ଏହା ଉଚିତ୍ ଥିଲା ଯେ, ଯେଉଁ ବ୍ୟକ୍ତି ଋଣ ଟଙ୍କା ଦେବ ସେ ଚୁକ୍ତି ଲେଖାଇବା ଉଚିତ୍ । କିନ୍ତୁ ଅଲ୍ଲାଃତାଲା ଏହି ଆଦେଶ ଦେଲେ ନାହିଁ । ବରଂ ଏହାର ଦାୟିତ୍ୱ ଋଣ ଗ୍ରହୀତା ବ୍ୟକ୍ତି ଉପରେ ଅର୍ପଣ କଲେ । ଏହାର କାରଣ ଏହିକି ଯେ, ଯେହେତୁ ଋଣ ନେଲାବାଲା ବ୍ୟକ୍ତିର ଆବଶ୍ୟକତା ଋଣ ମିଳିଯିବା ଯୋଗୁଁ ତା'ର ଆବଶ୍ୟକତ ପୂରଣ ହୋଇଯାଇଥାଏ । ସେ ସେତେବେଳେ ନିଜର ଆନନ୍ଦର ଲହରୀ ଅନୁଭବ କିରଥାଏ ଏବଂ ଟଙ୍କା ଆଡ଼କୁ ସେ ଅବଚେତନ ହୋଇଯାଇଥାଏ । ସେଇଥି ପାଇଁ ସମ୍ଭବତଃ ସେ ପରେ ଆବଶ୍ୟକତା ପୂରଣ ହେବା ପରେ କହିଦେବ ଯେ, ମୋତେ ତ' ସେତେବେଳେ ଏହା ଜଣା ନଥିଲା ଯେ, କ'ଣ ଲେଖାଯାଉଛି ? ସେଇଥି ପାଇଁ ଅଲ୍ଲାଃତାଲା କହିଲେ ଯେ, ସେ ଅର୍ଥାତ୍ ଋଣ ଗ୍ରହୀତା ବ୍ୟକ୍ତି ନିଜେ ନେଣଦେଣ କଥା ଲେଖାଉ । କାରଣ ତା' ତୁଣ୍ଡର ସ୍ୱୀକାରୋକ୍ତି ଉପସ୍ଥିତ ରହୁ । ଅନ୍ୟଥା ଯେଉଁ ବ୍ୟକ୍ତି ଟଙ୍କା ଦେଇଥାଏ ସେ ତ' ସତର୍କ ଓ ସଜାଗ ରହିଥାଏ। କାରଣ ଋଣ ପ୍ରଦାନକାରୀ ବ୍ୟକ୍ତି ନିଜ ପାଖରୁ ଟଙ୍କା ପ୍ରଦାନ କରିଥାଏ । ସେଇଥି ପାଇଁ ତାକୁ ତ' ମନେଥାଏ ଯେ ମୁଁ ଅମକ ବ୍ୟକ୍ତିକୁ ଏତିକି ଟଙ୍କା ଋଣ ଦେଇଅଛି ।

ଦ୍ୱିତୀୟ କାରଣ ଏହିକି ଯେ, ଲିଖିତ ପ୍ରମାଣ ସେହି ବ୍ୟକ୍ତି ପାଖରେ ରହିବ ଯେଉଁ ବ୍ୟକ୍ତି ଟଙ୍କା ଦେଇଛି । ତେଣୁ ତା' ନିମନ୍ତେ ତ' ସୁଯୋଗ ରହିଛି ଯେ, ସେ ଦେଖିନେଉ ଯେ, କୌଣସି ତ୍ରୁଟି ଏବଂ ଭୁଲ୍ ତ' ହୋଇ ଯାଇ ନାହିଁ । କିନ୍ତୁ ଋଣ ଗ୍ରହଣକାରୀ ବ୍ୟକ୍ତି ପାଖରେ ଲେଖା ରହିବ ନାହିଁ । ତେଣୁ ସେତେବେଳେ ଯଦି ତା'ର ସଂପୂର୍ଣ୍ଣ ଧ୍ୟାନ ଲେଖା ଆଡ଼କୁ ନରହିଲା ତେବେ ତାକୁ କ୍ଷତି ପହଞ୍ଚିବାର ଆଶଙ୍କା ରହିଛି ।

ହୁଜୁର୍ ର.ଅ କହିଲେ, ଅଲ୍ଲାଃତାଲା ପଞ୍ଚମ ଆଦେଶ ଏହା ଦେଲେ ଯେ, وَلَا يَبْخَسْ مِنْهُ شَيْئًا ଲେଖାଇବା ସମୟରେ ବ୍ୟକ୍ତି ସେହି ଋଣ ମଧ୍ୟରେ କୌଣସି ଜିନିଷ ବା ପ୍ରସଙ୍ଗ କମ୍ ନକରୁ । ବରଂ ତାହାକୁ ସଠିକ୍ ରୂପେ ଲେଖାଇ ନେଉ । ତହିଁରେ ଏହି ପ୍ରକାଶ୍ୟ ପ୍ରଶ୍ନ ସୃଷ୍ଟି ହୋଇଥାଏ ଯେ, ଋଣରେ ତ' କୌଣସି ପ୍ରକାରର ନ୍ୟୁନତା (ହ୍ରାସ) ହୋଇ ପାରିବ ନାହିଁ । କାରଣ ଉଭୟ ପକ୍ଷ ଆମ୍ନା ସାମ୍ନା ବସିଥାଆନ୍ତା । ପୁନଶ୍ଚ وَلَا يَبْخَسْ مِنْهُ شَيْئًا ର କାହିଁକି ଆଦେଶ ଅଲ୍ଲାଃତେଲେ ଦେଲେ । ତେଣୁ ଏହା ମନେରଖିବା ଉଚିତ୍ ଯେ, କେତେକ ଋଣ ବିଚିତ୍ର ପ୍ରକାରର ହୋଇଥାଏ । ଯାହାକୁ ଲିଖିତ ଆକାରେ ଲେଖିବା ସମୟରେ ଲୋକମାନେ ଏପରି କ୍ଲିଷ୍ଟ ଶବ୍ଦ ପ୍ରୟୋଗ କରିଥାଆନ୍ତି ଯେ, ଯାହାର ପରିଣାମ ଶେଷରେ ହ୍ରାସ ରୂପେ ପ୍ରକାଶିତ ହୋଇଥାଏ । ବିଶେଷ କରି ସେହି ଋଣ ଯାହା ଦୀର୍ଘ ମିଆଦି (କାଳୀନ) ସଂପର୍କିତ ଋଣ ଅଟେ ଏବଂ ବିଭିନ୍ନ ପ୍ରକାରର ଋଣ ହୋଇଥାଏ, ସେଗୁଡ଼ିକୁ ଲେଖିତ ରୂପକୁ ଆଣିବା ସମୟରେ ଅନେକ ପ୍ରକାରର ଛଳନା ଅବଲମ୍ବନ କରି ନିଆଯାଇଥାଏ । ଯେପରିକି ଦେଶର ଋଣ ପ୍ରସଙ୍ଗ ହୋଇଥାଏ । ଯେହେତୁ ଏପରି ଦୀର୍ଘ ମିଆଦି ଋଣରେ ବିଶେଷ କରି ଚୁକ୍ତି କରିବା ସମୟରେ ଚତୁରତା ଏବଂ ଛଳନା କରାଯାଇଥାଏ ତେଣୁ ଅଲ୍ଲାଃତାଲା କହିଲେ, ଋଣ ନେଣ ଦେଣ ସମୟରେ ସାଧୁତା ଏବଂ ବିଶ୍ୱସ୍ତତା ଅବଲମ୍ବନ କରାଯିବା ଉଚିତ୍ ଏବଂ ଗୋଟିଏ ଦାନା (କାଣୀଚାଏ) କମ୍ (ହ୍ରାସ) କରିବାକୁ ପ୍ରୟାସ କର ନାହିଁ।
**(ତଫ୍‌ସିର୍ କବିର୍, ଗ୍ରନ୍ଥଖଣ୍ଡ-1, ସୁରତୁଲ୍ ବକ୍ରାହର ତଫ୍‌ସିର୍, ଆୟତ୍ ସଂଖ୍ୟା-283)**

☆☆☆

## (ବିଶେଷ ସୂଚନା)

ଏତଦ୍ୱାରା ଜମାଅତ୍‌ର ସମସ୍ତ ସଦସ୍ୟବୃନ୍ଦଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ତା- **1 ଅପ୍ରେଲ୍ 2026** ମସିହା ଠାରୁ ହୁଜୁର ଅନ୍‌ୱର୍ ଅ.ବଙ୍କ ଖୁତ୍‌ବା ଜୁମା ଏମ୍.ଟି.ଏରେ ଠିକ୍ ସନ୍ଧ୍ୟା **5.30** ମିନିଟରେ ପ୍ରସାରିତ ହେବ **ଇନ୍‌ଶାଅଲ୍ଲାଃ** ।

**(ସମ୍ପାଦକ ମଣ୍ଡଳୀ, ବଦର୍)**

## ପୃ-02 ରେ ବର୍ଣ୍ଣିତ ସମ୍ପାଦକୀୟର ଅବଶିଷ୍ଟାଂଶ...

(ଆସୀନ) ଅଟନ୍ତି ଏବଂ ଏହା ଏପରି ଏକ ଦେଶ ଯାହାକି ସର୍ବ ବୃହତ୍ ଆନ୍ତର୍ଜାତିକ ଶକ୍ତି ଅଟେ । ସେହି କାରଣରୁ ଆପଣଙ୍କୁ ଏପରି ନିଷ୍ପତ୍ତି ନେବାର ଅଧିକାର ରହିଛି । ଏହି ନିଷ୍ପତ୍ତି ନା କେବଳ ଆପଣଙ୍କ ଜାତିର ଭବିଷ୍ୟତ ଉପରେ ପ୍ରଭାବ ପକାଇବ ବରଂ ଆନ୍ତର୍ଜାତିକ ସ୍ତରରେ ମଧ୍ୟ ପ୍ରଭାବ ପକାଇବ.........ମୋର ଆପଣଙ୍କୁ ବରଂ ସମସ୍ତ ଆନ୍ତର୍ଜାତିକ ନେତା, ଉଚ୍ଚ ପଦସ୍ଥ ପଦାଧିକାରୀ ତଥା ପ୍ରତିଷ୍ଠିତ ବ୍ୟକ୍ତିମାନଙ୍କୁ ମଧ୍ୟ ଅନୁରୋଧ କି ଅନ୍ୟ ଜାତି ତଥା ରାଷ୍ଟ୍ରମାନଙ୍କର ମାର୍ଗଦର୍ଶନ କରିବା ନିମନ୍ତେ ଆପଣ ଶକ୍ତି ବ୍ୟବହାର କରିବା ପରିବର୍ତ୍ତେ ରାଜଦୂତ କାର୍ଯ୍ୟ, ରାଜନୈତିକ ଅବବୋଧ ଏବଂ ବୁଦ୍ଧିକୁ ବିନିଯୋଗ କରନ୍ତୁ। ବୃହତ୍ ଆନ୍ତର୍ଜାତିକ ଶକ୍ତି ଯଥା ଆମେରିକାକୁ ପୃଥିବୀରେ ଶାନ୍ତି ସ୍ଥାପନ କରିବା ନିମନ୍ତେ ନିଜର ସକାରାତ୍ମକ ଭୂମିକା ଗ୍ରହଣ କରିବା ଉଚିତ୍ ଓ କ୍ଷୁଦ୍ରରାଷ୍ଟ୍ରମାନଙ୍କର ଦୋଷ ତ୍ରୁଟିକୁ ଆଳ କରି ବିଶ୍ୱର ଶାନ୍ତି ଶୃଙ୍ଖଳା ବର୍ବାଦ କରିବା ଉଚିତ୍ ନୁହଁ......ଆପଣଙ୍କୁ ମୋର ସବିନୟ ଅନୁରୋଧ କି ସଂସାରର ବୃହତ୍ ଏବଂ କ୍ଷୁଦ୍ର ଶକ୍ତିମାନଙ୍କୁ ତୃତୀୟ ବିଶ୍ୱ ଯୁଦ୍ଧର ଅଗ୍ନିକୁ ପ୍ରଜ୍ୱଳିତ କରିବାରୁ ନିବୃତ୍ତ ରଖିବା ନିମନ୍ତେ ନିଜର ସକଳ ସାମର୍ଥ୍ୟକୁ ବିନିଯୋଗ କରନ୍ତୁ । ଯଦି ଆମେମାନେ ଶାନ୍ତି ସ୍ଥାପନ କରିବାରେ ବିଫଳ ରହିଲୁ ତେବେ ନିଃସନ୍ଦେହ ରୂପେ ଏହି ଯୁଦ୍ଧ ଏସିଆ ଏବଂ ଇଉରୋପର କେବଳ ଗରିବ ଦେଶ ପର୍ଯ୍ୟନ୍ତ ସୀମିତ ରହିବା ନାହିଁ ବରଂ ଆମମାନଙ୍କର ଆଗାମୀ ବଂଶଧର ତଥା ପିଢୀମାନେ ମଧ୍ୟ ଏହାର କ୍ଷତି ସହ୍ୟ କରିବେ । ଯେତେବେଳେ ଆଣବିକ ଯୁଦ୍ଧ ଯୋଗୁଁ ପୃଥିବୀ ବ୍ୟାପୀ ଭିନ୍ନକ୍ଷମ ଓ ବିକଳାଙ୍ଗ ଛୁଆମାନେ ଜନ୍ମଗ୍ରହଣ କରିବେ ସେତେବେଳେ ଆଗାମୀ ବଂଶଧରମାନେ ଏହି ଆନ୍ତର୍ଜାତିକ ବିନାଶର କାରଣ ହୋଇଥିବା ନିଜର ପୃତ ପିତାମହମାନଙ୍କୁ କେବେ ବି କ୍ଷମା କରିବେ ନାହିଁ......ଅଲ୍ଲାଃତାଲା ଆପଣଙ୍କୁ ଏବଂ ସମସ୍ତ ଆନ୍ତର୍ଜାତିକ ନେତାମାନଙ୍କୁ ଏହି ସନ୍ଦେଶକୁ ହୃଦୟଙ୍ଗମ କରିବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ । **ଆମିନ୍ ।" (ବିଶ୍ୱ ସଂକଟ ଓ ଶାନ୍ତିର ପଥ, ପୃ-175-175)**

ଏହି ଦିନମାନଙ୍କରେ ଏହା ଆବଶ୍ୟକ ଯେ, ଆପଣାମନେ ହ. ଅମୀରୁଲ୍ ମୁମିନିନ୍ ଅ.ବଙ୍କ ଉଦବୋଧନ ଓ ପତ୍ରକୁ ଅଧିକରୁ ଅଧିକ ପ୍ରକାଶିତ କରାଯାଉ । କାରଣ ସଂସାର ଶାନ୍ତିର ଦୂତଙ୍କ ଖଲିଫା (ଉତ୍ତରାଧିକାରୀ)ଙ୍କ କଲ୍ୟାଣମୟ ସ୍ୱର ପ୍ରତି କର୍ଣ୍ଣପାତ କରୁ । କାନ ଡେରି ଶୁଣୁ ।" ହୁଜୁର ଅନୱର୍ ଅ.ବ ପ୍ରତ୍ୟେକ ଶୁକ୍ରବାର ଦିନ ନିଜର ଖୁତବାରେ ଏଥି ସଂକ୍ରାନ୍ତରେ ଆହ୍ୱାନ ଜଣାଉଛନ୍ତି । ତେଣୁ ଏହା ଜରୁରୀ ଅଟେ ଯେ, ଆମ ଅହମଦିମାନଙ୍କୁ ନିୟମିତ ରୂପେ ଦୁଆ କରିବା ଉଚିତ୍ ଏବଂ ଈଶ୍ୱର ଚର୍ଚ୍ଚା ଆଡ଼କୁ ଧ୍ୟାନ ଦେବା ଉଚିତ୍ । କାରଣ ସଂସାରରୁ ଭୟ ଏବଂ ଅଶାନ୍ତିର ପରିବେଶ ଦୂରୀଭୂତ ହୋଇଯାଉ ଓ ସନ୍ଧି ତଥା ସକୁଶଳତାର ମଳୟ ପବନ ପୁଣିଥରେ ବହିବା ଆରମ୍ଭ ହୋଇଯାଉ ।

☆☆☆

## ପୃ-10 ରେ ବର୍ଣ୍ଣିତ ସିରତୁଲ୍ ମେହଦୀର ଅବଶିଷ୍ଟାଂଶ...

(28) بِسۡمِ اللّٰہِ الرَّحۡمٰنِ الرَّحِیۡمِ ମୌଲବୀ ଶେର୍ ଅଲୀ ସେହବ ମୋତେ କହିଲେ, ଯେତେବେଳେ ହ. ମସିହ୍ ମଉଦ୍ ଅ.ସଙ୍କ ଉପରେ କରମ୍ ଦୀନ ପକ୍ଷରୁ ଗୁର୍ଦ୍ଦାସପୁର ଠାରେ ମକଦ୍ଦମା ଦାଏର୍ ହୋଇଥିଲା ଏବଂ ଆପଣ ଅ.ସ ଗୁର୍ଦ୍ଦାସପୁର ଯାଇଥିଲେ। ଦିନେ ଦୈବାତ୍ ସମସ୍ତ ଲୋକେ କଚେରୀକୁ ଚାଲିଗଲେ କିମ୍ବା ଏଣେତେଣେ ହୋଇଗଲେ । **(ଅବଶିଷ୍ଟାଂଶ.....ପରବର୍ତ୍ତୀ ସଂଖ୍ୟାରେ)**

Printed & Published by: Jameel Ahmed Nasir on behalf of Nigran Board of Badar. Name of Owner: Nigran Board of Badar. And printed at Fazle-Umar Printing Press. Harchowal Road, Qadian, Distt. Gurdaspur-143516, Punjab. And published at office of the Weekly Badar Mohallah - Ahmadiyya, Qadian Distt. Gsp-143516, Punjab. India. Editor: Qamrul Haque Khan